


ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-01 ◆THURSDAY ◆25 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୧ ◆ଗୁରୁବାର ◆୨୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

**ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକୁ ବାରମ୍ବାର ପଲ୍ୟୁସନ ଚେକ୍ କରିବାରୁ କୋହଳ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ ସାର୍ଟିଫିକେଟ୍'ର ବୈଧତା ୧ ବର୍ଷରୁ ବୃଦ୍ଧି କରି ୩ ବର୍ଷ କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ। ଏହି ଅନୁଯାୟୀ, ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ସମ୍ପର୍କରେ ନୂତନ ନିୟମ ବିଚାର କରୁଛନ୍ତି। ବିଏସ୍-୬ ଯାନ ପାଇଁ ଏହାର ବୈଧତା ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

ପିୟୁସିସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ। ସୂତ୍ର ଅନୁଯାୟୀ, ବାଣିଜ୍ୟିକ ▶ପୃଷ୍ଠା-୧୦

## କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ



**ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ**

■ କୋଲକାତା, ୨୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ରାଜଧାନୀ କୋଲକାତାସ୍ଥିତ ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତି କମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

**ପିଲାଙ୍କ ପଢ଼ା ବହିରେ ତ୍ରୁଟି**


# ସରିଲା ତଦନ୍ତ; କାର୍ଯ୍ୟାନୁଷ୍ଠାନ କେବେ ?

## ସାର୍ବଜନୀନ ହେବ ତ ରିପୋର୍ଟ !

■ ଭୁବନେଶ୍ୱର, ୨୪।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିସନର ଦେଓ ରଞ୍ଜନ କୁମାର ସିଂହଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିର ଅବଧି ଆଜି ସରିଛି। ଦୀର୍ଘ ୭ ଦିନ ଧରି ତନାଘନା କରିବା ପରେ ପୁସ୍ତକ ପ୍ରସ୍ତୁତିରେ କାହାର ଭୂମିକା କ'ଣ ରହିଥିଲା ଓ କିଏ ଉତ୍ତରଦାୟୀ, କମିଟି ତାହା ଅନୁଧ୍ୟାନ କରିଛି। ଆଜି ସକାଳେ କମିଟିର ଅନ୍ୟତମ ସଦସ୍ୟ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକଙ୍କ ସହ ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ ପହଞ୍ଚି ତନାଘନା କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟ ଯାଞ୍ଚ କରିବା ପରେ ଏକାଧିକ ଫାଇଲ ନେଇଛନ୍ତି। ମୁଖ୍ୟତଃ କଣ୍ଟେଣ୍ଟ ପ୍ରସ୍ତୁତି ଓ ବିକଶିତ କରାଯାଇଥିବା ଦସ୍ତାବିଜ୍‌କୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ କମିଟି ଆସନ୍ତାକାଲି ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ସରିବା ପରେ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। କେଉଁ ଅଧିକାରୀଙ୍କ ବିରୋଧରେ କେବେ ଓ କ'ଣ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ କ୍ଷମତା କରିଡରରେ ଆଲୋଚନା ଜୋର୍ ଧରିଛି। ଦିନକୁ ଦିନ ପୁସ୍ତକରେ ଥିବା ମାଳମାଳ ତ୍ରୁଟି ଲୋକଲୋଚନକୁ ଆସୁଥିବାରୁ ସରକାର ଅଙ୍କଳରେ ▶ପୃଷ୍ଠା-୧୦

## ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ !




■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସବୁ ମହଲରେ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢ଼ାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜ ଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ▶ପୃଷ୍ଠା-୧୦

**ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ**

## ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସିନେଟ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଏକ ବିଲ୍ ପାରିତ କରିଛି। ମଙ୍ଗଳବାର ସିନେଟରେ ହୋଇଥିବା ଏହି ଭୋଟିଂରେ ରାଷ୍ଟ୍ରପତିଙ୍କ ନିଜ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ ବଳ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ହୋଇଥିବା ସଂଘର୍ଷକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ଟ୍ରମ୍ପଙ୍କ ଦଳର କିଛି ସଦସ୍ୟ ମଧ୍ୟ ଏହି ଯୁଦ୍ଧକୁ ସମର୍ଥନ କରୁନଥିବା ଏହି ଭୋଟିଂରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ଇରାନ ସହିତ ଏକ ଶାନ୍ତି ଚୁକ୍ତି ପାଇଁ ▶ପୃଷ୍ଠା-୧୦

## ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ



**ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ**

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

**ବାଣ ଭିଡ଼ିବା ବେଳେ ବିସ୍ଫୋରଣ**

## ପୁଅ ମୃତ; ବାପା, ମାଆ ଗୁରୁତର



■ ସାନଖେମୁଣ୍ଡି ୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ପୁଅର ମୃତ ହୋଇଥିବା ବେଳେ ବାପା ମାଆ ଗୁରୁତର ହୋଇଥିବା ନିଜର ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୃତକ ପୁଅ ଜଣଙ୍କ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ପରିବାର ଘରେ ଥିବା ବେଳେ ହଠାତ୍ ଘରେ ଥିବା ବାଣ ଗୁଡିକ ଫୁଟି ଯାଇଥିଲା ଫଳରେ ଘରେ ଥିବା ଆକାଶ ଦାସଙ୍କ ମୃତ ହୋଇଥିବା ବେଳେ ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତ୍ତର ଆହତ ହୋଇଥିଲେ ଏବଂ ଘରର ଚାଳ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ▶ପୃଷ୍ଠା-୧୦

**ରଥ ପୂର୍ବରୁ ପୁରୀ ଅଶାନ୍ତ**

## ହୋଟେଲ ମାଲିକଙ୍କୁ ହତ୍ୟା


ଅଭିଯୁକ୍ତକୁ ପୁଲିସ୍‌ର ଏନ୍‌କାଉଣ୍ଟର

■ ପୁରୀ, ୨୪।୬ (ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତ ଚଳାଇଥିବା ବେଳେ ଅଶାନ୍ତ ହୋଇପଡ଼ିଛି ପୁରୀ। ଆଇନ ଶୃଙ୍ଖଳା ପାଇଁ ତୁହାକୁ ତୁହା ବୈଠକ ଚାଲିଥିବା ବେଳେ ଅପରାଧୀମାନେ ଏହାକୁ ଖୋଲାଖୋଲି ଚାଲେଞ୍ଜ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ଏହା ସ୍ପଷ୍ଟ ହୋଇଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଏନକାଉଣ୍ଟର କରିଛି। ହତ୍ୟାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଛି ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପେଡ଼ିଛି। ଅଭିଯୁକ୍ତ ▶ପୃଷ୍ଠା-୧୦




**ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ**

# ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

**ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ**

**ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳତଳିଆଙ୍କୁ ବଳି**

■ ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ନିଶା ବଟିକା ଓ କଫସିରପ୍ ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ୍ୟ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ୍ୟ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ▶ପୃଷ୍ଠା-୧୦

## ୪ରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟି; ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ

ତେହେରାନ, ୨୪।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଜୁଲାଇ ୪ରୁ ଏହି ଶୋକ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ। ଗତ ଫେବୃଆରୀ ୨୮ରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବାୟୁସେନା ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମାର୍ଚ୍ଚ ୪ରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ହେବାର ଥିଲା। କିନ୍ତୁ ଯୁଦ୍ଧ ପରିସ୍ଥିତି ଏବଂ ପ୍ରବଳ ଜନସମାଗମ ଆଶଙ୍କାରେ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ କି ନାହିଁ ସେ ନେଇ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।

## ସଂସଦରେ ଅଫିସ ହରାଇବ 'ସେନା'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୭ ଜଣ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏହାପରେ ଦଳ ସଂସଦ ଭବନ ପରିସରରେ ଥିବା ଦଳୀୟ କାର୍ଯ୍ୟାଳୟ ହରାଇବା ସ୍ଥିତିରେ ପହଞ୍ଚିଛି। ଉଦ୍ଧବଙ୍କ ଶିବସେନାର ସଦସ୍ୟ ସଂଖ୍ୟା ୩କୁ ଖସିଛି। ନିୟମ ଅନୁଯାୟୀ, ଦଳର ୫ କିମ୍ବା ଊର୍ଦ୍ଧ୍ୱ ସଂସଦ ଥିଲେ ହିଁ ସଂସଦ ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିବସେନା (ୟୁବିଟି) ର ସଂସଦୀୟ କାର୍ଯ୍ୟାଳୟ ପୁରୁଣା ସଂସଦ ଭବନ ବା 'ସମ୍ବିଧାନ ସଦନ'ର ରୁମ୍ ନମ୍ବର ୧୨୮ଏରେ ପରିଚାଳିତ ହେଉଛି।


ମୁମ୍ବାଇ


ଅରୁଣାଚଳ ପ୍ରଦେଶ

# ମୁମ୍ବାଇ ବେହାଲ, ଅରୁଣାଚଳରେ ବର୍ଷାର ତାଣ୍ଡବ

- ମୁମ୍ବାଇ ଜଳବନ୍ଦୀ, ବସ-ଟ୍ରେନ ସେବାରେ ବାଧା
- ଅରୁଣାଚଳରେ ବନ୍ୟା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ, ଭାସିଗଲା ଘର

ମୁମ୍ବାଇ, ୨୪।୬ (ଏଜେନ୍ସି): ପ୍ରାୟ ୧୩ ଦିନ ବିଳମ୍ବରେ ମୁମ୍ବାଇରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ପହଞ୍ଚିଛି। ମାତ୍ର ପ୍ରଥମ ଦିନରେ ହିଁ ସହରରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇର କେତକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଫଳରେ ସମଗ୍ର ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ରେଳ ଓ ସଡ଼କ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇର ଜୀବନରେଖା କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ରେଳବାଇର କେତକ ଷ୍ଟେସନରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ରେଳ ଧାରଣା ଧସିଯାଇଥିବା ସୂଚନା ମିଳିଛି। ଫଳରେ ଥାନେ-ୱାଶି ସେକ୍ସନରେ ଟ୍ରେନ୍ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା। ପଶ୍ଚିମ ରେଳବାଇ ସେବା ସ୍ୱାଭାବିକ ଥିଲେ ମଧ୍ୟ ଯାତ୍ରୀମାନେ ପ୍ରବଳ ଭିଡ଼ ଓ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଅନ୍ଧେରୀ ସବୱେକୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ମାଲଭାନୀ ଫାୟାର ଷ୍ଟେସନରେ ସର୍ବାଧିକ ୩୩୪ ମିଲିମିଟର ଏବଂ ଏଫ-ସାଉଥ ୱାର୍ଡରେ ୩୨୮ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁଁ ଭିଖ୍ରୋଲି ପଶ୍ଚିମରେ ଏକ ଆବାସିକ କୋଠାର କାନ୍ଥ ଭୁଶୁଡି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାନବାହାନ ନଷ୍ଟ ହୋଇଥିବା ଖବର ମଧ୍ୟ ମିଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଓ ପାଲଘର ପାଇଁ ପୂର୍ବରୁ ଜାରି କରାଯାଇଥିବା ରେଡ୍ ଆଲର୍ଟକୁ ପରେ ଅରେଞ୍ଜ ଆଲର୍ଟରେ ପରିବର୍ତ୍ତନ କରାଯାଇଛି। ସମୁଦ୍ରରେ ଜୁଆର ଆସିବା ସମ୍ଭାବନା ଥିବାରୁ ବିଏମ୍‌ସି ଓ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଅରୁଣାଚଳ ପ୍ରଦେଶର କେତକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ବ୍ୟାପକ ଧ୍ୱଂସଲୀଳା ରଚିଛି। ରାଜ୍ୟର ଲୋୟର ସୁବନସିରି ଏବଂ କେୟି ପାନ୍‌ୟୋର ଜିଲ୍ଲାରେ ମାତ୍ର କେଇ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଏହାସହ ଘରଦ୍ୱାର, ଭିତ୍ତିଭୂମି ଓ ଚାଷଜମିର ବହୁଳ କ୍ଷୟକ୍ଷତି ଘଟିଛି। କେୟି ପାନ୍‌ୟୋର ଜିଲ୍ଲାର ୟାଜାଲି ସ୍ଥିତ ଏକ କଲୋନୀରେ ବନ୍ୟା ଜଳ ପ୍ରବେଶ କରି ୧୫ଟି ଆବାସିକ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି। ଏହା ସହିତ ଏକ ପ୍ରମୁଖ ହାଇୱେ ବ୍ରିଜ୍ ବନ୍ୟା ଜଳରେ ଭାସିଯାଇଛି। ତେଣୁ ସେହି ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମଗୁଡିକରେ ମଧ୍ୟ ବନ୍ୟା ଯୋଗୁଁ ବହୁ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଚାଷ କାର୍ଯ୍ୟ ମଧ୍ୟ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ବ୍ୟାପକ ଫଳ ବଗିଚା ଗୁଡ଼ିକ ବନ୍ୟା ଜଳରେ ଧୋଇଯାଇଛି।

## ଫ୍ରାନ୍ସ ମହୋତ୍ସବରେ ଦୁଷ୍କର୍ମ, ସିରିଞ୍ଜ୍ ଆକ୍ରମଣ



ପ୍ୟାରିସ୍, ୨୪।୬ (ଏଜେନ୍ସି): ଫ୍ରାନ୍ସର ପାରମ୍ପରିକ ବାର୍ଷିକ ସଙ୍ଗୀତ ମହୋତ୍ସବ 'ଫେଟେ ଡି ଲା ମ୍ୟୁଜିକ୍' ପାଳନ ଅବସରରେ ବ୍ୟାପକ ହିଂସା, ଦୁଷ୍କର୍ମ, ଅସଦାଚରଣ ଏବଂ ମହିଳାମାନଙ୍କୁ ସିରିଞ୍ଜରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗତ ରାତିରେ ପ୍ୟାରିସ୍ ସମେତ ଫ୍ରାନ୍ସର ବିଭିନ୍ନ ସହରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ତଥା ଅନ୍ୟ ଦେଶର ପର୍ଯ୍ୟଟକ ଯୋଗ ଦେଇଥିଲେ। ଏହି ସମୟରେ ପ୍ରାୟ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାସହ ଅନେକ ମହିଳାଙ୍କୁ ସିରିଞ୍ଜ୍‌ରେ ଫୋଡ଼ି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଅନେକ ମହିଳାଙ୍କ ସହ ଅସଦାଚରଣ, ଯୌନ ଉତ୍ପୀଡ଼ନ ଏବଂ ଛୁରାମାଡ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଭିଡ଼ ଭିତରେ ହଠାତ୍ ଛୁଞ୍ଚି ଫୋଡ଼ି ହେବା ପରେ କିଛି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସର 'ଚାଟେଲେଟ୍' ପରି କେତେକ ଅଞ୍ଚଳରେ ପ୍ରବଳ ଭିଡ଼ ଓ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଆତଙ୍କର ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ମୋଟ ୨୪୩ ଜଣଙ୍କୁ ବିଶୃଙ୍ଖଳା କରିବା ଅଭିଯୋଗରେ ଗିରଫ କରାଯାଇଛି।

## ଇରାନର 'ଜେଲିଫିସ୍' ଡ୍ରୋନ୍ ଆକ୍ରମଣ



ୱାସିଂଟନ/ତେହେରାନ, ୨୪।୬(ଏଜେନ୍ସି):ଇରାନ ସହିତ ସଂଘର୍ଷ ସମୟରେ ଗତ ଏପ୍ରିଲରେ ଆମେରିକାର ଶକ୍ତିଶାଳୀ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧ ବିମାନ ଖସିଥିଲା। ଏଥିରୁ ଉଦ୍ଧାର ହୋଇଥିବା ଆମେରିକୀୟ ପାଇଲଟ ବିମାନ ଖସିବା ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ତାଙ୍କ ଅନୁଯାୟୀ, ବିମାନଟି କୌଣସି ମିସାଇଲ୍ ଦ୍ୱାରା ନୁହେଁ, ବରଂ 'ଜେଲିଫିସ୍' ଭଳି ଦେଖାଯାଉଥିବା ଅତ୍ୟାଧୁନିକ ଡ୍ରୋନ୍ ସମୂହର ଆକ୍ରମଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦାବି ସତ୍ୟ ପ୍ରମାଣିତ ହେଲେ ଏହା ଇରାନର ଯୁଦ୍ଧ କୌଶଳର ନୂତନ ଦିଗ ଉନ୍ମୋଚିତ କରିବ। ପାଇଲଟଙ୍କ ସୂଚନା ଅନୁସାରେ, ଆକାଶରେ ଅନେକ ଗୁଡ଼ିଏ ଡ୍ରୋନ୍ ଏକାଠି ଗତି କରୁଥିଲେ। ଏହା ଦୂରରୁ ସାମୁଦ୍ରିକ 'ଜେଲିଫିସ୍' ଭଳି ଦେଖାଯାଉଥିଲା। ଏଥିରେ ଏକ ବଡ଼ 'ମଦରଶିପ୍' ଡ୍ରୋନ୍ ଉପରେ ରହିଥିବା ବେଳେ ତା' ତଳେ ଅନେକ ଛୋଟ ଡ୍ରୋନ୍ ଗୋଡ଼ ଭଳି ଝୁଲି ରହିଥିଲେ। ପାଇଲଟ୍ ଏହାକୁ 'ପୁରା ଏଲିଅନ୍ସ (ଅନ୍ୟ ଗ୍ରହର ଜୀବ) ମାନଙ୍କ କାମ ଭଳି ବୋଲି ବର୍ଣ୍ଣନା କରିଛନ୍ତି। ଏହି ଡ୍ରୋନ୍ ସମୂହ ଆକାଶରେ ଏକ 'ମାଇନଫିଲ୍ଡ' ଭଳି କାମ କରନ୍ତି, ଯାହା ଶତ୍ରୁ ପକ୍ଷର ବିମାନକୁ ଘେରିଯାଇ ଆକ୍ରମଣ କରିଥାନ୍ତି। ଏଗୁଡ଼ିକ କମ୍ ଉଚ୍ଚତାରେ ଉଡ଼ିପାରୁଥିବାରୁ ରାଡାର ଏବଂ ଏୟାର୍ ଡିଫେନ୍ସ ସିଷ୍ଟମ୍ ପକ୍ଷରେ ଏହାକୁ ଚିହ୍ନଟ କରିବା ବଡ଼ ଆହ୍ୱାନ ହୋଇଥାଏ। ଏହାର ଅଦ୍ଭୁତ ଆକୃତି ଶତ୍ରୁ ପାଇଲଟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ବିଶେଷଜ୍ଞଙ୍କ ମତରେ, ଏହି ସମୂହରୁ କିଛି ଡ୍ରୋନ୍ ନଷ୍ଟ ହେଲେ ମଧ୍ୟ ଅନ୍ୟ ଡ୍ରୋନ୍ ଗୁଡ଼ିକ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ କରି ଆକ୍ରମଣ ଜାରି ରଖିପାରନ୍ତି। ପୂର୍ବରୁ ଏହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ ଚୀନ୍ ଏବଂ ରୁଷିଆ ପାଖରେ ଥିବା ବିଶ୍ୱାସ କରାଯାଉଥିଲା।

## ଗ୍ରୀଷ୍ମ ତାଣ୍ଡବ; ପାଣିରେ ବୁଡ଼ି ୪୦ ମୃତ



ଲଣ୍ଡନ,୨୪।୬(ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଫ୍ରାନ୍ସରେ ଅତ୍ୟଧିକ ଗରମ ଯୋଗୁଁ ୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ସ୍ପେନ, ଇଟାଲୀ, ବ୍ରିଟେନ, ଫ୍ରାନ୍ସ ସମେତ ୧୪ଟି ଦେଶରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଫ୍ରାନ୍ସରେ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ନଦୀ, ହ୍ରଦ ଓ କେନାଲରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଣିରେ ବୁଡ଼ି ୪୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।। ପରିସ୍ଥିତି ଏତେ ଗମ୍ଭୀର ହୋଇଛି ଯେ ଫ୍ରାନ୍ସର ଗୋଲଫେଶ ପରମାଣୁ ବିଦ୍ୟୁତ କେନ୍ଦ୍ରକୁ ବନ୍ଦ କରିବାକୁ ପଡ଼ିଛି। ୧୩୫୦ରୁ ଅଧିକ ବିଦ୍ୟାଳୟ ବନ୍ଦ କରାଯାଇଛି। ପ୍ୟାରିସ ସମେତ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ୨୦୦୩ ମସିହା ଗ୍ରୀଷ୍ମ ପ୍ରବାହ ସହ ସମାନ ହୋଇଛି। ତେବେ ୨୦୦୩ରେ ୧୬ ଦିନ ଧରି ଚାଲିଥିବା ଭୟଙ୍କର ଗରମରେ ପ୍ରାୟ ୧୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା।

# ତେଜୁଛି ରାମ ମନ୍ଦିର ଚାନ୍ଦା ଚୋରି ବିବାଦ

- ଏସ୍‌ଆଇଟି ରିପୋର୍ଟରେ ୧୭ ଜଣଙ୍କ ନାମ
- ଏଫ୍‌ଆଇଆର୍ ଦାଖଲ ପାଇଁ ସୁପାରିସ
- ସନ୍ଦେହ ଘେରରେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟ



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରରେ ସାତ କୋଟି ଟଙ୍କାର ଦାନ ଓ ଦକ୍ଷିଣା ଚୋରି ମାମଲା ଦିନକୁ ଦିନ ବିସ୍ଫୋରକ ହେବାରେ ଲାଗିଛି। ପ୍ରଭୁ ରାମଙ୍କ ନାମରେ ଆସିଥିବା କୋଟି କୋଟି ଟଙ୍କା ଘୋଟାଲାରେ ମନ୍ଦିର ଟ୍ରଷ୍ଟର ଅନେକ ବଡ଼ ବଡ଼ କର୍ମକର୍ତ୍ତା ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଦ୍ୱାରା ଗଠିତ ଏସ୍‌ଆଇଟି ଇତିମଧ୍ୟରେ ଯେଉଁ ପ୍ରାଥମିକ ରିପୋର୍ଟ ଦେଇଛି, ତାହା ସମସ୍ତଙ୍କର ହୋସ୍ ଉଡ଼ାଇ ଦେଇଛି। ଏଥିରେ ୧୭ ଜଣଙ୍କୁ ଅଭିଯୁକ୍ତ କରାଯିବା ସହିତ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର ଦାଖଲ ପାଇଁ କୁହାଯାଇଛି। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏଫଆଇଆର ଦାଖଲ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟରେ ଯେଉଁ ୧୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କ ମଧ୍ୟରେ ରାମ ଜନ୍ମଭୂମି ଟ୍ରଷ୍ଟର ଅନେକ ବରିଷ୍ଠ ଓ ପ୍ରଭାବଶାଳୀ କର୍ମକର୍ତ୍ତା ଥିବା କୁହାଯାଉଛି। ମନ୍ଦିର ଟ୍ରଷ୍ଟ ଭାଙ୍ଗି ନୂଆ ପ୍ରଶାସକ ନିଯୁକ୍ତ ଲାଗି ମଧ୍ୟ ଏସ୍‌ଆଇଟି ସୁପାରିସ କରିଥିବା ଜଣପେଡ଼ିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅଯୋଧ୍ୟାରେ ପ୍ରାରମ୍ଭିକ ସରଜମିନ ଯାଞ୍ଚ ପରେ ଏସଆଇଟି ଯେଉଁ ରିପୋର୍ଟ ଦେଇଛି, ସେଥିରେ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଏବଂ ତାଙ୍କର ଅନେକ ସହଯୋଗୀଙ୍କ ନାମ ରହିଛି। ରିପୋର୍ଟରେ ୧୫୦ରୁ ଅଧିକ ସେବାଦାର ଏବଂ କର୍ମଚାରୀଙ୍କୁ ସନ୍ଦିଗ୍ଧ ତାଲିକାରେ ରଖିବା ସହିତ ସେମାନଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର ଦାଖଲ କରିବାକୁ କୁହାଯାଇଛି। ମନ୍ଦିର ଦାନ ବାକ୍ସର ଚାବି ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବ ପାଖରୁ ମିଳିଛି। ଟିନ୍ନୁ ହେଉଛି ଚମ୍ପତ ରାୟଙ୍କ ଡ୍ରାଇଭର। ତାଙ୍କ ଘରୁ ମଧ୍ୟ ବିପୁଳ ପରିମାଣର ସଂପତ୍ତି ଜବତ ହୋଇଥିବାର ଖବର ମିଳିଛି। ଟିନ୍ନୁ ଜଣେ ଟେମ୍ପୋ ଡ୍ରାଇଭର ଥିଲେ। ରାମ ମନ୍ଦିର ନିର୍ମାଣ ଆରମ୍ଭ ବେଳେ ସେ ଚମ୍ପତ ରାୟଙ୍କ ଗାଡ଼ି ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସଂପତ୍ତି ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିଛି। ଜଣେ ଗାଡ଼ି ଡ୍ରାଇଭର ପାଖରେ ଦାନ ବାକ୍ସଗୁଡ଼ିକର ଚାବି କେମିତି ଆସିଲା ବୋଲି ଏସ୍‌ଆଇଟି ପ୍ରଶ୍ନ କରିଛି। କେବଳ ଟିନ୍ନୁ ନୁହେଁ, ଟ୍ରଷ୍ଟର ଅନେକ କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଭାଗ୍ୟ ମଧ୍ୟ ବଦଳିଯାଇଛି। ରାତାରାତି ସେମାନେ କୋଟିପତି ହୋଇଯାଇଛନ୍ତି। ଚମ୍ପତ ରାୟଙ୍କର ଆଉ ଜଣେ ସହଯୋଗୀ ଫୁଲକାନ୍ତ ମିଶ୍ରଙ୍କ ସଂପତ୍ତି ମଧ୍ୟ ସନ୍ଦିଗ୍ଧ ଭାବେ ରାତାରାତି କୋଟି କୋଟି ଟଙ୍କା ହୋଇଯାଇଛି। ଏହି ସମସ୍ତ ଘୋଟାଲାର ମୁଖ୍ୟ କାର୍ପଟଦାର ଚମ୍ପତ ରାୟ ବୋଲି ବିରୋଧୀମାନେ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିର ନିର୍ମାଣ ଦିନ ଠାରୁ ଟ୍ରଷ୍ଟରେ ଏଭଳି ଘୋଟାଲା ଚାଲିଥିବା ନେଇ ଅନେକ ସେବାଦାର ଜାଣିଥିଲେ। କିନ୍ତୁ ଏଥିରେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିବାରୁ ଏହା ବିରୋଧରେ ସେମାନେ ମୁହଁ ଖୋଲୁନଥିଲେ। ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିରରୁ ୧୨୫୦ଟି ସୁନା, ରୁପା ଓ ହିରା ଖଚିତ ଏବଂ ଅଷ୍ଟଧାତୁ ଇଟା ମଧ୍ୟ ଗାଏବ ହୋଇଯାଇଛି।

## ସୀମାରେ ପାକିସ୍ତାନର ସାମରିକ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଥିବା ବେଳେ ସୀମାରେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିଛି। ପାକିସ୍ତାନ ସେନାର ୮ମ ବ୍ରିଗେଡ୍ ନିୟନ୍ତ୍ରଣ ରେଖା ନିକଟରେ ୩୫ଟି ଆଣ୍ଟି-ଡ୍ରୋନ୍ ୟୁନିଟ୍ ମୁତୟନ କରିଛି। ସୀମାରେ ନଜର ରଖିବା ଓ ଶତ୍ରୁପକ୍ଷକୁ ଟାର୍ଗେଟ୍ କରିବା ପାଇଁ ଏଆଇ କ୍ଷମତା ସମ୍ପନ୍ନ ଫେନସିଂ କରିଛି। ବାଲୋଚିସ୍ତାନ ଓ ଖାଇବର ପଖ୍ତୁନଖ୍ୱାରେ ଦୁଇଟି ନୂତନ ଏୟାରବେସ୍ ନିର୍ମାଣ ହେଉଛି। ଚୀନ ପାକିସ୍ତାନକୁ ୩୬ଟି ଜେ ସିରିଜ୍ ମଲ୍ଟିରୋଲ୍ ଯୁଦ୍ଧ ବିମାନ ଯୋଗାଇ ଦେଇଛି ଏବଂ ୫ମ ପିଢ଼ିର ଜେ-୩୫ ଷ୍ଟେଲଥ୍ ଫାଇଟର ଜେଟ୍ ମଧ୍ୟ ମିଳିବାର ସମ୍ଭାବନା ରହିଛି।

## ପାକିସ୍ତାନ ସୀମାରେ ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଦିଲ୍ଲୀରୁ ଅମୃତସର ଯାଉଥିବା ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଅଳ୍ପ ସମୟ ପାଇଁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିଥିବା ଜଣାପଡ଼ିଛି। ଅମୃତସରରେ ଅବତରଣ କରିବା ପାଇଁ 'ଗୋ-ଆରାଉଣ୍ଡ' କରିବା ବେଳେ ଏପରି ଘଟିଥିବା ଏୟାରଲାଇନ୍ସ ବୁଧବାର ସ୍ପଷ୍ଟ କରିଛି। ଏୟାର ଇଣ୍ଡିଆର ବିମାନ ଏଆଇ୪୭୯ ଅଟ୍ଟାରୀ ନିକଟରେ ଥିବା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ପାକିସ୍ତାନ ସୀମା ମଧ୍ୟରେ ପ୍ରାୟ ୨ମିନିଟ ଯାଏଁ ରହିଥିଲା। ତୁରନ୍ତ ପୁଣି ଭାରତୀୟ ସୀମାକୁ ଫେରି ଆସିଥିଲା।

## ଶୁଭେନ୍ଦୁଙ୍କ ପ୍ରଶଂସାରେ ଶତମୁଖ ମହୁଆ



କଲିକତା, ୨୪।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ଟିଏମ୍‌ସିର ଶକ୍ତିଶାଳୀ ନେତ୍ରୀ ତଥା ସାଂସଦ ମହୁଆ ମୈତ୍ର, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ମହୁଆ, ଶୁଭେନ୍ଦୁଙ୍କ ସହ ତାଙ୍କର ବେଶ୍ ଭାବପ୍ରବଣ ସମ୍ପର୍କ ଥିବା କଥା ବୁଧବାର କହିଛନ୍ତି। ବିବିସିକୁ ଦେଇଥିବା ଏକ ସାକ୍ଷାତକାରରେ ମହୁଆ କହିଛନ୍ତି ଯେ, ୨୦୧୪ରେ ତାଙ୍କୁ ଲୋକସଭା ଟିକେଟ ମିଳିନଥିଲା। ସେହି ସମୟରେ ସେ ଦୁଃଖରେ ଭାଙ୍ଗିପଡ଼ି ସାରା ରାତି କାନ୍ଦିଥିଲେ। ସେତେବେଳେ କେବଳ ଶୁଭେନ୍ଦୁ ହିଁ ତାଙ୍କୁ ସାନ୍ତ୍ୱନା ଦେବା ସହ ସାହାଯ୍ୟର ହାତ ବଢ଼ାଇଥିଲେ। ଏପରିକି ୨୦୧୬ରେ ମଧ୍ୟ ସେ କରିମପୁରରୁ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ଦଳର କୌଣସି ବରିଷ୍ଠ ନେତା ତାଙ୍କ ପାଇଁ ପ୍ରଚାର କରିବାକୁ ଆସିନଥିଲେ। କିନ୍ତୁ କେବଳ ଶୁଭେନ୍ଦୁ ହିଁ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିଥିଲେ। ବର୍ତ୍ତମାନ ଟିଏମସି ମଧ୍ୟରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମହୁଆ ବିଜେପିର କାର୍ଯ୍ୟଶୈଳୀ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଟିଏମସିରୁ ଅଯୋଗ୍ୟ ନେତା ମାନଙ୍କୁ ବାହାର କରି ଦଳର ଶୁଦ୍ଧିକରଣ କରିଥିବାରୁ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମହୁଆ ଶୁଭେନ୍ଦୁଙ୍କୁ ପ୍ରଶଂସା କରିଛନ୍ତି, ତଥାପି ସେ ତୃଣମୂଳ କଂଗ୍ରେସ ଛାଡ଼ିବା କିମ୍ବା ଦଳ କଂଗ୍ରେସ ସହ ମିଶ୍ରଣ ହେବା ଖବରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

## ୟୁକ୍ରେନରେ ଭାରତୀୟ ସେନା ମୁତୟନ ପ୍ରସ୍ତାବକୁ ହସରେ ଉଡ଼ାଇଲେ ଟ୍ରମ୍ପ

ୱାସିଂଟନ, ୨୪।୬(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଶାନ୍ତି ରକ୍ଷାକାରୀ ମିଶନ ପାଇଁ ଭାରତୀୟ ସେନାଙ୍କୁ ମୁତୟନ କରିବାକୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହସରେ ଉଡ଼ାଇ ଭାରତ ଏଥିପାଇଁ କେବେ ଅର୍ଥ ନଷ୍ଟ କରିବ ନାହିଁ ବୋଲି କହିଥିଲେ। ଦି ନ୍ୟୁୟର୍କ ଟାଇମ୍ସର ସାମ୍ବାଦିକ ମ୍ୟାଗି ହାବରମ୍ୟାନ ଏବଂ ଜୋନାଥନ ସ୍ୱାନଙ୍କ ଦ୍ୱାରା ଲିଖିତ 'ରେଜିମ ଚେଞ୍ଜ' (ସତ୍ତା ପରିବର୍ତ୍ତନ) ନାମକ ପୁସ୍ତକରେ ଏହି ଦାବି କରାଯାଇଛି। ୨୦୨୫ରେ ଓଭାଲ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁକ୍ରେନକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ କେଲଗ ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ପରି ୟୁରୋପୀୟ ଦେଶଗୁଡ଼ିକରୁ ଶାନ୍ତି ରକ୍ଷାକାରୀ ବାହିନୀ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜେଡି ଭାନ୍ସ ଯୁକ୍ତି ବାଢିଥିଲେ ଯେ, ନାଟୋ ସଦସ୍ୟ ଦେଶଙ୍କ ସେନା ୟୁକ୍ରେନରେ ମୁତୟନ ହେଲେ ରୁଷ ଏହାକୁ ବିପଦ ଭାବେ ଗ୍ରହଣ କରିବ। ଏହାର ବିକଳ୍ପ ଭାବେ ଭାନ୍ସ ଭାରତ ଏବଂ ସାଉଦି ଆରବ ପରି ଅଣ-ୟୁରୋପୀୟ ଦେଶଗୁଡ଼ିକୁ ଏହି ଦାୟିତ୍ୱ ଦେବାକୁ କହିଥିଲେ। ପୁସ୍ତକ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସ୍ତାବ ଶୁଣି ହସିଥିଲେ ଏବଂ କହିଥିଲେ, 'ଭାରତୀୟମାନେ ଏହା କରିବେ ନାହିଁ। ସେମାନେ ଏଭଳି କୌଣସି କାମ ପାଇଁ ଅର୍ଥ ଦେବେ ନାହିଁ'। ତେବେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।



## ନ୍ୟୁୟର୍କ ସିଟିରେ ଭାରତୀୟ କିଶୋରଙ୍କ ସ୍ମୃତିରେ 'ରୋମାଞ୍ଚ୍‌ସ ଲ'

ନ୍ୟୁୟର୍କ, ୨୪।୬(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ୍ ପାର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୮ ବର୍ଷୀୟ ଭାରତୀୟ କିଶୋର ରୋମାଞ୍ଚ ମହାଜନଙ୍କ ସମ୍ମାନାର୍ଥେ ସହରର ଘୋଡ଼ା ଗାଡ଼ି ନିଷେଧ ବିଲ୍‌ର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ରାଇଡର୍ସ ଲ' ନାମରେ ଜଣାଶୁଣା ଏହି ବିଲ୍ ଏବେ 'ରୋମାଞ୍ଚ୍‌ସ ଲ' ଭାବେ ନାମିତ ହୋଇଛି। ଗତ ସପ୍ତାହରେ ସେଣ୍ଟ୍ରାଲ୍ ପାର୍କରେ ରୋମାଞ୍ଚ ତାଙ୍କ ପରିବାର ସହ ଘୋଡ଼ା ଗାଡ଼ିରେ ଭ୍ରମଣ କରୁଥିଲେ। ଏହି ସମୟରେ ଘୋଡ଼ାଟି କୌଣସି କାରଣରୁ ଡରିଯାଇ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଥିଲା। ଫଳରେ ରୋମାଞ୍ଚଙ୍କ ମାଆ ଗାଡ଼ିରୁ ପଡ଼ିଯାଇଥିଲେ ଏବଂ ତାଙ୍କୁ ରକ୍ଷା କରିବା ପାଇଁ ରୋମାଞ୍ଚ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନ୍ୟୁୟର୍କ ସିଟି କାଉନସିଲ୍ ସଦସ୍ୟ କ୍ରିଷ୍ଟୋଫର ମାର୍ଟେ ସୋମବାର ଆୟୋଜିତ ଏକ ଶୋକସଭାରେ ଏହି ନାମ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ସହରରେ ନୂତନ ଘୋଡ଼ା ଗାଡ଼ି ଲାଇସେନ୍ସ ପ୍ରଦାନ ବନ୍ଦ କରାଯିବ ଏବଂ ୨୦୨୮ ଜୁନ୍ ୧ ସୁଦ୍ଧା ଏହି ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯିବ। ପୂର୍ବରୁ ଏହି ବିଲ୍ 'ରାଇଡର୍' ନାମକ ଏକ ୨୬ ବର୍ଷୀୟ ଘୋଡ଼ାର ନାମରେ ନାମିତ ଥିଲା। ୨୦୨୨ରେ କାର୍ଯ୍ୟରତ ଅବସ୍ଥାରେ ରାଇଡର୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସୂଚନାଯୋଗ୍ୟ, ବିଗତ ୧୩ ମାସ ମଧ୍ୟରେ ୮ଟି ଘୋଡ଼ା ଜନିତ ଦୁର୍ଘଟଣା ଘଟିସାରିଛି।

## ୧୨୨.୪ ଡେସିବଲ୍ ତୀବ୍ରତାରେ ଚିତ୍କାର କରି ବିଶ୍ୱ ରେକର୍ଡ



କାନ୍‌ବେରା, ୨୪।୬(ଏଜେନ୍ସି): ଜଣେ ଅଷ୍ଟ୍ରେଲୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାର ବାସିନ୍ଦା ୫୮ ବର୍ଷୀୟ ଜୋସେଫ୍ ମ୍ୟାକଗ୍ରେଲ୍-ବ୍ୟାଟଅପ୍ ୧୨୨.୪ ଡେସିବଲ୍ ତୀବ୍ରତାରେ ନାଓ ଶବ୍ଦଟିକୁ ଚିତ୍କାର କରି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସଫଳତା ସହ ଜୋସେଫ୍ ପ୍ରାୟ ୩୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୯୯୪ରେ ଉତ୍ତର ଆୟର୍ଲାଣ୍ଡର ଜଣେ ଶିକ୍ଷୟିତ୍ରୀ ଆନାଲିସା ଫ୍ଲାନାଗାନ୍ ୧୨୧.୭ ଡେସିବଲ୍ ତୀବ୍ରତାରେ 'କ୍ୱାଏଟ୍' ଶବ୍ଦ ଚିତ୍କାର କରି ବିଶ୍ୱ ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଜୋସେଫ୍‌ଙ୍କ ଏହି ଚିତ୍କାରର ଶବ୍ଦ ଏକ ଚେନ୍-ସ (ମୋଟର କରତ), ନିକଟରେ ଯାଉଥିବା ଆମ୍ବୁଲାନ୍ସ ସାଇରନ୍ କିମ୍ବା ଏକ ଜେଟ୍ ବିମାନ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଶବ୍ଦ ସହ ସମାନ। ଜୋସେଫ୍ ପେଶାରେ ଜଣେ ଏୟାର କଣ୍ଡିସନର ମିସ୍ତ୍ରୀ ଭାବେ କାମ କରନ୍ତି। ଜୋସେଫ୍ କହିଛନ୍ତି ଯେ, ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ସମ୍ଭବ ନୁହେଁ। ଏହି ରେକର୍ଡ ପାଇଁ ତାଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱର ବସି ଯାଇଥିଲା। ତେବେ ଜୋସେଫ୍ ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ବ୍ୟକ୍ତି ଭାବେ ରେକର୍ଡ କରିଥିବା ବେଳେ ଫ୍ଲାନାଗାନ୍ ଏବେ ମଧ୍ୟ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ମହିଳା ଭାବେ ନିଜର ରେକର୍ଡ ବଜାୟ ରଖିଛନ୍ତି।

## ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘରକୁ ଗୁଳିମାଡ଼ ଘଟଣାରେ ୪ ଗିରଫ
# ବିଜେଡି ନେତା ଅଶୋକ ନନ୍ଦଙ୍କୁ ହତ୍ୟା ପାଇଁ ହୋଇଥିଲା ଯୋଜନା

ତରଭା,୨୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ ଏବଂ ବିଜେଡି ନେତା ଅଶୋକ ନନ୍ଦଙ୍କ ଘର ଉପରକୁ ଗତ ଶୁକ୍ରବାର ରାତିରେ ଗୁଳି ମାଡ଼ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବଲାଙ୍ଗିର ଗାନ୍ଧୀନଗରପଡ଼ାର ମୁନା ବାରିକ (୩୦), ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ସଂହାରପଡ଼ାର ଦୁର୍ବାସା ବେହେରା (୪୫), ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଲୁଡକିବେଡ଼ାର ଲୋକନାଥ ନାୟକ (୨୩) ଏବଂ ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ବ୍ରାହ୍ମଣୀପାଲିର ତନ୍ମୟ ବାଗ(୨୬)। ଏମାନଙ୍କଠାରୁ ୨ଟି ପିସ୍ତଲ, ୨୦ଟି ଗୁଳି, ୨ଟି ମୋବାଇଲ୍ ଫୋନ୍, ୨ଟି ଖଣ୍ଡା, ଗୋଟିଏ ଛୁରି ଜବତ ହୋଇଛି। ତଦନ୍ତ ସମୟରେ ପ୍ରଥମେ ତନ୍ମୟ ଏହି ଗୁଳିକାଣ୍ଡରେ ସାମିଲ ଥିବା ଜଣାପଡିଥିଲା। ତେଣୁ ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଅଶୋକଙ୍କ ସହ ତା'ର ଶତ୍ରୁତା ଥିବା ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଘଟଣା ଦିନ ସେ ଦୁର୍ବାସାର ପ୍ରାରୋଚନାରେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଅଶୋକଙ୍କୁ ଗିଳି କରି ହତ୍ୟା କରିବାକୁ ଯୋଜନା କରିଥିଲା। ସେଦିନ ରାତିରେ ସେମାନେ କାର୍‌ରେ ପହଞ୍ଚି ଅଶୋକଙ୍କୁ ଡାକିଥିଲେ। ଅଶୋକ ଘରୁ ବାହାରିବା ବେଳେ ସେମାନେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ; ଅଶୋକ କିନ୍ତୁ ବର୍ତ୍ତି ଯାଇଥିଲେ। ତାଙ୍କ ଘରର ଏଣେତେଣେ ଗୁଳି ବାଜିଥିଲା। ଏହାପରେ ସେମାନେ ଫେରାର୍ ହୋଇଯାଇଥିଲେ।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଅନୁଗୋଳ୨୪।୬(ସମିସ): ଜିଲ୍ଲାରେ ପୁଣି ଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ସକାଳେ ଅନୁଗୋଳ ସଦର ରେଞ୍ଜ ଶରଧାପୁର ଗାଁରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣରେ ଗୁଲ ସାହୁ (୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁଲ ସାହୁ ତାଙ୍କ ଭାଉଜ ହେଲେନ ସାହୁଙ୍କ ସହ ଗାଁ ନିକଟସ୍ଥ ଭାଲୁଖାଇ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଅଚାନକ ସେଠାରେ ଥିବା ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହେଲେନ କୌଶଳକ୍ରମେ ବର୍ତ୍ତି ଯାଇଥିବାବେଳେ ହାତୀଟି ଗୁଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗତ ସୋମବାର ଜଗନ୍ନାଥପୁରରେ ଜଣେ ହାତୀ ଜଗୁଆଳିଙ୍କ ମୃତ୍ୟୁର ଦୁଇ ଦିନ ପରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ବାରମ୍ବାର ହାତୀ ଆକ୍ରମଣ ଓ ବନବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଜେଲ୍ ଗଲେ କୋଟିପତି ନିର୍ବାହୀ ଯନ୍ତ୍ରୀ
# ଶ୍ରୀଲଙ୍କାରେ କରୁଥିଲେ ବେଟିଂ, ୧୧୯% ଆୟ ବହିର୍ଭୁତ ସମ୍ପତ୍ତି

ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକଙ୍କ ସମ୍ବଲପୁର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଓ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ ତାଙ୍କ ପାଖରେ ଆୟଠାରୁ ୪ କୋଟି ୩୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ସମ୍ପତ୍ତି ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଆଜି ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହାସହ ତଦନ୍ତ ସମୟରେ ତାଙ୍କ ପାଖରୁ ଏକ ପାସ୍‌ପୋର୍ଟ ଜବତ ହୋଇଛି। ଏଥିରୁ ଇଂ. ନାୟକ ଏକାଧିକ ବିଦେଶ ଗସ୍ତ କରିଥିବା ଜଣାପଡ଼ିଛି ଏବଂ ସେ ବିଶେଷକରି ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ (ଜୁଆ) ଏବଂ ବେଟିଂରେ ଲିପ୍ତ ଥିଲେ। ଏଥିରେ ସେ କେତେ ଟଙ୍କା ନିବେଶ କରିଛନ୍ତି ଏବଂ ଅନ୍ୟ ତଥ୍ୟ ସକାଶେ ଖୋଳତାଡ଼ ଚାଲିଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି।

ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ସକାଳ ୭ଟାରୁ ସମ୍ବଲପୁରରେ ଭଡ଼ାଘର ଓ କାର୍ଯ୍ୟାଳୟ ସମେତ କଟକ, ବାଲେଶ୍ୱର ଓ ମାଲକାନଗିରିରେ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ଶେଷ ହେବାପରେ ବୁଧବାର ସମ୍ପତ୍ତିର ଆକଳନ କରାଯାଇ ୪ କୋଟି ୩୫ ଲକ୍ଷ ଟଙ୍କାର ଅଧିକ ସମ୍ପତ୍ତି ଥିବା ଜଣାପଡ଼ିଛି। ଏହା ତାଙ୍କ ବୈଧ ଆୟର ପ୍ରାୟ ୧୧୯ ପ୍ରତିଶତ ଅଧିକ। ନିର୍ବାହୀ ଯନ୍ତ୍ରୀ ଇଂ. ନାୟକଙ୍କ ନାମ ସହିତ ତାଙ୍କ ପତ୍ନୀ ଓ ସନ୍ତାନମାନଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଯାହାକୁ ହିସାବ କଲେ ୫ କୋଟିରୁ ମଧ୍ୟ ଅଧିକ ହେବ। ବର୍ତ୍ତମାନ ସୁଦ୍ଧା ତାଙ୍କର ୧୮ ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି, ଯାହା ବାଲେଶ୍ୱର, ଯାଜପୁର ଜିଲାର କୋରେଇ ଥାନା ଅନ୍ତର୍ଗତ ରାସ୍ତା କଡ଼ରେ ଏବଂ କଟକର ବିଦ୍ୟାଧରପୁର ଭଳି ପ୍ରମୁଖ ସ୍ଥଳ ମାନଙ୍କରେ



**୪ କୋଟି ୩୫ ଲକ୍ଷର ଆୟବହିର୍ଭୂତ ସମ୍ପତ୍ତି**
**୧୮ ଟି ପ୍ଲଟ, ୩ ମହଲା ଘର, ବହୁ ଯାନବାହନ**
**ବିଦେଶ ଗସ୍ତ ଓ ଗ୍ୟାମ୍ବଲିଂକୁ ନେଇ ତଦନ୍ତ ଜାରି**

ରହିଛି। ଏହାବ୍ୟତୀତ କଟକରେ ଏକ ୩ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା ରହିଛି ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି। ତାଙ୍କ ପୈତୃକ ଗ୍ରାମରେ ଏକ ୨ ମହଲା ଏବଂ ଏକ ୧ ମହଲା ବିଶିଷ୍ଟ ୨ଟି କୋଠା ରହିଛି। ଇନ୍‌ସୁରେନ୍ସ ପଲିସି, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାର ମାର୍କେଟରେ ହୋଇଥିବା ବିପୁଳ ନିବେଶର ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି, ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇପାରେ। କଟକ ବାସଭବନ ଯାଞ୍ଚବେଳେ ସେଠାରୁ ଆମେରିକୀୟ ଡଲାର, ନେପାଳୀ ମୁଦ୍ରା, ବାହାରିନ୍‌ର ଦିନାର ଏବଂ ଶ୍ରୀଲଙ୍କାର ମୁଦ୍ରା ଆଦି ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କ ପାଖରୁ ଜବତ ହୋଇଥିବା ପାସପୋର୍ଟରୁ ଏକାଧିକ ଥର ବିଦେଶ ଗସ୍ତ କରିଥିବା ଜଣାପଡ଼ିଥିବାବେଳେ ବହୁବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ ଏବଂ ବେଟିଂରେ ଲିପ୍ତ ଥିଲେ। ଏନେଇ ତଦନ୍ତ ଜାରି ରହିଛି। ସେ କେବେ କେବେ ବିଦେଶ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ପାସପୋର୍ଟ ଅଫିସ୍ ସହ ଯୋଗାଯୋଗ କରାଯାଇଥିବା ସେ କହିଛନ୍ତି। ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ୍ କରାଯାଇଛି। ତାଙ୍କର ସମସ୍ତ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ (ସିଜ୍) କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଭିଜିଲାନ୍ସ ବିଭାଗ ପକ୍ଷରୁ ଆରମ୍ଭ କରାଯିବ। ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ସେ ଏହି ସମସ୍ତ ଅର୍ଥ ଆଦାୟ କରୁଥିବା ସନ୍ଦେହ କରାଯାଉଛି। ଚଢ଼ଉ ସମୟରେ ୩ଟି ଚାରିଚକିଆ ଯାନ, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ୟାଙ୍କର, ଗୋଟିଏ ଟ୍ରାକ୍ଟର, ଗୋଟିଏ ଟ୍ରକ୍ ଏବଂ ୨ଟି ଦୁଇଚକିଆ ଯାନ ଠାବ କରାଯାଇଛି। ସୂଚନାଯୋଗ୍ୟ ଯେ, ଇଂ. ନାୟକ ୧୯୯୧ ଜୁଲାଇ ମାସରେ ନିଜର ଚାକିରୀକାଳ ସମ୍ବଲପୁରରୁ ହିଁ କନିଷ୍ଠ କୃଷି ଯନ୍ତ୍ରୀ ଭାବେ ମାତ୍ର ୨୬୦୦ ଟଙ୍କା ଦରମାରେ ଆରମ୍ଭ କରିଥିଲେ। ମଝିରେ ଥରେ ସହକାରୀ ଯନ୍ତ୍ରୀ (ଏଏଇ) ପାହ୍ୟାକୁ ପଦୋନ୍ନତି ପାଇ ସମ୍ବଲପୁରକୁ ବଦଳି ହୋଇ ଆସିଥିବାବେଳେ ସମ୍ପ୍ରତି ୧-୧୨-୨୦୨୩ରୁ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଆସନ୍ତା ୨୦୨୭ ମସିହା ଫେବୃଆରୀ ମାସରେ ତାଙ୍କର ଅବସରଗ୍ରହଣ କରିବାର ଥିଲା ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ରକ୍ତରଞ୍ଜିତ ରାମନଗର
# ବିଜେପି ବୁଥ୍ ସଭାପତିଙ୍କୁ ନିର୍ମମ ହତ୍ୟା

ମହାକାଳପଡ଼ା, ୨୪।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଜେପିର ୧୯୭ ନଂ ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ବୁ ମେରାଇନ ଥାନା ପୁଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ୍ ଚାଳକଙ୍କୁ ହଇରାଣ କରିବା ଓ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।



**ଅଭିଯୁକ୍ତ ସଞ୍ଜୟ ମଣ୍ଡଳ ଗିରଫ**

**ଆଇନଶୃଙ୍ଖଳା ବିଫଳତା ନେଇ ଉଠିଲା ପ୍ରଶ୍ନ**

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଓ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥା କାଟାକାଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ବୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।

ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି। ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୁଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇ ନ ଥିଲା? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି। ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀଙ୍କ ମନରେ ପୁଲିସ ଭୟ ନ ଥିବାରୁ ଏଭଳି ଘଟଣା ବଢ଼ୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଜଣେ ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାକୁ ଆଣିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ପ୍ରଶାସନ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ■ ସାମ୍ବାଦିକଙ୍କୁ ପେନ୍‌ସନ୍ ମାମଲା
# ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪।୬(ସବ୍ୟୁ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ମାମଲାରେ ହାଇକୋର୍ଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତିନି ମାସ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ପ୍ରଶାସନିକ ପଦକ୍ଷେପ, ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଆଦି ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ତାହେଲେ ଆବେଦନକାରୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିନିୟର୍ ଜର୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା ପକ୍ଷରୁ ଏହି ଅଦାଲତ ମାମଲା ରୁଜୁ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ନଥିବାରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ ସାମ୍ବାଦିକଙ୍କୁ ପେନ୍‌ସନ୍ ଦେବା ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଏଥିପାଇଁ ଅତିକମ୍‌ରେ ତିନିମାସ ସମୟ ଦିଆଯାଉ। ଏହି ଜବାବକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ସଂକ୍ରାନ୍ତରେ ତିନିମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ଲକ୍ଷ୍ୟ
# ଅନ୍ୟ ରୁଟ୍ ବସଙ୍କୁ ମିଳିବ ପୁରୀ ପାଇଁ ଅସ୍ଥାୟୀ ପରମିଟ୍

ଭୁବନେଶ୍ୱର,୨୪।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ।

- ■ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ
- ■ ୪୫୦ଟି ଇ-ରିକ୍ସା ହେବ ନିୟୋଜିତ
- ■ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ? ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ। ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ।

# ବ୍ରହ୍ମପୁରରୁ ଆଇପିଏଲ ବୁକିକୁ ଉଠାଇ ନେଲା ପୁରୀ ପୁଲିସ

ବ୍ରହ୍ମପୁର/ପୁରୀ,୨୪।୬(ସମିସ): ବ୍ରହ୍ମପୁର ପୁଲିସ ଯେଉଁ ଆଇପିଏଲ ବୁକିକୁ ଧରିବାରେ ବିଫଳ ରହିଥିଲା ସେହି ବୁକିକୁ ପୁରୀ ସାଇବର ଥାନା ପୁଲିସ ଗତକାଲି ବ୍ରହ୍ମପୁରରୁ ଉଠାଇବାରେ ନେବାରେ ସଫଳ ହୋଇଛି। ବୁକି ଜଣକ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗରର କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀଟୁ। ଶୀଟୁ ବ୍ରହ୍ମପୁରରେ ରହି ପୁରୀରେ ଚଳାଇଥିଲେ ଆଇପିଏଲ୍ ବେଟିଂର ବଡ଼ ସିଣ୍ଡିକେଟ୍। ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା। ଗିରଫ ବେଳେ ପୁଲିସ ଅଭିଯୁକ୍ତ ଶୀଟୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ପୁଲିସ ଅଧିକ ଖୋଳତାଡ଼ କରିବା ପରେ ବ୍ରହ୍ମପୁରରୁ ନମସ୍ତେ ଗ୍ରୁପ୍‌ର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀଟୁ ଉଠାଇବା ପାଇଁ ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। ନିକଟରେ ଶୀଟୁ ବାହାରକୁ ଚାଲିଯାଇଥିବା ବେଳେ ଏବେ କିଛିଦିନ ହେବ ବ୍ରହ୍ମପୁର ଆସିଥିବା ଖବର ପୁରୀ ପୁଲିସ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଶୀଟୁଙ୍କ ଠାରୁ ନଗଦ ୧୦ଲକ୍ଷ ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିବା ଜଣାପଡ଼ିଛି। ସେହି ଆକାଉଣ୍ଟରେ ପ୍ରାୟ ୯ ଲକ୍ଷ ଥିବା ଜଣାପଡ଼ିଛି। ପୁରୀ ସାଇବର ଥାନା ଆଇଆଇସି ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ବ୍ରହ୍ମପୁରରେ ପହଞ୍ଚି ରାତି ୧୦ଟା ବେଳେ ଲାଞ୍ଜିପଲ୍ଲୀ ରାମନଗରରେ ରହୁଥିବା ବୁକି ଶୀଟୁଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ଶୀଟୁ ଓ ଜଣେ ସହଯୋଗୀଙ୍କୁ ଉଠାଇ ନେଇ ବୈଦ୍ୟନାଥପୁର ଥାନାରେ ପହଞ୍ଚିଥିଲା। ଅଭିଯୁକ୍ତ ଶୀଟୁଙ୍କ ଠାରୁ କିଛି ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ରାତି ୨ଟାରେ ଅଭିଯୁକ୍ତ ଶୀଟୁକୁ ସାଙ୍ଗରେ ନେଇ ପୁରୀ ଫେରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ,ଗତ ଏପ୍ରିଲ୍ ୨୮ ତାରିଖ ରାତିରେ ପୁରୀରେ ଧରାପଡିଥିଲା ଆଇପିଏଲ୍ ବେଟିଂ ଏକ ବଡ଼ ରାକେଟ। ବାସେଳି ସାହି ଥାନା ମଶାଣି ଚଣ୍ଡି ଛକରେ ଏକ ଘରେ ବେଟିଂ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ବେଟିଂ ବୁକି ପ୍ରସନ୍ନ ପୃଷ୍ଟି ସହ କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁ ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ପୁଲିସ ସେମାନଙ୍କ ଠାରୁ ଜବତ ୨୫ଲକ୍ଷ ୩୫ ହଜାର ଟଙ୍କା ଜବତ କରିଥିଲା। ସ୍କାଏଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ ଗ୍ୟାକେଟ୍ ଚାଲିଥିବା ଜଣାପଡିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତ ଶୀଟୁର ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା ପୁଲିସ। ସିଟୁର ବ୍ୟାଙ୍କ୍ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥିବା ପୁଲିସ ଅନୁସନ୍ଧାନରେ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ସିଟୁ ବ୍ରହ୍ମପୁରରୁ ପୁରୀ ପର୍ଯ୍ୟନ୍ତ ଆଇପିଏଲ୍ ଗ୍ୟାକେଟ୍ ବେଟିଂ ଜାଲ ବିଛାଇଛି। ସେ ଅନେକ ସମୟରେ ବ୍ରହ୍ମପୁରରେ ମଧ ରହୁ ନଥିଲା। ବାହାର ରାଜ୍ୟରେ ସେ ଆତ୍ମଗୋପନ କରି ରହୁଥିବାବେଳେ ପୁଲିସ ତାକୁ ଟ୍ରାକିଂ କରି ଅପେକ୍ଷା କରିଥିଲା ଓ ବ୍ରହ୍ମପୁରରୁ ଶୀଟୁଙ୍କୁ ପୁଲିସ ଉଠାଇ ନେବା ପରେ ବ୍ରହ୍ମପୁରର ବୁକି ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହାସହ କିଛି ବୁକି ସହର ଛାଡ଼ି ବାହାରକୁ ପଳେଇଯାଇଥିବା ଚା ଖଟିରେ ଚର୍ଚ୍ଚା ଜୋର ଧରି। ପୁଲିସ ବର୍ତ୍ତମାନ ଶୀଟୁ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।



**ନମସ୍ତେ ଗ୍ରୁପର ମୁଖ୍ୟ ଥିଲା ଶୀଟୁ**

## ନ୍ୟାୟ ଦାବିରେ ଏସ୍‌ପି ଅଫିସ ଆଗରେ ଚାମେଲୀଙ୍କ ଧାରଣା
# ୭୨ ଘଣ୍ଟାର ମହଲତ, ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡା,୨୪।୬(ସମିସ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ଆଗରେ ଗୁରୁବାର ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାମେଲି ଓଝା ନିଜ ସମର୍ଥକ, ବିଭିନ୍ନ ଜିଲ୍ଲାର ସରପଞ୍ଚ ସଂଘ ପ୍ରତିନିଧି ଓ ମହିଳା ସଂଗଠନ ସଦସ୍ୟଙ୍କ ସହ ଏହି ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଚାମେଲୀ ୭୨ ଘଣ୍ଟାର ସମୟ ଦେଇଥିବାବେଳେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ପୂର୍ବରୁ ଗରାପୁର ଡାକବଙ୍ଗଳା ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଚାମେଲୀ ଓଝା ଖାଲି ପାଦରେ ପ୍ରାୟ ଦୁଇ କିଲୋମିଟର ପଦଯାତ୍ରା କରି ନିଜ ସମର୍ଥକଙ୍କ ସହ ଏସପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ତିନି ଘଣ୍ଟା ଧରି ଧାରଣା ଚାଲିଥିଲା। ଧାରଣାରେ ଚାମେଲୀ ଓଝା ଦାବି କରିଥିଲେ ଯେ, ତାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମହାକାଳପଡ଼ା ବିଡିଓ ଓ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ଦାବି ଉଠାଇଥିଲେ। ପୁଲିସକୁ ଏ ନେଇ ୭୨ ଘଣ୍ଟାର ସମୟ ଦିଆଯାଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତିଖିରୀରୁ ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଚେତାବନୀ ଦେଇଥିଲେ।



ଘଟଣାରେ ଏ ପର୍ଯ୍ୟନ୍ତ ପୁଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ଚାମେଲୀଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଧାରଣାକୁ ସମର୍ଥନ ଜଣାଇବା ପାଇଁ କଟକ ଜିଲ୍ଲା ସରପଞ୍ଚ ସଂଘର ପ୍ରତିନିଧି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଅଧିକାରକୁ ବ୍ଲକ ପ୍ରଶାସନ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସରପଞ୍ଚ ସଂଘ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ମହିଳା ସଂଗଠନ ମଧ୍ୟ ଚାମେଲୀଙ୍କ ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବିକୁ ଆହୁରି ଜୋରଦାର କରିଥିଲେ। ଧାରଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଓ ଏସଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ଘଟଣାର ତଦନ୍ତ ନିରପେକ୍ଷ ଭାବେ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହାପରେ ଚାମେଲୀ ଓଝା ଓ ତାଙ୍କ ସମର୍ଥକ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଚାମେଲୀ ଓଝାଙ୍କ ୭୨ ଘଣ୍ଟାର ସମୟ ଏବେ ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ହେଉଛି କି ନାହିଁ ଓ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହାର

କଟକ,୨୪।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଓ ବେଆଇନ ଗିରଫଦାରୀ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ଆଜି ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିବା ବେଳେ ଉକ୍ତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ ସହିତ ଘଟଣା ଦିନର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

ସକାଳ THE SAKALA



www.sakalaepaper.com

ପ୍ରେସ୍ କ୍ଲବ କୋଠା ନିର୍ମାଣ ପାଇଁ ସାଂସଦ ଓ ବିଧାୟକଙ୍କ ଅନୁଦାନ ଘୋଷଣା

# ସାମ୍ବାଦିକ ସମସ୍ୟାର ସମାଧାନ ପାଇଁ ବିଚାର କରୁଛନ୍ତି ସରକାର : ମନ୍ତ୍ରୀ

ପୋଲସରା,୨୪।୬(ସମିସ)



ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ସରକାର ବିଚାର କରୁଛନ୍ତି ଏବଂ ଖୁବଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ପୋଲସରା ସହରର ପାଟିଗଡ ରୋଡସ୍ଥିତ ମଧୁବଶ୍ୟ ସମାଜ କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ ଓ ପୋଲସରା ପ୍ରେସ କ୍ଲବର ୧୯ ତମ ବାର୍ଷିକ ଉତ୍ସବ ମିଳିତ ଭାବେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ସାମ୍ବାଦିକ ମାନେ ଖାଲି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ନୁହନ୍ତି ବରଂ ସମାଜର ଦର୍ପଣ ସଦୃଶ୍ୟ ଅଟନ୍ତି। ଏଣୁ ସେମାନେ ଗଣତନ୍ତ୍ରର ସୁରକ୍ଷା ସହିତ ସମାଜର ସମସ୍ୟାକୁ ଦର୍ପଣ ଭଳି ଦେଖାଇଥାନ୍ତି। ସାମ୍ବାଦିକମାନଙ୍କ ପ୍ରତି ବର୍ତ୍ତମାନ ସରକାରଙ୍କର ସହାନୁଭୂତି ରହିଛି ବୋଲି କହିଥିଲେ। ଉତ୍ସବରେ ବରେଣ୍ୟ ଅତିଥି ଭାବେ ଆସିକା ସାଂସଦ ଅନୀତା ଶୁଭଦର୍ଶନୀ ପଟ୍ଟନାୟକ ସାମ୍ବାଦିକ କେବଳ ନିଜ ପାଇଁ ବଞ୍ଚନ୍ତି ନାହିଁ ସେମାନେ ମଧ୍ୟ ଗଣତନ୍ତ୍ର ପାଇଁ ବଞ୍ଚନ୍ତି। ଏଣୁ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଅନ୍ୟତମ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ୧୯ଟି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରିଥିବା ବେଳେ ୨ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ସାରିଲେଣି। ଏଣୁ ରାଜ୍ୟ ସରକାର ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ।

ଓୟୁଜେ ଗଞ୍ଜାମ ଜିଲ୍ଲା ସଭାପତି ସଦାଶିବ ପଣ୍ଡା ଓ ପୋଲସରା ପ୍ରେସ କ୍ଲବର ସଭାପତି କେ ସୁମିତା ପାତ୍ରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ବିଶ୍ୱ ରଞ୍ଜନ, ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଅଶୋକ କୁମାର ମହାଙ୍କୁଡ, ଶକ୍ତିଧର ରାଜଗୁରୁ, ରାଜୀବ ଲୋଚନ ମିଶ୍ର, ରବିନ୍ଦ୍ରନାଥ ମିଶ୍ର , ରବିନ୍ଦ୍ର କୁମାର ପଣ୍ଡା , ରାଜ ଗୋପାଳ ପାଢ଼ୀ , ମେଘନାଦ ଦାସ ଏବଂ ଶକ୍ତି ଧର ରାଜଗୁରୁ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ। ବୈଠକ ପ୍ରାରମ୍ଭରେ ଯୁବ ସଂଗଠକ ସିମାଞ୍ଚଳ ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର ଓ ସନ୍ତୋଷ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ସର୍ବ ନାରାୟଣ ସାହୁ, ଅକ୍ଷାନ୍ତ ମିଶ୍ର, କେ ସନ୍ତୋଷ କୁମାର ପାତ୍ର, ସୁଶାନ୍ତ ମହାରଣା, ଟି ଶରତ କୁମାର ସୁବୁଦ୍ଧି, ନୃସିଂହ ସ୍ୱାଇଁ, କାର୍ତ୍ତିକ ପାତ୍ର, ରବିନ୍ଦ୍ର ପ୍ରଧାନ, ପ୍ରଗତିବନ୍ଧୁ ଦାସ, ରୋହିତ ପ୍ରଧାନ, ପିଣ୍ଟୁ ବିଷୋୟୀ ଓ ହୃଷୀକେଶ ନାୟକ ଉତ୍ସବ ଆୟୋଜନ ଓ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ବନ୍ଦେ ମାତରଂ ଗାନ କରିଥିବା ବେଳେ ହରିହର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୋଲସରା ପ୍ରେସ କ୍ଲବ କୋଠା ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୫ ଲକ୍ଷ୍ୟ ଓ ବିଧାୟକ ପାଣ୍ଠିରୁ ୫ ଲକ୍ଷ୍ୟ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ।

## ଶ୍ରୀରାମ ମନ୍ଦିର ହୁଣ୍ଡି ଡାଡ଼ି ଲକ୍ଷାଧିକ ଟଙ୍କା ଚୋରି

ଛତ୍ରପୁର, ୨୪।୬ (ସମିସ): ଚୋରଙ୍କ ଟାର୍ଗେଟ ଏବେ ମନ୍ଦିର। କିଛି ଦିନ ତଳେ ହନୁମାନ ମନ୍ଦିରରୁ ୫୦ ଲକ୍ଷ ଟଙ୍କା ଅଧିକ ଟଙ୍କାର ସୁନା, ରୁପା ଏବଂ ଟଙ୍କା ଚୋରି ହୋଇଥିବା ବେଳେ ଏବଂ ଶ୍ରୀରାମଙ୍କ ମନ୍ଦିରରୁ ଚୋରି କରିବାରେ ସଫଳ ହୋଇଛନ୍ତି ଦୁର୍ବୃତ୍ତ। ଛତ୍ରପୁର ଷ୍ଟେସନ ନିକଟ ଶ୍ରୀରାମ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ବୁଧବାର ସକାଳେ ଚୋରି ହୋଇଥିବା ଜଣାପଡିଛି। ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ହୁଣ୍ଡି ଭାଙ୍ଗି ଚୋରି କରିଥିବା ମନ୍ଦିର ପୂଜକ ଅଭିଯୋଗ କରିଛନ୍ତି। ସିସିଟିଭି କ୍ୟାମେରା ଥାଇ ମଧ୍ୟ ଅଚଳାବସ୍ଥାରେ ପଡ଼ିଥିବା ବେଳେ ଏହି ଘଟଣା କେତେ ବେଳେ ଘଟିଛି ତାହା ଅନୁମାନ କରାଯାଇ ପାରୁନାହିଁ।



ପୂଜକ ସଦାଶିବ ମିଶ୍ରଙ୍କ କହିବା ଅନୁଯାୟୀ ମନ୍ଦିର ହୁଣ୍ଡି ପ୍ରାୟ ୧୧ ମାସ ହେବ ଖୋଲା ଯାଇନଥିଲା। ନିକଟ ଅତୀତରେ ଶ୍ରୀରାମ ନବମୀ ପାଳନ କରାଯାଇଥିଲା ଯେଉଁଥିରେ ଅନେକ ଶ୍ରଦ୍ଧାଳୁ ଦାନ କରିଥିବା ବେଳେ ଏକ ଲକ୍ଷରୁ ଅଧିକ ଟଙ୍କା ହୁଣ୍ଡିରେ ଥିବା ପୂଜକ ଆଶଙ୍କା କରିଛନ୍ତି। ସୂଚନା ପାଇ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ଏହି ମନ୍ଦିର ରେଳବାଇ ପୋଲିସ ଅଧୀନରେ ଆସୁଛି। ରେଳବାଇ ପୋଲିସ ତାହାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ସୂଚନା ଥାଉ କି ଗତ ମେ ୬ରେ କୁମାରବେଗପଲ୍ଲୀ ସ୍ଥିତ ହନୁମାନ ମନ୍ଦିରରୁ କିଛି ଦୁର୍ବୃତ୍ତ ୫୦ ଲକ୍ଷରୁ ଅଧିକ ସୁନା, ରୁପା ଗହଣା ଏବଂ ଟଙ୍କା ଚୋରି କରିଥିଲେ। ଏହା ସହିତ ସାଇ ମନ୍ଦିର, ବିରେଶ୍ୱର ମନ୍ଦିର ହୋଇଛି ଚୋରି। ଚୋରି ଘଟଣା ରେ ପୋଲିସକୁ ମିଳିନି ସଫଳତା। ଆଉ ଆଜି ଶ୍ରୀରାମ ମନ୍ଦିର ଯାହା ଜନଗହଳିପୂର୍ଣ୍ଣ ଷ୍ଟେସନର ଅତି ନିକଟରୁ ଚୋରି ହୋଇଥିବା ପୋଲିସ ପାଇଁ ଏକ ବଡ଼ ଧରଣର ଚ୍ୟାଲେଞ୍ଜ ପଲଟିଛି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

କୋଦଳା, ୨୪।୬(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ ତରଫରୁ ଜୀବନ ଜ୍ୟୋତି ନିଶା ମୁକ୍ତ କେନ୍ଦ୍ର, ଭୈରବୀ କ୍ଲବ, ଖୋର୍ଦ୍ଧା ମାଧ୍ୟମରେ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତହୋଇଯାଇଛି। କାର୍ଯ୍ୟକ୍ରମରେ ଜୀବନ ଜ୍ୟୋତି ନିଶାମୁକ୍ତ କେନ୍ଦ୍ର ଭୈରବୀ କ୍ଲବ ଖଲିକୋଟର ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ରାଉତରାୟ ଯୋଗ ଦେଇଥିଲେ। ସାମାଜିକ କର୍ମୀ କରୁଣାକର ପାହାଡ଼ସିଂ ଓ ସୁମନ ବଡତ୍ୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ ସଂଯୋଜକ ରତ୍ନାକର ପ୍ରଧାନ ଓ ଜାତୀୟ ସେବା ଯୋଜନା ଅଧିକାରୀ ସାଗରିକା ଦାଶ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ତପସ୍ୱିନୀ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକା ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଲିପ୍ସା ମୁଦୁଲି, ଜ୍ୟୋତିପ୍ରଭା ସେଠି ଓ ଗୌତମୀ ପରିଡ଼ାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧିକାର କରିଥିବାରୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶା ନିବାରଣ ସମ୍ପର୍କେ ଏକ ରାଲି ସ୍ଥାନୀୟ କାକୁଡିଆପଡା ଗ୍ରାମରେ ହୋଇଥିଲା। ଫିଟ ଓଡିଶା କଲେଜ ପ୍ରୋଗ୍ରାମ, ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଏବଂ ଜୀବନ ଜ୍ୟୋତି ନିଶା ମୁକ୍ତ କେନ୍ଦ୍ର, ଖଲ୍ଲିକୋଟଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୀବନକୁ ହଁ ଓ ନିଶାକୁ ନା ର ନୋଡାଲ ଅଧିକାରୀ ଅଧ୍ୟାପକ ସପନ କୁମାର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପଞ୍ଚାୟତ ପମ୍ପ ଘରୁ ମୋଟର ଚୋରି; ଜଳଯୋଗାଣ ବାଧାପ୍ରାପ୍ତ

କୁକୁଡାଖଣ୍ଡି, ୨୪।୬(ସମିସ): ଅଞ୍ଚଳରେ ମୋଟର ପମ୍ପ ଚୋରି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରାୟ ପ୍ରତିଦିନ କୌଣସି ନା କୌଣସି ସ୍ଥାନରୁ ମୋଟର ଚୋରି ହେଉଥିବା ଖବର ଆସୁଥିବାବେଳେ, ଏବେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଲାଠୀ ଗ୍ରାମର ପଣ୍ଡାସାହି ନିକଟରେ ଥିବା ପଞ୍ଚାୟତ ପମ୍ପ ଘରୁ ମଙ୍ଗଳବାର ରାତିରେ ଦୁଇଟି ମୋଟର ଚୋରି ହୋଇଯାଇଛି। ଫଳରେ ଗ୍ରାମର ଜଳଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣା ସମ୍ପର୍କରେ ଜଳଯୋଗାଣ ସହାୟକ ଶଙ୍କର ପାଣିଗ୍ରାହୀ ସରପଞ୍ଚଙ୍କ ସହିତ ସଦର ଥାନାକୁ ଅବଗତ କରାଇଥିଲେ। ଖବର ପାଇ ପୁଲିସ କିଛି ଲୋକଙ୍କୁ ପଚାରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଆଇଆଇସି ସନ୍ତୋଷ କୁମାର ବେହେରା କହିଛନ୍ତି ଯେ, ଗ୍ରାମବାସୀଙ୍କଠାରୁ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ତେବେ ଚୋରି କେଉଁ ସମୟରେ ଘଟିଛି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଖୁବଶୀଘ୍ର ଚୋରଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ପଞ୍ଚାୟତ ସମ୍ପତ୍ତିର ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ବଜ୍ରପାତରେ ଜଣେ ମୃତ

ଶେରଗଡ଼,୨୪।୬(ସମିସ): ଶେରଗଡ ଥାନା ଧନନ୍ତର ପଞ୍ଚାୟତ ସୁବୁଳୟାପଲ୍ଲୀ ଗ୍ରାମରେ ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେଡି.କୋରା ପାତ୍ର (୫୫)। ଖବର ନେବାରୁ ଜଣାପଡ଼ିଛି ଯେ ସପରିବାର ଖରିଫ ଧାନ ଚାଷ ଲାଗି କୋରା ନିଜ ପତ୍ନୀ ଙ୍କ ସହିତ ନିଜ ବିଲକୁ ତଳି ପକାଇବା ଲାଗି ଯାଇଥିଲେ। ବିଲରେ ତଳି ପକାଉଥିବା ବେଳେ ହଠାତ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତରେ କୋରା ବିଲ ମଧ୍ୟରେ ଅଚେତ ହୋଇ ପଡିଥିବା ଦେଖି କିଛି ଦୂରରେ ଥିବା ପତ୍ନୀ କୋରାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଗ୍ରାମର କିଛି ଲୋକଙ୍କ ସହାୟତା ରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋରା ପହଞ୍ଚିବା ପରେ କାର୍ଯ୍ୟରତ ଡାକ୍ତର କୋରା ଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣି ସମାଜସେବୀ ନିରଞ୍ଜନ ଜେନା (କାଳିଆ) ଏବଂ ସରପଞ୍ଚଙ୍କ ପ୍ରତିନିଧି ମକରମ ସ୍ୱାଇଁ ପରିବାରକୁ ସମବେଦନା ଜଣାଇଥିଲେ।

## ଛତ୍ରପୁର ବ୍ଲକ୍ ଶିକ୍ଷା ଅଧିକାରୀଣୀ ଭାବେ ଦାୟିତ୍ୱ ଗ୍ରହଣ କଲେ ସୁଚିତ୍ରା ପାଣିଗ୍ରାହୀ

ଛତ୍ରପୁର, ୨୪।୬(ସମିସ) : ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ନୂତନ ଶିକ୍ଷା ଅଧିକାରୀଣୀ (ବି.ଇ.ଓ.) ଭାବେ ସୁଚିତ୍ରା କୁମାରୀ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୨୧ ବ୍ୟାଚର ବିଦ୍ୟାଳୟ ବିଭାଗରେ ଓଡ଼ିଶା ଶିକ୍ଷା ସେବା ଅଧିକାରୀଣୀ ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସୁଜିତ କୁମାର ପାଢ଼ୀ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ବଦଳି ହୋଇଯାଇଛି। ସୁଚିତ୍ରା ପାଣିଗ୍ରାହୀ ବର୍ତ୍ତମାନ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଛତ୍ରପୁର ସ୍ଥିତ ସର୍ବପୁରାତନ ପିଏମ ଶ୍ରୀ ଅନସ୍‌ଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଛତ୍ରପୁର ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ବିକାଶ ଏବଂ ପରିଚାଳନା କିପରି ସୂଚାରୁ ରୂପେ ସମ୍ପାଦନ ହୋଇପାରିବ ତାହା ଉପରେ ସେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



## ବେଆଇନ ଭାବେ ବାଲି ଚାଲାଣ; ଦୁଇ ହାଇୱା ଜବତ



ବେଲଗୁଣ୍ଠା,୨୪।୬(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଦୁଇ ହାଇୱା ଗାଡିକୁ ଜବତ କରିଛି ଗାଙ୍ଗପୁର ପୋଲିସ। ଖବରରୁ ଜଣାପଡିଛି ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡି ନିକଟରେ ଗାଙ୍ଗପୁର ଥାନା ଅତିରିକ୍ତ ଥାନା ଅଧିକାରୀ ସକ୍ଷରଲତା ପ୍ରଧାନ ପୋଲିସ ଟିମ ସହ ବ୍ଲକିଙ୍ଗ ଚେକିଂ କରୁଥିବା ବେଳେ ଭଞ୍ଜନଗର ପଟୁ ଆସିକା ଅଭିମୁଖେ ଯାଉଥିବା ଦୁଇଟି ବାଲି ବୋଝେଇ ହାଇୱାକୁ ଯାଞ୍ଚ କରିବାରୁ ବାଲି ବେଆଇନ ଭାବେ ନିଆଯାଉଥିବା ଜଣାପଡିଥିଲା। ଏନେଇ ଗାଙ୍ଗପୁର ଥାନାରେ ୮୪/୨୬ରେ ଏକ ମାମଲା ରୁଜୁକରି ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଗାଡି ଦୁଇଟିର ଡ୍ରାଇବର ମାନଙ୍କୁ ନୋଟିସ ଦେଇ ପୋଲିସ ଛାଡିଥିବା ଏସ ଆଇ ତଥା ତଦନ୍ତକାରୀ ଅଧିକାରୀ ବିନାୟକ ବିଧାର ପ୍ରକାଶ କରିଛନ୍ତି।

## ଡିମିରିଆ ପ୍ରାଥମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ଖଲ୍ଲିକୋଟ,୨୪।୬(ସମିସ): ଖଲ୍ଲିକୋଟ୍‌ର ପୁରାତନ ନିଶା ନିବାରଣ ଅନୁଷ୍ଠାନ ଦ୍ୱାରା ରାଜ୍ୟ ସରକାରଙ୍କ ତରଫରୁ ନିଶା ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଖଲ୍ଲିକୋଟ୍ ବ୍ଲକ୍ ଅନ୍ତର୍ଗତ ଡିମିରିଆ ପଞ୍ଚାୟତ ରେ ଥିବା ଉନ୍ନତ ପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ନେଇ ନିଶାକୁ ନେଇ ଏକ ସଚେତନ ଶୋଭାଯାତ୍ରା ବାହାରି ଗାଁ ସାରା ଭ୍ରମଣ କରି ବିଦ୍ୟାଳୟ ରେ ପହଁଞ୍ଚିବା ପରେ ନିଶା ନିବାରଣ ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନିଶା ନିବାରଣ ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ପୌରାଣିକ ନାଟକ ମହାଭାରତ ମଞ୍ଚସ୍ଥ



ଧରାକୋଟ,୨୪।୬(ସମିସ): ଧରାକୋଟ ଗଡ଼ର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଳନ ଅବସରରେ ଆସିକା ଜୟପୁର ଗ୍ରାମର ଲକ୍ଷ୍ମୀ ନୃସିଂହ ଯୁବକଳା ପରିଷଦ ଦ୍ୱାରା ପୌରାଣିକ ନାଟକ ମହାଭାରତ ବା ବିଜୟୀ ପାଣ୍ଡବ ଧରାକୋଟ ରଥପଦାରେ ମଞ୍ଚସ୍ଥ ହୋଇଯାଇଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏହି ନାଟକକୁ ଉଦ୍ଘାଟନ କରିଥିବା ବେଳେ ଅତିଥି ଭାବରେ ସମାଜସେବୀ ସୁରେନ୍ଦ୍ରନାଥ ଗୌଡ଼, ସମିତି ସଭ୍ୟା ମାନିନୀ ପାତ୍ର, ବିଜେଡି ଉପ ସଭାପତି ରବୀନ୍ଦ୍ର ଘୋଷ, ସାନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସମାଜ ସେବୀ ଶତ୍ରୁଘ୍ନ ଗୌଡ, ହିନେନ୍ଦ୍ର ନାୟକ, ଅକ୍ଷୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ଶୀତଳଷଷ୍ଠୀ ଯାତ୍ରା ମହାଭାରତ ନାଟକ ପରିବେଷଣ ପରେ ମଙ୍ଗଳବାର ଉଦଯାପିତ ହୋଇଥିଲା। ଯାତ୍ରା କମିଟି ସଭାପତି ଜ୍ୟୋତି ରଞ୍ଜନ ସ୍ୱାଇଁ, ଉପ-ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ଶରତ ରାଜ, ସୁଶାନ୍ତ ବେହେରା, ରାଜା ସେଠୀଙ୍କ ସମେତ ଧରାକୋଟ ଗ୍ରାମବାସୀ ଏଥିରେ ସହଯୋଗ ପ୍ରଦାନ କରିଥିବା ବେଳେ ହିମାଂଶୁ ଶେଖର ସ୍ୱାଇଁ ଓ ବିକାଶ ରଞ୍ଜନ ମହାନ୍ତି ନାଟକକୁ ପରିଚାଳନା କରିଥିଲେ। ଚିତ୍ରସେନ ବାଡତ୍ୟା ଏଥିରେ ସଂଯୋଜନା କରିଥିଲେ।

## ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକାଙ୍କ ଅବ୍ୟକ୍ତ ସ୍ମୃତି ଦିବସ




ଆସିକା,୨୪।୬(ସମିସ): ଆସିକା ବସଷ୍ଟାଣ୍ଡ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ପ୍ରଥମ ମୁଖ୍ୟ ପ୍ରଶାସିକା ମମ୍ମତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଭାଗୃହରେ ଏହି ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାକୁ ସମ୍ବୋଧିତ କରିବା ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ମାତେଶ୍ୱରୀଜୀ ଥିଲେ ଜ୍ଞାନ, ଯୋଗ, ପବିତ୍ରତା ଓ ସେବାର ଜୀବନ୍ତ ପ୍ରତିମୂର୍ତ୍ତି। ଅତ୍ୟନ୍ତ କମ୍ ବୟସରେ ସେ ପରମାତ୍ମ ଜ୍ଞାନକୁ ଆତ୍ମସାତ କରି ନିଜ ଜୀବନକୁ ଈଶ୍ୱରୀୟ ସେବା ପାଇଁ ସମର୍ପିତ କରିଥିଲେ। ବ୍ରହ୍ମାବାବାଙ୍କ ପାଳନ ଓ ପରମାତ୍ମା ଶିବ ପିତାଙ୍କ ଶ୍ରୀମତରେ ଗଢ଼ିଉଠିଥିବା ମାତେଶ୍ୱରୀଜୀ ନିଜର ଗଭୀର ଆଧ୍ୟାତ୍ମିକ ଅନୁଭୂତି, ସରଳତା, ମଧୁରତା ଓ ନିଷ୍କାମ ସେବା ଭାବନା ଦ୍ୱାରା ଲକ୍ଷ ଲକ୍ଷ ଆତ୍ମାଙ୍କୁ ପ୍ରେରଣା ଦେଇଥିଲେ। ଯଜ୍ଞର ଆଦି କାଳରେ ଅନେକ ପ୍ରତିକୂଳ ପରିସ୍ଥିତି, ବିରୋଧ ଓ ସଂଘର୍ଷ ମଧ୍ୟରେ ମାତେଶ୍ୱରୀଜୀ ଅସାଧାରଣ ଧୈର୍ଯ୍ୟ, ସହନଶୀଳତା ଏବଂ ଦୃଢ଼ ବିଶ୍ୱାସର ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିକା ସୁଗାର ଇଣ୍ଡଷ୍ଟ୍ରୀ ର ମ୍ୟାନେଜିଂ ଡାଇରେକ୍ଟର ଡାଃ ସୁଶାନ୍ତ ପଣ୍ଡା, ଆସିକା ହେଡ ପୋଷ୍ଟ ଅଫିସର ଭାରପ୍ରାପ୍ତ ପୋଷ୍ଟମାଷ୍ଟର ଜୟ ପ୍ରକାଶ ବିଶୋୟୀ, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଅତିଥି ରୂପେ ଯୋଗଦେଇ ମମ୍ମତେଶ୍ୱରୀଜୀଙ୍କ ସ୍ମୃତି ଚାରଣ କରିବା ସହିତ ମମ୍ମତେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ବୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ





### ସୋରଡ଼ା ଏନଏସି ଓ ବ୍ଲକ

ସୋରଡ଼ା,୨୪।୬(ସମିସ): ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିସଦର ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ଅଗ୍ରଗତି ଓ ସଚେତନତା ନିମନ୍ତେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ, ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହି ଅଞ୍ଚଳର ଅଧିବାସୀଙ୍କ ପାଇଁ ଗତ ଦୁଇ ବର୍ଷର ବିଭିନ୍ନ ସୁବିଧା ସୁଯୋଗର ଉପଲବ୍ଧତା ନେଇ ବୁଝିଥିଲେ। ଏହି ସହରାଞ୍ଚଳର ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆ ଯାଉଥିବା ସୁବିଧାର ସୁପରିଚାଳନା ଓ ଏହାର ବ୍ୟବସ୍ଥା ସମ୍ପର୍କରେ ଅଭାସି ମାଧ୍ୟମରେ ଉପସ୍ଥିତ ଅଧିକାରୀମାନେ ବୁଝିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଅଂଶ ଗ୍ରହଣ କରି ଲୋକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ଆଦି ନେଇ ବିସ୍ତୃତ ଆଲୋଚନା କରି କହିଛନ୍ତି। ଶ୍ରୀ ସାହୁ ସ୍ଥାନୀୟ ଲୋକଙ୍କୁ ନିଜ ଆଖପାଖ ପରିବେଶର ଜଳ ସ୍ୱଚ୍ଛତା ଉପରେ ଧ୍ୟାନଦେବା ପାଇଁ ଅନୁରୋଧ କରିବା ସହ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ପିଏମ ସ୍ୱନିଧି ଯୋଜନାର ଋଣ, ଭତ୍ତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାର ନୂତନ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଆଦି ବଣ୍ଟନ ସହିତ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଏନ୍ ଏ ସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ମହାରଣା, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସବିତା ସାବତ, ଖାଦ୍ୟ ଓ ନିରାପତ୍ତା ନିରୀକ୍ଷକ ସୁମନ୍ତ କୁମାର ମଲ୍ଲିକ, ସ୍ୱାସ୍ଥ୍ୟ ଅଧିକ୍ଷକ ଆଶିଷ କୁମାର ସ୍ୱାଇଁ, ଜନ ସ୍ୱାସ୍ଥ୍ୟ ଜଳ ଯୋଗାଣ ଯନ୍ତ୍ରୀ ରାଜେଶ ସାହୁ କାଉନସିଲର କେ ସତ୍ୟ ନାରାୟଣ ସୁବୁଦ୍ଧି, ସସ୍ମିତା ପାଢ଼ୀ, ରଜନୀ କାନ୍ତ ମହାପାତ୍ର ପ୍ରମୁଖ କୃତଜ୍ଞତା ଜଣାଇଥିଲେ। ଅନୁରୂପ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତନ୍ମୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ , ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସୋରଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମୁଲ୍ୟ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଦୁଇବର୍ଷ ର ଉପଲବ୍ଧି ଉପରେ ସଚେତନତା ସୃଷ୍ଟି କରିଥିବା ବେଳେ ସୋରଡା ବ୍ଲକ୍‌ରେ ହୋଇଥିବା ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟ ଗୁଡ଼ିକୁ ସୁଚାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ପ୍ରକଳ୍ପ ଓ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉପକରଣ ପ୍ରଦର୍ଶିତ ହୋଇଥଲା। ଏତଦ୍ ବ୍ୟତୀତ କୃଷି, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ ତରଫରୁ ଷ୍ଟଲ୍ ଲଗାଯାଇ ବିଭାଗୀୟ ସମ୍ପର୍କିତ ଯୋଜନା ଗୁଡିକ ଉପରେ ଲୋକଙ୍କୁ ପରିଚିତ କରାଇ ସେଥିରୁ ମିଳୁଥିବା ଉପାଦେୟତା ନେଇ କହିଥିଲେ।

### ଖଲ୍ଲିକୋଟ ଏନଏସି

ଖଲ୍ଲିକୋଟ: ଖଲ୍ଲିକୋଟ ଏନଏସି ରେ ଆଜି ବିକାଶ ର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କନକ ମଞ୍ଜରୀ କଲ୍ୟାଣ ମଣ୍ଡପ ଠାରେ ଏନଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଜିତ କୁମାର ପଣ୍ଡା, ପ୍ରଦୀପ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମସ୍ତ କାଉନସିଲର, ସଫେଇ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୁରୀ ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସମାରୋହ ର ବଡ଼ ସ୍କ୍ରିନ ଦ୍ୱାରା ସିଧା ପ୍ରସାରଣ କରାଯାଇଥିବା ବେଳେ ଉପସ୍ଥିତ ଅତିଥି ମାନେ ଏହାକୁ ଦେଖିଥିଲେ।



କବିସୂର୍ଯ୍ୟନଗର: ଗାରିମାମୟ ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିକାଶ, ପୌରାଞ୍ଚଳର ଉନ୍ନତି, ସୁଶାସନର ବାର୍ତ୍ତାକୁ ଜନସାଧାରଣଙ୍କ ଠାରେ ପହଞ୍ଚାଇବା ପାଇଁ ପୌରାଞ୍ଚଳ ପ୍ରଶାସନ ପକ୍ଷରୁ ଆୟୋଜିତ ଭବ୍ୟ ଓ ବର୍ଣ୍ଣାଢ଼ୟ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମ "ବିକାଶର ଧାରା, ଓଡିଶା ସାରା’। ଏହାପରେ ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ "ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ପ୍ରତିଭା ସାମାଜିକ କର୍ମୀ ତଥା ଯୁବ ବିଜେପି ଉପଦେଷ୍ଟା ରାମପ୍ରସାଦ ମହାରଣା, ଯୁବ ସଂଗଠକ ମୋହନ ସୁନ୍ଦର ସ୍ୱାଇଁ, ଶ୍ରୀକାନ୍ତ ମହାପାତ୍ର, ବିଶ୍ୱଜିତ ମହାପାତ୍ର, ହରି ନାହାକ, ପ୍ରଶାନ୍ତ କୁମାର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ।

## ଗାଁରୁ ବାସନ୍ଦ ଅଭିଯୋଗ ଘଟଣା

# ମାନବାଧିକାର କମିସନଙ୍କ ତଦନ୍ତ

ବ୍ରହ୍ମପୁର,୨୪ା୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ଗାଁର ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାରକୁ ଗ୍ରାମବାସୀଙ୍କ ପକ୍ଷରୁ ବାସନ୍ଦ କରାଯାଇଥିବା ନେଇ ଅଭିଯୋଗକୁ ଆଧାର କରି ଆଜି ମାନବାଧିକାର କମିଶନଙ୍କ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟନାରାୟଣ ପ୍ରଧାନ ଗୋପାଳପୁର ଗସ୍ତ କରିବା ସହ ଥାନାରେ ଅଭିଯୋଗକାରୀ ସମେତ ଗ୍ରାମବାସୀ ଏବଂ ଥାନା ଷ୍ଟାଫ୍ ସହ ଆଲୋଚନା କରି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୨୧-୨୨ ମସିହାରେ ନାରାୟଣପୁର ଗାଁର ଗାଁ ମୁଖିଆ ଭାବରେ ଏନ୍. ରାମମୂର୍ତ୍ତି କାର୍ଯ୍ୟ କରିଥିଲେ। ରାମ ମୂର୍ତ୍ତି ଗାଁର ସମସ୍ତ ଆର୍ଥିକ କାରବାର ଦେଖାରଖା କରିବା ସହ ତାଙ୍କ ନିକଟରେ ଗାଁରୁ ଆଦାୟ ହୋଇଥିବା ପ୍ରାୟ ୪୦ଲକ୍ଷ ଟଙ୍କା ରଖିଥିଲେ। ପରବର୍ତ୍ତୀ ବର୍ଷ ଗ୍ରାମବାସୀଙ୍କ ପକ୍ଷରୁ ନୂଆ କମିଟି ଗଠନ ସହ ନୂତନ ଗାଁ ମୁଖିଆ ଚୟନ କରାଯାଇଥିଲା।ସେହି ସମୟରେ ଉକ୍ତ କମିଟି ରାମ ମୂର୍ତ୍ତି ନିକଟରେ ଥିବା ଟଙ୍କା ହିସାବ ଦେବାକୁ କହିବା ସହ ଟଙ୍କା ଗାଁ କମିଟିକୁ ହସ୍ତାନ୍ତର କରିବା ନିମନ୍ତେ କୁହାଯାଇଥିଲା।କିନ୍ତୁ ରାମ ମୂର୍ତ୍ତି ଟଙ୍କା ଦେବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିଲେ।ଯାହାକୁ ନେଇ ଗାଁ କମିଟି ପକ୍ଷରୁ ଗୋପାଳପୁର ଥାନା ରେ ଲିଖିତ ଅଭିଯୋଗ କରାଯାଇଥିଲା।କିନ୍ତୁ କୈଣସି ସମାଧାନ ହୋଇ ପାରିନଥିଲା। ଏନେଇ ୨୦୨୪ ରେ ରାମ ମୂର୍ତ୍ତି ଟଙ୍କା ଦେବା ବଦଳରେ ଗାଁରୁ ତାଙ୍କ ପରିବାରକୁ ବାସନ୍ଦ କରି ଦିଆଯାଇଥିବା ନେଇ ଜିଲ୍ଲା ପ୍ରଶାସନ, ପୁଲିସ, ମାନବାଧିକାର କମିଶନ ପ୍ରମୁଖଙ୍କ ଲିଖିତ ଅଭିଯୋଗ କରିଥିଲେ।ଅଭିଯୋଗକୁ ଆଧାର କରି ଆଜି ମାନବାଧିକାର କମିଶନ ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋପାଳପୁର ଥାନା ରେ ପହଞ୍ଚି ଏନ୍ .ରାମ ମୂର୍ତ୍ତି ଏବଂ ତାଙ୍କ ପରିବାରର ବୟାନ ରେକର୍ଡ କରିଥିଲେ।ଏଥି ସହ ଗ୍ରାମବାସୀଙ୍କ ବୟାନ ମଧ ରେକର୍ଡ କରିଥିଲେ। ଏନେଇ ଗ୍ରାମ୍ୟ ନାଇଡୁ ଭି .ଚାନ୍ଦ୍ରେୟା ରେଡ୍ଡୀ ଙ୍କ ସହ ଯୋଗାଯୋଗ ବେଳେ ସେ ସୂଚନା ଦେଇଥିଲେ ଯେ ଗ୍ରାମବାସୀଙ୍କ ପକ୍ଷରୁ ରାମ ମୂର୍ତ୍ତି କେବେ ଭି ବାସନ୍ଦ କରାଯାଇନାହିଁ। ରାମ ମୂର୍ତ୍ତିଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ। ଘଟଣା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହ ଯୋଗାଯୋଗ ବେଳେ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରାଯାଇ ବୟାନ ରେକର୍ଡ କରାଯାଇଛି। ଗୁରୁବାର ଦିନ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା ପୂର୍ବକ ସେମାନଙ୍କ ବୟାନ ରେକର୍ଡ କରାଯିବ ଏବଂ ଅନ୍ୟ ମାନଙ୍କ ବୟାନ ରେକର୍ଡ କରାଯାଇ ବିଭାଗ କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

## ଜାମିନରେ ଆସି ବିଜେପି ନେତା ଫେରାର ଘଟଣା

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ କେବେ ମିଳିବ ନ୍ୟାୟ

- ପୁଅର ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବା ପାଇଁ କୋର୍ଟରୁ ମିଳିଥିଲା ୧୦ଦିନର ସର୍ତ୍ତମୂଳକ ଜାମିନ
- ମେ ୧୮ ତାରିଖରୁ ଫେରାର ବିଜେପି ନେତା ଭବାନୀଙ୍କ ବିରୁଦ୍ଧରେ ଜାମିନ ବିହିନ ଗିରଫ ପରୱାନା ଜାରି
- ଫେରାର ବିଜେପି ନେତାଙ୍କୁ ନେଇ ଚିନ୍ତାରେ ବୈଦ୍ୟନାଥପୁର ଥାନା ପୁଲିସ, ଆଖିରୁ ହଜିଗଲାଣି ନିଦ



ବ୍ରହ୍ମପୁର,୨୪ା୬(ସମିସ): ଫେରାର ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶଙ୍କୁ କିଭଳି ଗିରଫ କରାଯିବ ତାକୁ ନେଇ ବୈଦ୍ୟନାଥପୁର ଥାନା ପୁଲିସର ଆଖିରୁ ନିଦ ହଜିଯାଇଛି। ସର୍ତ୍ତମୂଳକ ତଥା ଆନ୍ତରୀଣ ଜାମିନରେ ଯାଇ ଫେରାର ହୋଇଯାଇଛନ୍ତି ଭବାନୀ। ଦୀର୍ଘ ଏକମାସରୁ ଉଦ୍ଧ୍ୱର୍ କାଳ ଧରି ଭବାନୀ ଫେରାର ରହିଥିବା ବେଳେ ତାଙ୍କୁ ଧରିବା ଦିଗରେ ପୁଲିସ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଆସନ୍ତା କାଲି ଅର୍ଥାତ୍ ୨୫ତାରିଖରେ ଫେରାର ଭବାନୀଙ୍କୁ କୋର୍ଟରେ ହାଜର କରିବାକୁ ପୁଲିସ ଓ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାରଙ୍କୁ ମଧ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।ସେପଟେ ଫେରାର ଭବାନୀଙ୍କ ବିରୁଦ୍ଧରେ କୋର୍ଟରୁ ଜାମିସନ ବିହୀନ ଗିରଫ ପରୱାନା ମଧ ଜାରି ହୋଇଥିବା ନେଇ ସ୍ୱଷ୍ଟ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ପିପି ଡକ୍ଟର ଶିବ ପ୍ରସାଦ ମିଶ୍ର। ସୂଚନା ହାଇକୋର୍ଟରୁ ସର୍ତ୍ତମୂଳକ ଜାମୀନ ବା ଅନ୍ତରୀଣ ଜାମୀନରେ ଆସି ଫେରାର ହୋଇଯାଇଛନ୍ତି ବ୍ରହ୍ମପୁରର ଅନ୍ୟତମ ବହୁ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଜନୈକା ନାବାଳିକା(୧୭) ଙ୍କୁ ମାଗଣାରେ ବିଏସସି ନର୍ସିଂ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ପରେ ଜଣେ ଅଙ୍ଗନୱାଡି କର୍ମୀ ଓ ନିଜ କ୍ଲିନିକର ଜନୈକା କର୍ମଚାରୀଙ୍କ ସହଯୋଗରେ ମୃଦୁ ପାନୀୟରେ ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଡ଼ାକ୍ତର ଭବାନୀ ଶଙ୍କର ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଡାକ୍ତର ଭବାନୀ ଶଙ୍କର ଦାଶ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କର ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଅର୍ଥାତ୍ ଗତ ମେ ୭ତାରିଖରେ ଭବାନୀଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୧୮ ତାରିଖରେ ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଆତ୍ମସମର୍ପଣ ନକରି ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର ଥିବା ଜଣାପଡିଛି। ଯଦ୍ୱାରା ସ୍ଥାନୀୟ ଆଡହକ ଅତିରିକ୍ତ ସେସନ୍ସ ଜଜ୍ ପକସୋ କୋର୍ଟଙ୍କ ପକ୍ଷରୁ ଫେରାର ଅଭିଯୁକ୍ତ ଭବାନୀ ଶଙ୍କର ଦାଶଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା ଜଣାପଡିଛି। ଫେରାର ଭବାନୀଙ୍କୁ ୨୫ତାରିଖରେ କୋର୍ଟରେ ହାଜର କରିବାକୁ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସ୍ମାର୍ଟ ଫୋନ ବାଣ୍ଟିଲେ ବ୍ରହ୍ମପୁର ବିଧାୟକ




ବ୍ରହ୍ମପୁର,୨୪ା୬(ସମିସ): ସହରରେ ଜନସାଧାରଣଙ୍କ କାର୍ଯ୍ୟକୁ ସୁବିଧା ଓ ସହଜ ସେବା ପାଇଁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ନିୟୋଜିତ ଥିବା ଲେଡି ସୁପରଭାଇଜର, ପୋଷଣ କୋଡିନେଟର ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଛନ୍ତି। ଆଇସିଡିଏସ ପ୍ରକଳ୍ପ ବ୍ରହ୍ମପୁର(ସହର)-୧ ଓ ବ୍ରହ୍ମପୁର(ସହର)-୨ ଅନ୍ତର୍ଗତ ଉପରୋକ୍ତ କର୍ମଚାରୀଙ୍କୁ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟରେ ଏହି ସ୍ମାର୍ଟ ଫୋନ ପ୍ରଦାନ କରାଯାଇଛି। ଏହି ସ୍ମାର୍ଟ ଫୋନ ମାଧମରେ ପୋଷଣ ଓ ଅଙ୍ଗନ ୱାଡ଼ି ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସହଜ, ଦ୍ରୁତ ଓ ଦକ୍ଷତାର ସହ ସମ୍ପାଦନ ହୋଇପାରିବ। ଉପକୃତ ହିତାଧିକାରୀମାନେ ଏହି ଜନହିତକର ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ।

# ମହିଳା ୱାକର୍ସ କ୍ଲବ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ




ବ୍ରହ୍ମପୁର,୨୪ା୬(ସମିସ): ଗୋପାଳପୁର ରୋଡ ସ୍ଥିତ ରାମଚନ୍ଦ୍ରପୁର ଗ୍ରାମ ସ୍ଥିତ ମହାନ ସଂଘ ଦ୍ୱାରା ପରିଚାଳିତ ବିଶ୍ୱ ନିକେତନ ଜରା ନିବାସରେ ମହିଳା ୱାକର୍ସ କ୍ଲବ ଅଫ ବ୍ରହ୍ମପୁର ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ କ୍ଲବ ପକ୍ଷରୁ ଅନ୍ତେବାସୀଙ୍କ ନିମନ୍ତେ ଚାଉଳ, ଡାଲି, ଅଟା, ଗାମୁଛା, ସହ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ମହାନ ସଂଘ ତଥା ବିଶ୍ୱ ନିକେତନ ସଭାପତି ସମାଜସେବୀ ସୁଶାନ୍ତ ସାବତ ଯୋଗଦେଇ କ୍ଲବର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଭାନେତ୍ରୀ ଜେ. ସୁଷମା ରାଣୀ, ସମ୍ପାଦିକା କେ. ଉଷା ରାଣୀ, କୋଷାଧକ୍ଷ ଏ. ଛାୟା ଦେବୀ, ଉପସଭାନେତ୍ରୀ ଯାଜ୍ଞସେନୀ, ପୂର୍ବତନ ସଭାନେତ୍ରୀ ଭି. ପଦ୍ମଜା, ଟି. ଅନୁରାଧା, ସୀତା ଦେବୀ, ବି. ଜୟଲକ୍ଷ୍ମୀ, ଭି. କ୍ରିଷ୍ଣାଭେନି, ଏମ. ଅନୁରାଧା ଓ କେ. ସୁଚିତ୍ରା ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।

# ଆଜି ଠାରୁ ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟକ ମେଳା



**ଦୀର୍ଘ ୧୨ଦିନ ବ୍ୟାପୀ ଚାଲିବ ଗୁପ୍ତା ଇଭେଣ୍ଟ ମେନେଜମେଣ୍ଟ ପକ୍ଷରୁ ଆୟୋଜିତ ମେଳା**

**ମେଳାରେ ଖୋଲିବ ୧୦ ଦେଶ ଓ ୨୨ ରାଜ୍ୟରୁ ଆସିଥିବା ସାମଗ୍ରୀର ପସରା**

ବ୍ରହ୍ମପୁର,୨୪ା୬(ସମିସ): ଗୁପ୍ତା ଇଭେଣ୍ଟ ମେନେଜମେଣ୍ଟ ପକ୍ଷରୁ ବ୍ରହ୍ମପୁରରେ ପ୍ରତିବର୍ଷ ଭଳି ଆୟୋଜିତ ହେବ ୪ର୍ଥ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା। ଆଜି ଠାରୁ ଏହି ମେଳା ଆରମ୍ଭ ହେବାକୁ ଥିବା ବେଳେ ଦିର୍ଘ ୧୨ଦିନ ଧରି ଅର୍ଥାତ୍ ଜୁନ ୨୫ତାରିଖ ଠାରୁ ଜୁଲାଇ ୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।ସ୍ଥାନୀୟ ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ଏହି 'ଟ୍ରେଡ ଫେୟାର'ରେ ଦେଶର ୨୨ଟି ରାଜ୍ୟରୁ ଏବଂ ୧୦ଟି ଦେଶରୁ ବ୍ୟବସାୟୀମାନେ ପ୍ରାୟ ଏକ ଲକ୍ଷରୁ ଉଦ୍ଧ୍ୱର୍ ବିଭିନ୍ନ ସାମଗ୍ରୀ ଓ ଉତ୍ପାଦ ସହିତ ମେଳାରେ ସାମିଲ ହେବେ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ପାଭିଲିୟନ ଭିତରେ ମେଳାର ଆୟୋଜନ କରାଯାଇଛି। ମେଳାରେ ଦେଶବିଦେଶର ବିଭିନ୍ନ ସାମଗ୍ରୀ ସହିତ ଏଠାକାର ଫୁଡଜୋନର ସ୍ୱାଦିଷ୍ଟ ଖାଦ୍ୟ ଦର୍ଶକ ଓ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ମେଳାରେ ମୁଖ୍ୟତଃ ଦେଶର ବିଭିନ୍ନ ସ୍ଥାନରୁ ଫାର୍ଣ୍ଣିଚର ସହିତ କାଶ୍ମୀରର କାରୁକାର୍ଯ୍ୟ ପୂର୍ଣ୍ଣ ଫର୍ଣ୍ଣିଚର, ଝୁଲା ସାଜସଜ୍ଜା ସାମଗ୍ରୀ, ଆଫଗାନୀସ୍ଥାନର ଶହେରୁ ଉଦ୍ଧ୍ୱର୍ କିସମର ଶୁଖିଲା ଫଳ, ବାଂଲାଦେଶର ଜାମଦାନୀ ଶାଢୀ, ଇରାନର ଖଜୁର, ଅଳଙ୍କାର ଓ ହର୍ବାଲ ତେଲ, ଦୁବାଇରୁ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର, ପାଦୁକା ଓ ପୋଷାକ, କୋରିଆରୁ ମହିଳାଙ୍କ ସୌନ୍ଦର୍ଯ୍ୟ ସାମଗ୍ରୀ, ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଉପରାଷ୍ଟ୍ରରୁ ଇରାନୀ, ପାରସ୍ୟ ଓ ଭାଦୋହୀ କାର୍ପେଟ, ପ୍ରାଚୀନ ପିତ୍ତଳ ଓ ତମ୍ବା ଉତ୍ପାଦ, ଦୁବାଇ ପୋଷାକ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ଚମଡା ସାମଗ୍ରୀ, ସିଙ୍ଗାପୁର ଉତ୍ପାଦ, ମାଲେସିଆ ଫାଉଣ୍ଟେନ, ଖଦି ଓ କୁରେସିଆ ଉତ୍ପାଦ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ଓଡିଶା ସମେତି ବାଂଲାଦେଶର ପୋଷାକ ଓ ଶାଢୀ, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଓ ମାର୍ବଲ ମୂର୍ତ୍ତି ସମେତ ବହୁ ସାମଗ୍ରୀ ମେଳାରେ ସ୍ଥାନ ପାଇବ। ମେଳାରେ ଦର୍ଶକ ଓ ଗ୍ରାହକଙ୍କ ସୁବିଧା ପାଇଁ ୪ଟି ସ୍ୱତନ୍ତ୍ର ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଥିବା ବେଳେ ରିହାତିର ବ୍ୟବସ୍ଥା ରହିଥିବା କହିଛନ୍ତି ଆୟୋଜକ ତଥା ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର କର୍ତ୍ତୃପକ୍ଷ।ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶକ ବୀରଭଦ୍ର ସିଂ ଉପସ୍ଥିତ ଥିଲେ। ବ୍ରହ୍ମପୁର ସହରବାସୀ ପୂର୍ବରୁ ସଦାସର୍ବଦା ମେଳାକୁ ସମର୍ଥନ ଓ ସହଯୋଗ କରି ଆସିଥିବା ବେଳେ ଚଳିତ ଥର ମଧ ସହଯୋଗ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା ରହିଛି।

# ଡଙ୍ଗାରୁ ପଡ଼ି ମତ୍ସ୍ୟଜୀବୀ ମୃତ

ବ୍ରହ୍ମପୁର,୨୪ା୬(ସମିସ): ଗୋପଳପୁର ଥାନା ସାଇବାବା ସାହିରେ ରହୁଥିବା ମତ୍ସ୍ୟଜିବୀ ପି.ବାବାଜୀ ବୟସ ୩୫ଙ୍କ ମାଛ ମାରିବାକୁ ସମୁଦ୍ରକୁ ଭିତରକୁ ଯାଉଥିବା ବେଳେ ଡ଼ଙ୍ଗା ଓଲଟି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ସାଇବାବା ସାହିରେ ରହୁଥିବା ମତ୍ସ୍ୟଜିବୀ ପି.ବାବାଜୀ ସୋମବାର ଭୋର ସକାଳୁ ଚାରି ଜଣ ସାଙ୍ଗ ମାନଙ୍କ ସହ ମାଛ ମାରିବାକୁ ସମୁଦ୍ରକୁ ଭିତରକୁ ଯାଉଥିବା ବେଳେ ଉଚ୍ଚ ଜୁଆରରେ ଡ଼ଙ୍ଗାଟି ଓଲଟି ଯିବାରୁ ବାବାଜୀ ଡ଼ଙ୍ଗା ତଳେ ରହି ଯାଇଥିଲେ। ଅନ୍ୟ ସହଯୋଗୀ ମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ଆଣିଥିବା ବେଳେ ଗତକାଲି ରାତ୍ର ସାଢେ ୧୧ ରେ ଡାକ୍ତର ମୃତ ଘୋଷଣା କରିଥିବା ବାପା ପି.ତାମାୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୬/୨୬ ମାମଲା ରୁଜୁ କରି ଆଜି ଶବ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ପୁଲିସ କହିଛି।

# ପୂର୍ତ୍ତରୁ ହଟିଲା; ବିଇଏମସିରେ ମିଶିଲା ୭.୮୫ କିମି ୬ ରାସ୍ତା



ବ୍ରହ୍ମପୁର,୨୪ା୬(ସମିସ): ଓଡିଶା ରାଜ୍ୟ ରାସ୍ତା ନିୟମ ୨୦୨୫ ପ୍ରକାରେ ସହରାଞ୍ଚଳର ପ୍ରମୁଖ ରାସ୍ତାଗୁଡିକର ନିର୍ମାଣ ପରେ ସେଗୁଡିକୁ ପୂର୍ତ୍ତବିଭାଗ ସମ୍ପୃକ୍ତ ପୌରସଂସ୍ଥା ଅଥବା ମହାନଗର ନିଗମକୁ ହସ୍ତାନ୍ତର କରିବ। ହସ୍ତାନ୍ତର ପରେ ସମ୍ପୃକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ଭଳି ଦାୟିତ୍ୱ ପୌରସଂସ୍ଥାର। ଏହି କ୍ରମରେ ବ୍ରହ୍ମପୁର ସହରର ୬ଟି ପ୍ରମୁଖ ରାସ୍ତା ଯାହାର ଦୂରତା ପ୍ରାୟ ୭.୮୫କିଲୋମିଟର ତାହାକୁ ପୂର୍ତ୍ତବିଭାଗ ଇତି ମଧ୍ୟରେ ବିଇଏମସିକୁ ହସ୍ତାନ୍ତର କରିଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ସହରର ଅନ୍ଧପସରା ବାଇପାସ ଠାରୁ କୌତୁକୀ ନଗର ଦେଇ କାଳୁଆ ମନ୍ଦିର ରାସ୍ତା ଯାହା ଏକ କିଲୋମିଟର।କମ୍ପାପଲ୍ଲୀ ମାଛ ବଜାର ଠାରୁ କର୍ମଜୀବୀ ମହିଳା ନିବାସ ରାସ୍ତା ଯାହା ଏକ କିଲୋମିଟର। ୫୯ନମ୍ବର ଜାତୀୟ ରାଜପଥ ଠାରୁ ବୀମାନଗର-ପୁଲିସ ରିଜର୍ଭ ପଡିଆ-ଶ୍ରୀକୃଷ୍ଣ ବିହାର ରାସ୍ତା ଯାହଲ ପ୍ରାୟ ୩.୨୫କିଲୋମିଟର। ୫୯ନମ୍ବର ଜାତୀୟ ରାଜପଥ ଠାରୁ ଅଳକାପୁରୀ ରାସ୍ତା ୦.୭୫କିଲୋମିଟର। ଗେଟବଜାର-ଲୋଚାପଡା ବ୍ୟାଙ୍କ କଲୋନୀ ରାସ୍ତା ଯାହାର ଦୂରତା ୧.୫୫କିଲୋମିଟର ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବାସଭବନ ଠାରୁ କର୍ମଜୀବୀ ମହିଳା ନିବାସ ପର୍ଯ୍ୟନ୍ତ ପ୍ରାୟ ୧.୩୦କିଲୋମିଟର ରାସ୍ତାକୁ ପୂର୍ତ୍ତବିଭାଗ (ଡିଭିଜନ-୧) ବିଇଏମସିକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ନିକଟରେ ପୂର୍ତ୍ତବିଭାଗ ଓ ବିଇଏମସିର କର୍ତ୍ତୃପକ୍ଷଙ୍କ ସହିତ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ମାପଜୁପ କରାଯାଇଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ରାସ୍ତାଗୁଡିକର ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ଭଳି ସମସ୍ତ ଦାୟିତ୍ୱ ବ୍ରହ୍ମପୁର ମହାନଗର ନେବ ବୋଲି ଜଣାପଡିଛି।

# ଗଞ୍ଜାମ କଳା ପରିଷଦରେ 'ଓଡ଼ିଶୀ ସନ୍ଧ୍ୟା'



ବ୍ରହ୍ମପୁର,୨୪ା୬(ସମିସ): ଗଞ୍ଜାମ କଳା ପରିଷଦ ଓ ନୃତ୍ୟ-ସଂଗୀତ ଅନୁଷ୍ଠାନ 'ନୂପୁର'ର ମିଳିତ ଆନୁକୂଲ୍ୟରେ 'ଓଡ଼ିଶୀ ସଂଧ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦର ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ଗୁରୁ ମାଧବ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର କନିଷ୍ଠ ଓ ବରିଷ୍ଠ କଣ୍ଠଶିଳ୍ପୀମାନେ ଓଡ଼ିଶୀ ସଂଗୀତ ଓ ଭଜନ ପରିବେଷଣ କରିଥିଲେ। 'ନୂପୁର' ଅନୁଷ୍ଠାନର ମୁଖ୍ୟ ସତ୍ୟ ମହାରଣା ସାଂସ୍କୃତିକ ସଂଧ୍ୟାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ମୌସୁମୀ ମିଶ୍ର, ଡ. କୁଳମଣି ଓଝା, ସଂଗୀତଗୁରୁ ନୀଳାଞ୍ଚଳ ବେହେରା, କଣ୍ଠଶିଳ୍ପୀ ଅସ୍ମିତା ବହୁ ପୁରାତମ ପାରମ୍ପାରିକ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ କଣ୍ଠଶିଳ୍ପୀ ନିଖାରରାଜ ପଣ୍ଡାଙ୍କ ସମେତ ବହୁ କନିଷ୍ଠ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଓଡ଼ିଶୀ ଓ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁ ମାଧବ ପାତ୍ର ହାରମୋନିୟମ୍, ଚୈତନ୍ୟ କୁମାର ମର୍ଦ୍ଦଳ ଓ ଅସ୍ମିତା ମଞ୍ଜିରା ବାଦନରେ ସହଯୋଗ କରିଥିଲେ।

# ୨ ନାବାଳକ ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୨୪ା୬(ସମିସ): ବ୍ରହ୍ମପୁର ସହରର ୨ନାବାଳକ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଆଜି ୟୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ଏକାଧିକ ନାବାଳକଙ୍କୁ ଅନ୍ୟ ଗୋଷ୍ଠୀ ମାଡ ମାରିଛନ୍ତି। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟର ଉତ୍ତେଜନା ଲାଗି ରହିଛି। ପ୍ରକାଶଥାଉକି, କିଛି ଦିନ ତଳେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଅଞ୍ଚଳରେ ଲଙ୍କାଗୁଣ୍ଡ ଫିଙ୍ଗି ଛୁରା ମାଡ଼ ଘଟଣାରେ ପୁଲିସ ଗଣେଶ ନାମକ ନାବାଳକକୁ କାବୁ କରିଥିଲା। ସେ ସୁଧାର ଗୃହରୁ ବାହାରିବା ପରେ ଆଜି ୟୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ନିଜ ସହଯୋଗୀ ମୁକେଶ ସହ ଛିଡା ହୋଇଥିଲେ। ଏହି ସମୟେର ମିଟୁ ବେହେରା ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଉଠାଇ ନେଇ ମାଡ଼ ମାରିଥିଲେ। ତେବେ ପୁଲିସ ସଂପୃକ୍ତ ଗୋଷ୍ଠୀର ମୁଖ୍ୟ କୁମ୍ଭାରପଲ୍ଲୀ ଅଞ୍ଚଳର ମିଟୁ ବେହେରାକୁ କାବୁ କରି ତଦନ୍ତ ଚଳାଇଥିବା କୁହାଯାଉଛି।

# ଧାନକିଣାରେ ଘୋଟାଲା; ଭିଜିଲାନ୍ସ, ଇଡ଼ି ତଦନ୍ତ ଦାବି

ବ୍ରହ୍ମପୁର,୨୪ା୬(ସମିସ):

ଗଞ୍ଜାମ ଜିଲ୍ଲାରେ ଧାନ କିଣାରେ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଘୋଟଲା ହେଉଛି। ଏଥିରେ ଯୋଗାଣ ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ, ମିଶନ ଶକ୍ତି ଅଧିକାରୀ, ଆରଏମସି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଫିସର ମାନେ ଏହି ଦୁର୍ନୀତିରେ ସାମିଲ ହେଉଥିବାରୁ ସମସ୍ତେ ଯିଏ ଯାହାର ପାଉଣା ପାଇଁ ନୀରବ ରହୁଛନ୍ତି ବୋଲି ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ପ୍ରେସ ବିବୃତ୍ତି ମାଧମରେ ଅଭିଯୋଗ କରିଛନ୍ତି। ସେ ପ୍ରେସ ବିବୃତ୍ତି ଜରିଆରେ କହିଛନ୍ତି ଯେ, ୨୦୨୫-୨୦୨୬ ମସିହାରେ ଗଞ୍ଜାମ ଜିଲ୍ଲାରେ ୧, ୫୬, ୭୧୩ ଜଣ ଚାଷୀ ପଞ୍ଜୀକରଣ ଧାନ ବିକିବା ପାଇଁ କରିଥିଲେ। ଡିସେମ୍ବର ୧୬ ତାରିଖ ଠାରୁ ଧାନ କିଣା ଆରମ୍ଭ ହୋଇ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଧାନ କିଣା ହୋଇଥିଲା। ସେଥିମଧ୍ୟରୁ ୧,୫୧,୦୦୦ ଜଣ ଚାଷୀଙ୍କର ୫୫ ଲକ୍ଷ ୮୨ ହଜାର ୬୯୭ ଧାନ କିଣା ଯାଇଥିଲା। ଜିଲ୍ଲାକୁ ୫୬ ଲକ୍ଷ ୨୯ ହଜାର ୫୨୫ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା।ଟାର୍ଗେଟ ଆସିଥିବା ୪୭ ହଜାର କ୍ୱିଣ୍ଟାଲ ଫେରିଗଲା। ମାତ୍ର ଟୋକେନ୍ ଆସିଥିବା ୫୬୧୩ ଜଣ ଚାଷୀଙ୍କ ସମବାୟ ଅଧୀକାରୀଙ୍କ ଖାମଖିଆଲୀ ଓ ବେଖାତିର ମନୋଭାବ ଯୋଗୁଁ ଧାନ କିଣାଗଲା ନାହିଁ। ଫଳରେ ଗରିବ ଓ ଭାଗଚାଷୀ ମାନେ ବେପାରୀ ମାନଙ୍କୁ ବିକି ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଲେ। ଗତ ୨୦୨୪- ୨୫ ମସିହାରେ ୧,୩୯,୮୮୪ ଜଣ ଚାଷୀଙ୍କ ଠାରୁ ୫୮ ଲକ୍ଷ ୮୦ ହଜାର ୮୫୪ କିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୧,୫୧,୦୦୦ ଜଣ ଚାଷୀଙ୍କ ଠାରୁ ୫୫ ଲକ୍ଷ ୮୨ ହଜାର କ୍ୱିଣ୍ଟାଲ ଧାନ କିଣାଗଲା ସମବାୟ ଅଧିକାରୀ ମାନେ ଅଧିକ ଜମି ଥିଲେ ସୁଦ୍ଧା ଜାଣିଶୁଣି କମ୍ ପରିମାଣ ଧାନ ଟାର୍ଗେଟ ଆସିବା ବ୍ୟବସ୍ଥା କଲେ। ଏପରି ଭାବେ କମ୍ ପରିମାଣ ଟାର୍ଗେଟ ଆସିବାରୁ ବଳକା ଧାନ ବିକି ନପାରି ଚାଷୀମାନେ ବେପାରୀଙ୍କୁ ବିକି କ୍ଷତି ସହିଲେ। ଚାଷୀମାନେ ଲିଖିତ ଅଭିଯୋଗ କଲେ ସୁଦ୍ଧା କେହି ଶୁଣିଲେ ନାହିଁ। ଏହା ତଦନ୍ତ ସାପେକ୍ଷ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଗଂଜାମ ପ୍ରକୃତ ଚାଷୀଙ୍କ ଧାନ ନ କିଣି ଜଗତସିଂହପୁର, ପୁରୀ, ଆଦି ଜିଲ୍ଲାରୁ ପ୍ରାୟ ୩ ଲକ୍ଷ ୪୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି। ପ୍ରକୃତରେ ସେଠାରୁ ଧାନ ନ ଆଣି ସେଠାରେ ବିକି ଦେଇ କେବଳ କାଗଜପତ୍ରରେ ମିଛରେ ଧାନ କିଣା ହେଲା ବୋଲି ଦର୍ଶାଯାଇ ଗାଡି ଭଡା ଓ ମଣ୍ଡି ପରିଚାଳନା ଖର୍ଚ୍ଚ ବାବଦରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଯାଇଛି। ଅଳ୍ପଦିନ ତଳେ ଆସିକାର ଭେଟନାଇ କନକ ପରମେଶ୍ୱରୀ ରାଇସ ମିଲକୁ ୬ ଜଣ ଯୋଗାଣ କର୍ମଚାରୀ ଚଢାଉ କରି ଚାଉଳ ଓ ଧାନର ଗଚ୍ଛିତ ଷ୍ଟକ ଯାଞ୍ଚ କରିଥିଲେ। ଯୋଗାଣ କର୍ମଚାରୀଙ୍କ ଦୁର୍ନୀତି ମନୋଭାବ ଯୋଗୁଁ କୋଟି କୋଟି ଟଙ୍କାର କେଳେଙ୍କାରୀ ହେଉଛି। ତଦନ୍ତ ଏମିତି ହୋଇଛି ଯେ ବିଲେଇ ହାତରେ ମାଛ ସଫା କଲେ ସେ ଖାଇବା ନା ସଫା କରିବ। ଜିଲ୍ଲା ପ୍ରଶାସନ ଜାଣିଶୁଣି ନୀରବ ରହୁଛି କାହିଁକି ବୋଲି ସାଧାରଣ ପ୍ରଶ୍ନ ଉଠୁଛି। ବର୍ତ୍ତମାନକୁ ଖାଉଟି କାର୍ଡରେ ମିଳୁଥିବା ପ୍ରାୟ ୩୦ ଭାଗ ଚାଉଳ ଲୋକମାନେ ତାକୁ ନ ଖାଇ ଖୋଲା ବଜାରରେ ୧୮ ଟଙ୍କାରେ ବିକୁଛନ୍ତି। ସେହି ଚାଉଳକୁ ଅସୁଧ ମାଲର ମାନେ କିଣି ପୁଣି ପଞ୍ଚାୟତକୁ ପଠାଇ ଦେଉଛନ୍ତି। ଏଣୁ ବହୁ ମିଲର ମାନେ ଚାଉଳ ଦେବାରେ ଡେରି ହେଉଥିବାରୁ ସେମାନେ ଧାନ ଆନ୍ଧ୍ରକୁ ମଧ ବିକି ଦେଉଛନ୍ତି। କେତେକ ମିଲରମାନଙ୍କ ଗଚ୍ଛିତ କ୍ଷମତା କମ୍ ଥିଲେ ସୁଦ୍ଧା ତାକୁ ଧାନ ଅଧିକ କିଣିବାକୁ ଦାୟିତ୍ୱ ଦେଇଥିବାରୁ ସେମାନେ ବାହାରେ ବିକି ବଜାରରୁ ଚାଉଳ କିଣି ସରକାରଙ୍କୁ ଦେଉଛନ୍ତି। ପୁଣି ଚଳିତବର୍ଷ ଧାନର ମାନ ଅତି ଭଲ ଥିଲେ ସୁଦ୍ଧା କ୍ୱିଣ୍ଟାଲ ପିଛା ଅଧିକାଂଶ ବ୍ଲକରେ ୫ ରୁ ୬ କେଜି ପର୍ଯ୍ୟନ୍ତ ଅଧୀକ ଧାନ ଠକି ନେବାରୁ ଚାଷୀମାନେ ପ୍ରାୟ ୯୦ କୋଟି ଟଙ୍କା କ୍ଷତି ସହିଲେ। ଚଳିତ ବର୍ଷ ପ୍ରାୟ ୧ ଲକ୍ଷରୁ ଅଧିକ ଚାଷୀମାନେ ନିଜେ ହାତରୁ ଅଖା, ଗାଡିଭଡା, ଲେବର ଖର୍ଚ୍ଚ କରି ମିଲରେ ଧାନ ନେଇ ଦେଇଛନ୍ତି। ସେମାନେ ଏହି ସବୁ ଖର୍ଚ୍ଚ ପାଇବାକୁ ନିୟମ ଥିଲେ ସୁଦ୍ଧା ମଣ୍ଡି ପରିଚାଳନା ଖର୍ଚ୍ଚ ମିଲର ମାନେ ନେଇ ଚାଷୀଙ୍କୁ ଠକୁଛନ୍ତି। ଏପରି ଭାବେ ପ୍ରତିବର୍ଷ ଧାନ କିଣାରେ ୧୦୦ କୋଟି ଟଙ୍କାରୁ ଅଧୀକ ଦୁର୍ନୀତି କେଳେଙ୍କାରୀ ହେଉଥିବାରୁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନ ଆବାହକ ରବି ରଥ ଏହି ମହାଦୁର୍ନୀତିର ରାଜ୍ୟ ସରକାର, ଭିଜିଲାନ୍ସ ଓ ଇଡି ଦ୍ୱାରା ତଦନ୍ତ କରିବା ପାଇଁ ଏକ ପ୍ରେସ ଇସ୍ତାହାରରେ ଦାବି କରିଛନ୍ତି।

# ଗଞ୍ଜାମ ଜିଲ୍ଲା ସ୍ୱେଚ୍ଛାସେବୀ ତାଲିମଦାତା ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ବ୍ରହ୍ମପୁର,୨୪ା୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଗଞ୍ଜାମ ଜିଲ୍ଲା ସ୍ୱେଚ୍ଛାସେବୀ ତାଲିମଦାତା ପ୍ରଦାନକାରୀ ସଂଘ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡିଏମ) ଡା. ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ପ୍ରକଳ୍ପ ପରିଚାଳକ(ଡ଼ିପିଏମ) ବୁଲୁନାଥ ସାହୁ, ପୁରାତନ ଆଶା ଓ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଆଶିଷ କୁମାର ମିଶ୍ର ଓ ସହ ପରିଚାଳକ(କ୍ୱାଲିଟି) ସଞ୍ଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂତନ କରି କାର୍ଯ୍ୟରେ ଯୋଗଦେଇଥିବା ଆଶା ମ୍ୟାନଜେର ଅଶୋକ କୁମାର ସାହୁଙ୍କ ସ୍ୱାଗତ ସମ୍ବର୍ଦ୍ଧନ କରାଯାଇଥିଲା।ସେହିପରି ପୂରାତନ ଆଶା ଓ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଏବଂ ସହ ପରିଚାଳକ(କ୍ୱାଲିଟି) ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ତାଲିମ ଦାତା ସଂଘର ସୁଜାତା ପଟ୍ଟନାୟକ, ହରିହର ପାଢ଼ୀ ସମେତ ଜିଲ୍ଲାର ଅନେକ ବ୍ଲକ, ସହରାଞ୍ଚଳର ଆଶା କର୍ମୀମାନେ ଯୋଗ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।

- ଆନ୍ନା ହଜାରେ

## ଅସ୍ମିତା-ଷଡ଼୍‌ଯନ୍ତ୍ର

ଓଡ଼ିଆ ଅସ୍ମିତାର ନାରା ଦେଇ ଓଡ଼ିଶାରେ ଶାସନ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଛି। ବର୍ଷପୂର୍ତ୍ତି ଉତ୍ସବରେ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାରେ ଅବହେଳା କରିନାହାନ୍ତି। କିନ୍ତୁ ଇତିମଧ୍ୟରେ ଓଡ଼ିଶାର ବାସ୍ତବଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି ଏବଂ ଓଡ଼ିଆ ଅସ୍ମିତା କେତେ ଉପରକୁ ଉଠିଛି କି ଭୂଲୁଣ୍ଠିତ ହୋଇଛି ତାହାର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ଝଲସୁଛି। ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଉଦ୍ୟମ କେନ୍ଦ୍ର ସଂଗୀତ ନାଟକ ଏକାଡେମିର ଇନଭେଣ୍ଟରି ଅର୍ଗଳି ଡେଇଁଲାଣି କି ନାହିଁ ତାହା ଅଜଣା। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଡବଲ୍ ଇଞ୍ଜିନ ସରକାରର ଓଡ଼ିଆ ଅସ୍ମିତା ତାଲିକାରେ ବୋଧହୁଏ ନାହିଁ। ନୂଆ ବିଷୟକୁ ମାନ୍ୟତା ବା ତାଲିକାଭୁକ୍ତ କରିବା ଦୂରେ ଥାଉ ତାଲିକାଭୁକ୍ତ ବିଷୟକୁ ବାଦ୍ ଦେବାରେ କିନ୍ତୁ ଡବଲ୍ ଇଞ୍ଜିନ ସରକାରଙ୍କ ତୁଳନା ନାହିଁ। ଡବଲ୍ ଇଞ୍ଜିନ୍ ସରକାର ଆସୁଆସୁ ରାଜନୈତିକ ଅସୂୟାଗ୍ରସ୍ତ ହୋଇପଡ଼ି ପ୍ରଥମ ଦଫାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ପ୍ରବାଦ ପୁରୁଷ ବିଶ୍ୱବନ୍ଦ୍ୟ ବିଜୁ ବାବୁଙ୍କ ନାମକୁ ବାଦ୍ ଦେବାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ସେ ସବୁକୁ ବଳିଯାଇଛି ସରକାରୀ ପାଠ୍ୟପୁସ୍ତକରେ ଓଡ଼ିଶାର ସାହିତ୍ୟିକ, ସଂଗୀତଜ୍ଞଙ୍କୁ ବାଦ୍ ଦେବାର ଅକ୍ଷମଣୀୟ ତ୍ରୁଟି।

ଏବେ ଯେଉଁ ତ୍ରୁଟି(ବରଂ ଉଦ୍ଦେଶ୍ୟମୂଳକ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ)ଟି ସାମ୍ନାକୁ ଆସିଛି ତାହା ଓଡ଼ିଆ ଜାତି, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରଘାତ ଭଳି। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'କୃତି' ପୁସ୍ତକର ପୃଷ୍ଠା ୯୨ରେ 'ଦେଶଭକ୍ତି ସଂଗୀତ' ଶୀର୍ଷକ ବିଷୟବସ୍ତୁରେ ୫ଟି ଦେଶାତ୍ମବୋଧକ ସଂଗୀତ ସ୍ଥାନ ପାଇଛି। ସେଥିମଧ୍ୟରୁ ଗୋଟିଏ ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ମନସା ସତତଂ ସ୍ମରଣୀୟମ୍' ଥିବା ବେଳେ ଅନ୍ୟ ଚାରୋଟି ଓଡ଼ିଆ କବିତା ରହିଛି। କିନ୍ତୁ ବିଡ଼ମ୍ବନା ହେଲା କେବଳ ବଙ୍କିମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ଚାରୋଟି କବିତାର କବି କିଏ ତାହା ଉଲ୍ଲେଖ ନାହିଁ। ପ୍ରାତଃସ୍ମରଣୀୟ ଗୋଦାବରୀଶ ମିଶ୍ରଙ୍କ ରଚିତ କବିତାରେ ଏତେ ବନାନ ଅଶୁଦ୍ଧି ରହିଛି ଯେ ତାହା ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ ଭଳି। ସେହିପରି ପୃଷ୍ଠା ୯୪ରେ 'ପ୍ରେରଣା ଓ କଳ୍ପନା' ଶୀର୍ଷକ ବିଷୟରେ ସଙ୍ଗୀତକାର ଭାବରେ କେବଳ ରବୀନ୍ଦ୍ର ଜୈନଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ରହିଛି। ଓଡ଼ିଆ ସଙ୍ଗୀତକାରଙ୍କ ବିଷୟରେ ଜାଣିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଧିକାର ବହିର୍ଭୂତ ନା ତାହା ସ୍ଥାନିତ କରିବା ଅପରାଧ ବୋଲି ପୁସ୍ତକ ପ୍ରଣେତାମାନେ ବିଚାର କଲେ? ଏହା ଉଦ୍ଦେଶ୍ୟମୂଳକ ମାନବୀକୃତ ଷଡ଼୍‌ଯନ୍ତ୍ର କି ନୁହେଁ ସୁଧୀ ପାଠକବୃନ୍ଦ ବିଚାର କରିବେ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠ୍ୟପୁସ୍ତକରେ ପ୍ରତିଦିନ ନୂଆ ନୂଆ ତ୍ରୁଟି ସାର୍ବଜନିନ ହେଉଛି। ଏଭଳି ରାଶିରାଶି ତ୍ରୁଟିସମ୍ବଳିତ ପାଠ୍ୟପୁସ୍ତକରୁ ଓଡ଼ିଆ ପିଲାମାନେ କେତେ ଜ୍ଞାନ ଅର୍ଜନ କରିବେ, ଜାତୀୟସ୍ତରରେ କେତେ ପ୍ରତିଯୋଗୀକ୍ଷମ ହୋଇପାରିବେ ତାହା ଏକ ଗୁରୁତର ପ୍ରସଙ୍ଗ। କିନ୍ତୁ ସବୁଠାରୁ ଉଦ୍‌ବେଗଜନକ ଓ ସ୍ପର୍ଶକାତର ପ୍ରସଙ୍ଗଟି ହେଉଛି ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତିର ଭିତ୍ତିକୁ ଦୋହଲାଇ ଦେବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଛି ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ ଓଡ଼ିଆ ଇତିହାସ ଓ ସଂସ୍କୃତିକୁ ବିକୃତ କରିବା କିମ୍ବା ଗୌଣ କରିବାର ଷଡ଼୍‌ଯନ୍ତ୍ର ଆଜିର ନୁହେଁ। ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗରୁ ଓଡ଼ିଶାର ପାଇକ ବିଦ୍ରୋହ ବିଷୟକୁ ବାଦ୍ ଦିଆଯାଇଛି, ଅଥଚ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ତାହା ଦ୍ୱିତୀୟ ଭାଗରେ ସ୍ଥାନ ପାଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ସ୍ଥାନିତ ହୋଇଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ 'ଆଞ୍ଚଳିକ' ବର୍ଗରେ ସୀମିତ କରି ଜାତୀୟ ମାନ୍ୟତା ପ୍ରସଙ୍ଗକୁ ସମାଧି ଦିଆଯାଇଛି।

ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ଏବଂ ଓଡ଼ିଆ ପ୍ରାଣକୁ କ୍ଷତାକ୍ତ କରିବାର ଆଉ ଦୁଇ/ତିନିଟି ଉଦାହରଣ ନିଆଯାଉ।୧୮୯୯ ମସିହାରେ ମା'ରମାଦେବୀ, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମ। ଗତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦୋରର ପୂର୍ବତନ ମହାରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କର ୩୦୦ତମ ଜନ୍ମବାର୍ଷିକୀ ପାଳନ କଲେ। ଅଥଚ ଓଡ଼ିଶାରେ ମହିଳା ସଶକ୍ତୀକରଣର ବାର୍ତ୍ତାବହ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା'ରମାଦେବୀ ଏବଂ ଦେଶମାତୃକା ପାଇଁ ହସିହସି ଫାଶୀଖୁଣ୍ଟରେ ଝୁଲିଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହେଲା ନାହିଁ। ସେହିପରି ନିକଟରେ ବଙ୍ଗୀୟ ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ଓଡ଼ିଶା ସରକାର ପାଳନ କଲେ। ଏଥିରେ ଆପତ୍ତି ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ବ୍ରିଟିଶରଙ୍କ ବିରୋଧରେ ବିପ୍ଳବର ମୂଳଦୁଆ ପକାଇଥିବା ଦେଶର ପ୍ରଥମ ସହିଦ ଓଡ଼ିଶାର ଜୟୀ ରାଜଗୁରୁଙ୍କ ସହିଦ ଦିବସ ପଶ୍ଚିମବଙ୍ଗବାସୀ ପାଳନ କରିବେ ତ? ଜୟୀ ରାଜଗୁରୁଙ୍କୁ ଯେଉଁ ବରଗଛରେ ଦୁଇଗୋଡ଼ ବାନ୍ଧି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ସେହି ରାଜ୍ୟର ମେଦିନୀପୁରର ବାଘତୋଟାରେ ଅଛି। ଅହଲ୍ୟାବାଈଙ୍କ ଜନ୍ମଜୟନ୍ତୀ ପାଳନ ବେଳେ ଓଡ଼ିଶାର ବୀରାରମଣୀ ରାଣୀ ଶୁକଦେଈଙ୍କ ଜନ୍ମ ଓ ପୁଣ୍ୟତିଥି ଜାତୀୟସ୍ତରରେ ପାଳନ ହେବ କି? ବିର୍ସାମୁଣ୍ଡାଙ୍କ ଭଳି ବୀର ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକ କେବେ ଜାତୀୟ ଗୌରବ ଲାଭ କରିବେ?

ଓଡ଼ିଆ ଅସ୍ମିତା ହନନର ତାଲିକା ପ୍ରସ୍ତୁତ କଲେ ଏବଂ ତ୍ରୁଟି ଖୋଜିଲେ କମଳର ଲୋମ ଗଣନା କରିବା ଭଳି ହେବ। ଏହାକୁ ତ୍ରୁଟି ବଦଳରେ ବରଂ ଓଡ଼ିଆ ସଂସ୍କୃତି ବିରୋଧରେ ଜଘନ୍ୟ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ। ଓଡ଼ିଆପ୍ରାଣ ନାଗରିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ 'ଜଣେ ବଙ୍ଗାଳୀ କହିଥିଲେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ।' ଏବେ ବୋଧହୁଏ ସେହି ଉକ୍ତିକୁ ଚରିତାର୍ଥ କରିବା ସହିତ ଆଉ ଦୁଇପାଦ ଆଗକୁ ଯାଇ 'ଓଡ଼ିଆ ଏକ ସ୍ୱତନ୍ତ୍ର ସଂସ୍କୃତି ସ୍ୱତନ୍ତ୍ର ନୁହେଁ' ବୋଲି ପ୍ରମାଣ କରିବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଯାଇଛି।' ଓଡ଼ିଆ ପ୍ରାଣର ଏହି ଅବ୍ୟକ୍ତ ବେଦନା ରାଜ୍ୟ ସରକାର ଶୀଘ୍ର ଅନୁଭବ କଲେ ଓଡ଼ିଆ ଅସ୍ମିତା ଆହୁରି ଅପମାନିତ ହେବାରୁ ରକ୍ଷା ପାଇବ। ●

## ସାବଧାନ! ଦୁଃଶାସନ ବଢ଼ୁଛି

ଡକ୍ଟର ଅବଶ ପରିଡ଼ା

ରାୟଗଡ଼ାରେ ଜଣୈକା ମହିଳା ଏନଜିଓ କର୍ମୀଙ୍କୁ ବିବସ୍ତ୍ର କରିବାର ଗଣଉଦ୍ୟମ ଭିଡ଼ହିଂସାର ଅନ୍ୟ ଏକ ଭୟଙ୍କର ରୂପ। ଏଥିରେ ଭିଡ଼ ମନସ୍ତତ୍ତ୍ୱ, ଗୁଜବ, ଭୁଲ ତଥ୍ୟ, ନୈତିକତା, ଚେତନା ଓ ପାଗଳାମି ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଉପାଦାନଗୁଡ଼ିକ ଅଛି। କିନ୍ତୁ ଏହି ଲଜ୍ଜାକର ଘଟଣାରେ ଦୁଇଟି ବିଚଳିତକାରୀ ବାସ୍ତବତା ମଧ୍ୟ ଅଛି, ଯାହା ଆମ ସଭ୍ୟସମାଜର ମୂଳଦୁଆକୁ ଦୋହଲାଇ ଦେଇଛି। ପ୍ରଥମଟି ହେଉଛି ଭିଡ଼ହିଂସା ବ୍ୟତୀତ ଏହା ଏକ ସାର୍ବଜନୀନ ସ୍ଥାନରେ ଯୌନ ହିଂସାର କାର୍ଯ୍ୟ। ଯେତେବେଳେ ଜଣେ ମହିଳାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ବିବସ୍ତ୍ର, ଅପମାନିତ ଓ ଆକ୍ରମଣ କରାଯାଏ, ସେତେବେଳେ ହିଂସା କେବଳ ଶରୀର ବିରୁଦ୍ଧରେ ନୁହେଁ, ବରଂ ମହିଳାଙ୍କ ମର୍ଯ୍ୟାଦା, ପରିଚୟ ଓ ମୌଳିକ ମାନବାଧିକାର ବିରୁଦ୍ଧରେ ମଧ୍ୟ ହୋଇଥାଏ। ଦ୍ୱିତୀୟଟି ଆହୁରି ଚିନ୍ତାଜନକ। ପୁଲିସର କହିବା ଅନୁଯାୟୀ ଏହି ଘଟଣାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଅଛି। ଏତେ ଛୋଟ ପିଲାମାନେ ଘୃଣା, ନିଷ୍ଠୁରତା କିମ୍ବା ସାର୍ବଜନୀନ ସ୍ଥାନରେ ଅନ୍ୟମାନଙ୍କୁ ଅପମାନିତ କରିବା କଥା ଶିଖିଲେ କେମିତି? ପରିବାର, ଶିକ୍ଷା, ସାମାଜିକ ଗଣମାଧ୍ୟମ ଓ ବୃହତ ସାମାଜିକ ପରିବେଶରୁ ସେମାନେ କ'ଣ ଏସବୁ ଶିଖୁଛନ୍ତି? ଏଠି ଜାଣି ରଖିବାକୁ ହେବ ଯେ ଯେଉଁଠି ନାବାଳକମାନେ ସାମୂହିକ ହିଂସାର ଅଂଶ ହୋଇଛନ୍ତି, ସେଠାରେ ଦୁଇଟି ବିଫଳତା ଆସେ। ପ୍ରଥମଟି ହେଉଛି ଆଇନ ଶୃଙ୍ଖଳା ନିୟନ୍ତ୍ରଣହୀନ ହୁଏ। ଦ୍ୱିତୀୟ ବିଫଳତା ହେଉଛି ନୈତିକ ଅଧୋପତନ ସହ ସାମାଜିକ ସଙ୍କଟ ମାଡ଼ି ଆସେ।

କିଛିଦିନ ତଳେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଏକ ତଥ୍ୟ ଅନୁଯାୟୀ ଓଡ଼ିଶାର ସାର୍ବଜନୀନ ସ୍ଥାନ ଏବଂ ରାସ୍ତାରେ ହୋଇଥିବା ଯୌନ ନିର୍ଯାତନା ମାମଲା ସଂଖ୍ୟା ଭାରତରେ ସର୍ବାଧିକ। ଆହୁରି ଚିନ୍ତାଜନକ କଥା ହେଉଛି ଯେ ମହିଳାମାନଙ୍କ ପୋଷାକ ଟାଣିବା, ଚିରିବା, ବିବସ୍ତ୍ର କରିବାରେ ଆମ ରାଜ୍ୟ ଦେଶର ଶୀର୍ଷରେ ରହିଛି। ସେହିପରି ମହିଳାଙ୍କ ମର୍ଯ୍ୟାଦାକୁ ଆଘାତ ଦେବା ମାମଲାରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଅଛି। ଏହି ସବୁ ତଥ୍ୟ ଦେଖିଲା ପରେ ସାର୍ବଜନୀନ ସ୍ଥାନରେ ଯୌନ ହିଂସା ଘଟଣାଗୁଡ଼ିକୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବା ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା କରାଯାଇଥିବା ପୃଥକ ଅପରାଧ ଭାବରେ ବିବେଚନା କରିବା ଉଚିତ୍ ନୁହେଁ। ଏଗୁଡ଼ିକ ଶ୍ରେଣୀ, ଜାତି ଓ ଶିକ୍ଷାଗତ ଯୋଗ୍ୟତାରେ ଆଉ ସୀମିତ ନାହିଁ। ବରଂ ସମାଜ ମଧ୍ୟରେ ଥିବା ଗଭୀର ସାମାଜିକ ଓ ମାନସିକ ସମସ୍ୟାର ଲକ୍ଷଣ ହୋଇସାରିଛି। ସମ୍ଭବତଃ, ଦୁଃଶାସନର ମାନସିକତା ଓ କୁରୁସଭାର ନିରବତା ଏବେ ବି ଆମ ଚାରିପାଖରେ ବଞ୍ଚିରହିଛି।

ସାର୍ବଜନୀନ ଯୌନ ହିଂସା ଅଧିକାଂଶ କ୍ଷେତ୍ରରେ ଯୌନ ଇଚ୍ଛା ବିଷୟରେ ହୋଇ ନ ଥାଏ। ସାର୍ବଜନୀନ ବିବସ୍ତ୍ରୀକରଣ କିମ୍ବା ଯୌନ ନିର୍ଯାତନା ପ୍ରାୟତଃ ମହିଳାମାନଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ। ଆମ ସମାଜରେ ମହିଳାଙ୍କ ଗରିମା ସହିତ ଶାଳୀନତା ଦୃଢ଼ ଭାବରେ ଜଡ଼ିତ। ତେଣୁ ଆକ୍ରମଣକାରୀମାନେ ଜାଣନ୍ତି ଯେ ସାର୍ବଜନୀନ ଅପମାନ ହିଁ ମହିଳାଙ୍କୁ ଗଭୀର ଭାବପ୍ରବଣ ଆଘାତ ସୃଷ୍ଟି କରିପାରିବ। ବିବାଦ ସମାଧାନ କରିବା, କ୍ରୋଧ ପ୍ରକାଶ କରିବା, ଦଣ୍ଡ ଦେବା କିମ୍ବା ନିୟନ୍ତ୍ରଣ ଜାହିର କରିବା ପାଇଁ ଅନେକ ମହିଳାଙ୍କ ଶରୀର ଏକ ପ୍ରତୀକାତ୍ମକ ଯୁଦ୍ଧକ୍ଷେତ୍ର ହୋଇସାରିଛି। ମହିଳାଙ୍କ ସାର୍ବଜନୀନ ବିବସ୍ତ୍ରୀକରଣ ହେଉଛି ଦଣ୍ଡର ଏକ ଅଂଶ, ଯେଉଁଠି ସେମାନଙ୍କୁ ଅପମାନିତ କରାଯାଇପାରିବ ଏବଂ ତାହା ସହିତ ପୁରୁଷ ନିଜ ପ୍ରାଧାନ୍ୟ ମଧ୍ୟ ପ୍ରଦର୍ଶିତ କରିପାରିବେ। ଠିକ୍ ଯେମିତି କୁରୁସଭାରେ ଦ୍ରୌପଦୀଙ୍କୁ ବସ୍ତ୍ରହରଣ କରି ଏକପ୍ରକାର ଦଣ୍ଡ ଦିଆଯାଇଥିଲା।

ଆଉ ଏକ ଅସହଜ କଥା ହେଉଛି ଯେ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ଅଭିଯୁକ୍ତ ମହିଳାମାନଙ୍କୁ ନିବସ୍ତ୍ର କରିବା ବା ଉଲଗ୍ନ କରି ଚଲେଇବା ହେଉଛି ଓଡ଼ିଶାରେ ଏକ ସାଧାରଣ ଘଟଣା। ଅନେକ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରି କାର୍ଯ୍ୟଗୁଡ଼ିକୁ ଲିଙ୍ଗଗତ ହିଂସାର ନିଷ୍ଠୁର ରୂପ ଭାବରେ ସ୍ୱୀକୃତି ଦିଆ ଯାଏନାହିଁ; ବରଂ ଆମେ ଏହାକୁ ସାଂସ୍କୃତିକ ପ୍ରଥା, ଅନ୍ଧବିଶ୍ୱାସ କିମ୍ବା ଉପସାଂସ୍କୃତିକ ପରମ୍ପରା ଭାବରେ ଯୁକ୍ତିଯୁକ୍ତ କରିଦେଉ। ସମାଜଶାସ୍ତ୍ର ଅନୁସାରେ, ଯେତେବେଳେ ଏକ ସମାଜ ଏପରି ପ୍ରଥା ବିରୁଦ୍ଧରେ ଦୃଢ଼ ନୈତିକ ପ୍ରତିବନ୍ଧକ, ସାମୂହିକ ନିନ୍ଦା ଏବଂ କଠୋର ଦଣ୍ଡ ଲାଗୁ କରିବାରେ ବିଫଳ ହୁଏ, ସେତେବେଳେ ଅଜାଣତରେ ମହିଳାଙ୍କ ସାର୍ବଜନୀନ ଅପମାନକୁ ଦଣ୍ଡର ଏକପ୍ରକାର ବୈଧ କରିଥାଏ। ଏହାର ପରିଣାମ ଆଜି ଦୃଶ୍ୟମାନ। ଡକ୍ଟର ଫିଓନା ଭେରା-ଗ୍ରେଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାର୍ବଜନୀନ ଯୌନ ଉତ୍ପୀଡ଼ନ ପୃଥକ ଘଟଣାଗୁଡ଼ିକର ଏକ ସଂଗ୍ରହ ନୁହେଁ; ବରଂ ଦୈନନ୍ଦିନ ସାମାଜିକ ଜୀବନରେ ସନ୍ନିହିତ ଗଭୀର ସାଂରଚନିକ ଅସମାନତାର ପ୍ରତିଫଳନ।

ରାୟଗଡ଼ା ଭିଡ଼ ଆକ୍ରମଣରେ ନାବାଳକମାନଙ୍କ ସମ୍ପୃକ୍ତି ସୂଚାଇ ଦେଉଛି ଯେ ହିଂସା ଆଉ ବୟସ୍କମାନଙ୍କ ମଧ୍ୟରେ ସୀମିତ ନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ନାବାଳକ ଅପରାଧ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ୧ ହଜାରରୁ ଅଧିକ ବଳାତ୍କାର ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ସମସ୍ତ ନାବାଳକଙ୍କ ମଧ୍ୟରୁ ପ୍ରାୟ ୭୮ ପ୍ରତିଶତ ୧୬ ରୁ ୧୮ ବୟସ ବର୍ଗର। ଏଥିରେ ଅନ୍ୟ ବର୍ଗଟି ଥିଲା ୧୨ ରୁ ୧୬ ବର୍ଷ ମଧ୍ୟରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହି ସଂଖ୍ୟାଗୁଡ଼ିକ ଆମ ବିଶ୍ୱାସକୁ ଏକପ୍ରକାର ଭାଙ୍ଗି ଦେଉନି କି? ସାମାଜିକ ଶିକ୍ଷା ତତ୍ତ୍ୱ କୁହେ ଯେ ଯୁବପିଢ଼ି ପ୍ରାୟତଃ ପ୍ରଭାବଶାଳୀ ବୟସ୍କଙ୍କୁ ନିରୀକ୍ଷଣ ଏବଂ ଅନୁକରଣ କରି ଆଚରଣ ଶିଖନ୍ତି। କିନ୍ତୁ ଏବେ ନାବାଳକମାନେ କେବଳ ନିର୍ଦ୍ଦୋଷ ଦର୍ଶକ ହୋଇ ରହିନାହାନ୍ତି; ସେମାନେ ଅଭିଯୁକ୍ତ, ଅପରାଧୀ। ଏହାର ଅର୍ଥ ଆମର ସାମାଜିକୀକରଣ, ଲାଳନପାଳନ ଓ ପାରିବାରିକ ପରିବେଶ ଏକ ଭଲ ଚରିତ୍ର ଗଠନ ପାଇଁ ଯଥେଷ୍ଟ ଅନୁକୂଳ ହେଉନି। ଅନେକ ଗବେଷଣା ଅନୁଯାୟୀ ଦାରିଦ୍ର୍ୟ ବ୍ୟତୀତ ପିତାମାତାଙ୍କ ନିଶାଦ୍ରବ୍ୟ ସେବନ, ପିତାମାତାଙ୍କ ଦୁଃବ୍ୟବହାର ଏବଂ ତଦାରଖର ଅଭାବ ଦ୍ୱାରା ନାବାଳକମାନେ ଭୁଲ ବାଟକୁ ଯାଉଛନ୍ତି।

ଆମେ ଜାଣୁ ଯେ ଭିଡ଼ ହିଂସା ସମୟରେ ବ୍ୟକ୍ତିଗତ ନୈତିକ ଦାୟିତ୍ୱ ଦୁର୍ବଳ ହୋଇଯାଏ। ଯାହାକୁ ମନସ୍ତତ୍ତ୍ୱବିତ୍‌ମାନେ 'ଦାୟିତ୍ୱର ପ୍ରସାରଣ' ବୋଲି କୁହନ୍ତି। ଜଣେ କିଶୋର ଯିଏ କେବେବି ଏକାକୀ ହିଂସା କରିପାରିବ ନାହିଁ, ଯଦି ସେ ଆକ୍ରମଣାତ୍ମକ ଭିଡ଼ ମଧ୍ୟରେ ରହେ ତେବେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇଯାଏ। ଆଉ ଗୋଟିଏ ତତ୍ତ୍ୱ କୁହେ ଯେ ଯୌନଗତ ଆଚରଣ ଓ ଦଳଗତ ଆଚରଣ ସମୟରେ ପୁରୁଷଙ୍କ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ ହୋଇଥାଏ। ଆମେ ରହୁଥିବା ସମାଜ ପୁରୁଷଙ୍କଠାରୁ ଯେଉଁ ଗୁଣ ଏବଂ ଆଚରଣ ଆଶା କରେ ତାହା ହେଉଛି ପୁରୁଷତ୍ୱ। ପରିବାର, ସମ୍ପ୍ରଦାୟ, ଗଣମାଧ୍ୟମ ଓ ଶିକ୍ଷା ମାଧ୍ୟମରେ ଯୁବାବସ୍ଥାରୁ ପୁରୁଷତ୍ୱର ଶିକ୍ଷା ଦିଆଯାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ କାଟୁଥିବା ଆମ କିଶୋର ପୁଅମାନେ ପୁରୁଷତ୍ୱ ବିଷୟରେ କ'ଣ ଶିଖୁଛନ୍ତି? ଏହାକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡିଜିଟାଲ ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ପାରମ୍ପରିକ ପୁରୁଷତ୍ୱର ପ୍ରଚାର ଅଧିକ। ଶାରୀରିକ ଶକ୍ତି, ଧନୀ, ଆବେଗହୀନ ଓ ନିଜ ଭାବନା ଉପରେ ନିୟନ୍ତ୍ରଣକୁ ପ୍ରକୃତ ପୁରୁଷ ଗୁଣ ଭାବରେ ଉପସ୍ଥାପନ କରାଯାଉଛି। ଏପରିକି ମହିଳାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ଜଣେ ଶକ୍ତ ପୁରୁଷର ଗୁଣ ବୋଲି ଅନେକ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁର ପ୍ରକାଶ ପାଉଛି।

ନିର୍ଭୟା ପରି ଏକ ହାଇ-ପ୍ରୋଫାଇଲ୍ ଅପରାଧ ଓ ଦଣ୍ଡ ପରେ ଆଶା କରାଯାଉଥିଲା ଯେ ସାର୍ବଜନୀନ ଯୌନ ହିଂସା କମିଯିବ। କିନ୍ତୁ ବିଡ଼ମ୍ବନା ଯେ ଏହା କୌଣସି ପ୍ରକାରର ଆଇନଗତ ସଚେତନତା କିମ୍ବା ଆଚରଣଗତ ପରିବର୍ତ୍ତନ ଆଣିଲାନାହିଁ। ତେଣୁ ଏବେ ରାୟଗଡ଼ା ଘଟଣା ଆମ ପାଖେ ସେହି ଜଟିଳ ପ୍ରଶ୍ନ ଛାଡ଼ି ଯାଇଛି। ଆଇନର ଦଣ୍ଡ, ସଚେତନତା କ'ଣ ସତରେ ଆମ ଆଚରଣ ଓ ମାନସିକତାକୁ ପରିବର୍ତ୍ତନ କରିପାରିବ? ଯେତେବେଳେ ନାବାଳକମାନେ ସାର୍ବଜନୀନ ଯୌନ ହିଂସାରେ ଅଧିକ ଅଂଶଗ୍ରହଣ କରୁଛନ୍ତି, ଏହା ପରିବାର, ବିଦ୍ୟାଳୟ, ସମ୍ପ୍ରଦାୟ ଓ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ବିଫଳତାକୁ ପ୍ରକାଶ କରୁନାହିଁ କି? ସମ୍ଭବତଃ ଏଥିରେ ମହିଳାମାନଙ୍କ ପ୍ରତି ମର୍ଯ୍ୟାଦା, ସହାନୁଭୂତି ଓ ସମ୍ମାନର ମୂଲ୍ୟାଙ୍କନ କମ୍ କରାଯାଉଛି ଏବଂ ଦୁଃଶାସନର ମାନସିକତା ଲୁଚି ରହିଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବଦଳୁଛି ବଜାର କୌଶଳ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ଉତ୍ପାଦଗୁଡ଼ିକର ଅନଲାଇନ୍ ବିକ୍ରି ଦୀର୍ଘ ଦିନରୁ ଚାଲିଆସୁଛି। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଏଥିରେ ପ୍ରବଳ ଅଭିବୃଦ୍ଧି ଦେଖାଦେଲା। ସେତିକିବେଳେ ଲୋକମାନେ ବୁଝିପାରିଲେ ଯେ ଯୋଗାଣ ଶୃଙ୍ଖଳା ପରିଚାଳନା(ସପ୍ଲାଇଚେନ୍ ମ୍ୟାନେଜମେଣ୍ଟ) କିପରି ଯାଦୁ କରିପାରେ। ଆଜି ଦେଶର ଯେକୌଣସି କୋଣରୁ ଯେକୌଣସି ସାମଗ୍ରୀ କିଣାବିକା କରାଯାଇପାରୁଛି ଏବଂ ଇ-କମର୍ସ କମ୍ପାନୀଗୁଡ଼ିକ ଏହି ଚମତ୍କାର କରୁଛନ୍ତି। ସେମାନେ ସାରା ବିଶ୍ୱରେ ବ୍ୟାପାର କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି।

ଏହା ଏଭଳି ଏକ ବ୍ୟବସାୟ, ଯେଉଁଠାରେ ଗ୍ରାହକ ବିକ୍ରେତାଙ୍କ ବିଷୟରେ ଜାଣି ନ ଥା'ନ୍ତି। କିନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତାଙ୍କୁ ସଠିକ୍ ଜିନିଷ ସଠିକ୍ ମୂଲ୍ୟରେ ଉପଲବ୍ଧ ହେଉଛି। ଯଦି ପସନ୍ଦ ନ ହେଲା ତେବେ ସାମଗ୍ରୀ ଫେରସ୍ତର ସୁବିଧା ମଧ୍ୟ ଅଛି। ଏହାବ୍ୟତୀତ ଗ୍ରାହକ ଜାଣନ୍ତି ଯେ ସାମଗ୍ରୀ ବାବଦକୁ ସେ ଦେଉଥିବା ଟଙ୍କା ସୁରକ୍ଷିତ। ଏମାନଙ୍କର ଡେଲିଭରି ବା ଯୋଗାଣ ମଧ୍ୟ ଅତ୍ୟନ୍ତ ଦ୍ରୁତ ଓ ସମୟାନୁବର୍ତ୍ତୀ। ଏହା ଏମିତି ଏକ ଦୁନିଆ, ଯେଉଁଠି ଗ୍ରାହକ ହିଁ ରାଜା। କାରଣ ତାଙ୍କୁ ଗୋଟିଏ ଜିନିଷ ପାଇଁ ଶହ ଶହ ବିକଳ୍ପ ମିଳିଥାଏ। ଏହି କାରଣରୁ ୨୦୨୪ରେ ଭାରତର ଇ-କମର୍ସ ବଜାର ୧୪୭.୩ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏଥିରେ ୧୮.୭ ପ୍ରତିଶତ ବୃଦ୍ଧି ଘଟିଛି। ଆମାଜନ, ଫ୍ଲିପକାର୍ଟ, ମାୟନ୍ତ୍ରା, ଜିଓ ମାର୍ଟ, ଟାଟା କ୍ଲିକ୍ ଭଳି କମ୍ପାନୀଗୁଡ଼ିକ ଏକ୍ଷେତ୍ରରେ କୋଟି କୋଟି ଟଙ୍କାର ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ସେମାନଙ୍କ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି।

ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଶସ୍ତା ହେବା ଯୋଗୁଁ ଲୋକଙ୍କ ଚିନ୍ତାଧାରା ଓ କିଣାବିକା କରିବାର ଶୈଳୀ ବଦଳିଛି, ଯାହା ଫଳରେ ଏହି ବଜାର ଦ୍ରୁତଗତିରେ ବଢ଼ୁଛି। ଏହି କମ୍ପାନୀଗୁଡ଼ିକ ଛୁଞ୍ଚିଠାରୁ ଆରମ୍ଭ କରି ମୋଟର କାର୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ବିକ୍ରି କରୁଛନ୍ତି। ଏବେ ଏହି ବଜାର ଛୋଟ ସହର, ଗାଁ ଗହଳି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ଆଶା କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତରେ ଇ-କମର୍ସର ୪୦ କୋଟି ଗ୍ରାହକ ହେବେ। ୨୦୩୦ ସୁଦ୍ଧା ଏମାନଙ୍କର ମୋଟ ବିକ୍ରି ୨୫୦ରୁ ୩୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାର ସକାରାତ୍ମକ ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିଛି।

ସ୍ୱଦେଶୀ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଏକ ବହି ଦୋକାନ ଭାବେ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଅନଲାଇନ୍ ବଜାର ଭାବେ ବିକଶିତ ହେଲା। ଏହା 'କ୍ୟାଶ୍ ଅନ୍ ଡେଲିଭରି' ଭଳି କ୍ରାନ୍ତିକାରୀ ସୁବିଧା ଆରମ୍ଭ କରିଥିଲା, ଯାହା ଅନଲାଇନ୍ ସପିଂକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ବ୍ୟାପାରର ଏହି ଖେଳରେ ଏବେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ୁଛନ୍ତି। ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ ଭଳି କମ୍ପାନୀଗୁଡ଼ିକ ମିନିଟ୍ ମଧ୍ୟରେ ଗ୍ରାହକଙ୍କ ଘରେ ଜରୁରୀ ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳସ୍ୱରୂପ, ସେମାନେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକୁ କଡ଼ା ଟକ୍କର ଦେଉଛନ୍ତି। ସେମାନଙ୍କ କାରବାର ବାର୍ଷିକ ୪୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି ଏବଂ ମୋଟାମୋଟି ଆକଳନ ଅନୁଯାୟୀ, ଚଳିତ ବର୍ଷ ସେମାନଙ୍କର ମୋଟ କାରବାର ପ୍ରାୟ ୭ ବିଲିୟନ ଡଲାରରେ ପହଞ୍ଚିଯିବ।

କର୍ଣ୍ଣେଲ ଏସସି ଜନସନଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ କ୍ୱିକ୍-କମର୍ସ କାରବାର ଚଳିତ ବର୍ଷ (୨୦୨୬) ବଢ଼ି ୬୫, ୬୪୫.୪୦ କୋଟି ଟଙ୍କା ହୋଇଯାଇଛି। ୨୦୨୨ ତୁଳନାରେ ଏହି ଅଭିବୃଦ୍ଧି ୨୪ ଗୁଣ ଅଧିକ। ବେନ୍ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଦର୍ଶାଉଛି ଯେ ୨୦୨୪ରେ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର ଅର୍ଡର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଦେଶର ମୋଟ ଅନଲାଇନ୍ ଗ୍ରୋସରୀ ଅର୍ଡରର ଦୁଇ-ତୃତୀୟାଂଶ କ୍ୱିକ୍-କମର୍ସ ପ୍ଲାଟଫର୍ମରୁ ହୋଇଥିଲା। ଇ-କମର୍ସ ବଜାରରେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ନିଜର ପ୍ରଭାବ ଦୃଢ଼ କରିଚାଲିଛନ୍ତି। ଆମର ଇ-କମର୍ସ ଦେଶର ଦୃଢ଼ତା, ନବସୃଜନ ଓ ଉଦ୍ୟମଶୀଳତାର ଏକ ପ୍ରମାଣ। ଆମାଜନ ଓ ଫ୍ଲିପକାର୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ଲାଟଫର୍ମ ବଜାର ପରିସର ବୃଦ୍ଧି କରିବାରେ ନିଜର ଅନନ୍ୟ ଅବଦାନ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଉଛି ଏହି କମ୍ପାନୀଗୁଡ଼ିକ ବ୍ୟାପକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପିଆଇଏଫ୍ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଗତ ବର୍ଷ ୧.୫୮ କୋଟି ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେଥିମଧ୍ୟରେ ୩୫ ଲକ୍ଷ ମହିଳା ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଇ-କମର୍ସ କମ୍ପାନୀଗୁଡ଼ିକ ସାଧାରଣ ବ୍ୟବସାୟୀ ତୁଳନାରେ ୫୪ ପ୍ରତିଶତ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକରେ ଗ୍ରାହକ ହାରାହାରି ୫, ୦୦୦ ଟଙ୍କାରୁ ଅଧିକ ଅନଲାଇନ୍ କିଣାବିକା କରୁଛନ୍ତି, ଯାହା ବଡ଼ ସହର ଅପେକ୍ଷା ଅଧିକ। ଇ-କମର୍ସ କମ୍ପାନୀଗୁଡ଼ିକ ଡେଲିଭରି ବୟ ସହିତ ଦକ୍ଷ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକ ୱେୟାର ହାଉସିଂ, ଲଜିଷ୍ଟିକ୍ସ, ଡିଜିଟାଲ୍ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଫାଇନାନ୍ସ ଇତ୍ୟାଦି କ୍ଷେତ୍ରରେ ବହୁଳ ପରିମାଣରେ ରୋଜଗାର ପ୍ରଦାନ କରୁଛନ୍ତି। ଆଗାମୀ ସମୟରେ ଏହି କ୍ଷେତ୍ରରେ କାରବାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ଆହୁରି ବଢ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅତ୍ୟନ୍ତ ସୁନିୟୋଜିତ ଭାବେ କାର୍ଯ୍ୟ କରୁଛନ୍ତି।

ଆଜି ଇ-କମର୍ସ ଓ କ୍ୱିକ୍-କମର୍ସ କେବଳ ସାମଗ୍ରୀ କିଣାବିକାର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଅର୍ଥନୀତିର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହୋଇଛି। ଗ୍ରାହକଙ୍କୁ ରାଜାର ସମ୍ମାନ ଦେବା ସହିତ ଏହି ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷ କରି ମହିଳାମାନଙ୍କୁ, ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସ୍ୱାବଲମ୍ବୀ କରିପାରିଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳାର ସଠିକ୍ ପରିଚାଳନା ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ବଜାରରେ ପରିଣତ କରିବାର ସାମର୍ଥ୍ୟ ରଖେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଲ୍ୟାଣମୁଖୀ ଅର୍ଥନୀତିର ବ୍ୟାଖ୍ୟାକର: ବୈଦ୍ୟନାଥ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଜଣେ ଅର୍ଥନୀତିର ତତ୍ତ୍ୱ ଜାଣିଲେ ଅର୍ଥନୀତିଜ୍ଞ ହୋଇପାରନ୍ତି। ମାତ୍ର ସେହି ତତ୍ତ୍ୱ ଲୋକମଙ୍ଗଳ ସକାଶେ ଅଭିପ୍ରେତ ବୋଲି ଯେଉଁମାନେ ହୃଦୟଙ୍ଗମ କରିପାରିବାର ସହାନୁଭୂତିରେ ଆପ୍ଲୁତ ସେମାନେ ହିଁ ସର୍ଜନା କରିପାରନ୍ତି ହୃଦୟସ୍ପର୍ଶୀ ସାହିତ୍ୟ। ପୁଣି ଯାହାର ମୂଳଲକ୍ଷ୍ୟ ଲୋକହିତ ସାଧନ, ତାହାକୁ ବୋଧଗମ୍ୟ ଭାଷାରେ ପ୍ରକାଶ କରିବା ହିଁ ପ୍ରକୃତ ବିଦ୍ୱାନବ୍ୟକ୍ତିଙ୍କ ପ୍ରତିଭାର ପରିଚାୟକ। ଏ ପରିପ୍ରେକ୍ଷୀରେ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ନିଶ୍ଚୟ। ଅର୍ଥନୀତିର ଜଟିଳ ତତ୍ତ୍ୱକୁ ଆଧାର କରି ଯେ ଆକର୍ଷଣୀୟ ସାହିତ୍ୟ ସର୍ଜନା ସମ୍ଭବ - ଏହା ସେ ପ୍ରମାଣିତ କରିଦେଲେ ଆନ୍ତରିକ ସାଧନା ଦ୍ୱାରା। ଅର୍ଥନୈତିକ ବିଚାରଧାରାକୁ କେନ୍ଦ୍ର କରି ସରଳ ଭାଷାରେ ସେ ଯେଉଁ ପ୍ରବନ୍ଧ ରଚନା କଲେ ତାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଖପାଠ୍ୟ ହେବା ସହିତ ପାଠକୀୟ ଚେତନାକୁ ସାମାଜିକ କଲ୍ୟାଣ ଅଭିମୁଖୀ କରିଦେଲା। ପୁଞ୍ଜିବାଦ କହିଲେ କ'ଣ, ସାମ୍ୟବାଦର ବିଶେଷତ୍ୱ ଓ ମହାତ୍ମା ଗାନ୍ଧୀଙ୍କ ଅର୍ଥନୀତିର ନୈତିକ ଦିଗଗୁଡ଼ିକର କି ମାର୍ମିକ ଉପସ୍ଥାପନ କରିଦେଲେ ସେ!

ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଯେକୌଣସି ବ୍ୟକ୍ତିର ଅଧିକାରଭୁକ୍ତ। କିନ୍ତୁ ସ୍ୱାର୍ଜିତ ବିପୁଳ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ନିଜର ଭୋଗବିଳାସ ପାଇଁ କେହି ବିନିଯୋଗ କରିପାରିବ ସ୍ୱାଧୀନ ଭାବରେ - ଏ ଅଧିକାର ତା'ର ରହିବା ଉଚିତ ନୁହେଁ। ଏ କଥା ମହାତ୍ମା ଗାନ୍ଧୀ ଯେଭଳି ସୁସ୍ପଷ୍ଟ ଭାବରେ ଅବତାରଣା କଲେ ସମଗ୍ର ପୃଥିବୀରେ ତା'ର ତୁଳନା ନାହିଁ। ସ୍ୱଚ୍ଛନ୍ଦ ସାଂସାରିକ ଜୀବନ ଅତିବାହିତ କରିବା ସକାଶେ ଆବଶ୍ୟକ ଅର୍ଥରାଶିକୁ କେବଳ ନିଜ ନିକଟରେ ରଖି ବଳକା ଅର୍ଥ ସମାଜର ଅନଗ୍ରସର ଲୋକଙ୍କ ପାଇଁ ସ୍ୱଇଚ୍ଛାରେ ଦାନ କରିବେ। ଫଳରେ ଏହି ଶ୍ରେଣୀର ବ୍ୟକ୍ତିବୃନ୍ଦ ହେବେ ସମାଜର ଟ୍ରଷ୍ଟି। କଥାଟି ଶୁଣିବା ପାଇଁ ଅତ୍ୟନ୍ତ ସୁଖକର। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ଯେ ଅସମ୍ଭବ - ଏହି ବିଷୟକୁ ନେଇ ଗାନ୍ଧିଜୀ ସମାଲୋଚନାର ଶରବ୍ୟ ହୋଇଛନ୍ତି। କିଏ କାହିଁକି ସ୍ୱଇଚ୍ଛାରେ କଷ୍ଟାର୍ଜିତ ଧନ ଦାନ କରିବେ? କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିକୁ ବିସ୍ତୃତ ଭାବରେ ବୈଦ୍ୟନାଥ ମିଶ୍ର ବ୍ୟାଖ୍ୟା କରିଦେଇଛନ୍ତି। ବାସ୍ତବିକ ଧନିକ ସମ୍ପ୍ରଦାୟକୁ ସମ୍ବେଦନଶୀଳ ହେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ସ୍ୱଇଚ୍ଛାରେ ଟ୍ରଷ୍ଟି ହେବାକୁ ଅନିଚ୍ଛୁକଙ୍କ ପ୍ରତି ପ୍ରଯୁଜ୍ୟ ହେବ ଗାନ୍ଧିଜୀଙ୍କ ଅମୋଘ ଅହିଂସ ଅସ୍ତ୍ର 'ଅସହଯୋଗ'। ସମାଜର ସହଯୋଗରେ ହିଁ ଜଣେ ଧନ ଉପାର୍ଜନ କରିଥାଏ। ଯଦି ସେଥିରୁ ଉଦବୃତ୍ତ ଅର୍ଥ ସେ ସାମାଜିକ ବିକାଶ ପାଇଁ ବିନିଯୋଗ କରିବାରେ କୁଣ୍ଠିତ, ସମାଜ ତା'କୁ କାହିଁକି ସମର୍ଥନ କରିବ? ଯେଉଁ ଅପରାଜେୟ ବ୍ରିଟିଶ ଶାସକକୁ ଅସହଯୋଗ ବଳରେ ହିଁ ଦୁର୍ବଳ କରିଦେଇଥିଲେ ଗାନ୍ଧିଜୀ, ସେହି ଶକ୍ତିଶାଳୀ ନୀତି ସମାଜରେ କାର୍ଯ୍ୟକ୍ଷମ ହେବ ନାହିଁ କାହିଁକି? ଅସହଯୋଗର ପ୍ରଭାବ ଅନ୍ୟ କୌଣସି ମତବାଦଠାରୁ କେତେ ବାସ୍ତବଧର୍ମୀ ତାହା ବୈଦ୍ୟନାଥ ମିଶ୍ର ବଳିଷ୍ଠ ଭାବରେ ପ୍ରତିପାଦନ କରିଦେଲେ।

ପ୍ରଫେସର ମିଶ୍ର ସମାଜର ତଳସ୍ତରରୁ ଆସିଥିବାରୁ ଦେଶର ଦାରିଦ୍ର୍ୟ ଦୂରୀକରଣ କେଉଁ ଅର୍ଥନୀତିର ଆଦର୍ଶ ବଳରେ ସମ୍ଭବ, ତାହା ଗଭୀର ଭାବରେ ଚିନ୍ତା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରସଙ୍ଗଗୁଡ଼ିକର ଚିତ୍ତାକର୍ଷକ ବର୍ଣ୍ଣନା ସାଧାରଣ ପାଠକବର୍ଗ ମଧ୍ୟରେ ବି ସକାରାତ୍ମକ ଚିନ୍ତନକୁ ପ୍ରଶସ୍ତ କରି ଦେଇପାରେ। ତା' ମଧ୍ୟରେ ଅନ୍ତର୍ଭୁକ୍ତ 'ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ', 'ଭାରତର ଆର୍ଥନୀତିକ ସମସ୍ୟା', 'ଆର୍ଥନୀତିକ ଯୋଜନା', 'ଶାସନ ଓ ସଂସ୍କାର', 'ସମାଜବାଦ ଓ ଗଣତନ୍ତ୍ର', 'ସାମାଜିକ ମୂଲ୍ୟବୋଧ', 'ରାଜନୀତିର ସୁଖ ଓ ଦୁଃଖ', 'ଚନ୍ଦ୍ରଲୋକରେ ଚହଲ' ଆଦି ଅନେକ ପୁସ୍ତକ। ଜୀବନରେ ଶିକ୍ଷା, ସମାଜ, ରାଜନୀତି କ୍ଷେତ୍ରରେ ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଦରିଦ୍ରମାନଙ୍କ ପ୍ରତି ପ୍ରକାଶିତ ସହାନୁଭୂତି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଛଦ୍ମତାର ଆବିଳତା, ସେଥିରେ ସେ ପୀଡ଼ାଗ୍ରସ୍ତ ହୋଇଛନ୍ତି। ରାଜନୈତିକ ଜୀବନରେ ଯେଉଁସବୁ ତିକ୍ତ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି, ତାହାକୁ ନିଷ୍କପଟ ଭାବରେ ଖବରକାଗଜରେ ବ୍ୟକ୍ତ କରିଛନ୍ତି। ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବାର ବିଶିଷ୍ଟ ବ୍ୟକ୍ତିଙ୍କ ଅନାନ୍ତରିକତା ତାଙ୍କୁ ଆହତ କରିଛି ଗଭୀର ଭାବରେ। ଦାରିଦ୍ର୍ୟ ନିପୀଡ଼ିତ ସମାଜ ପ୍ରତି ସହାନୁଭୂତି ବ୍ୟକ୍ତ ଲକ୍ଷ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଉଦବେଗ ସୃଷ୍ଟିକାରୀ ଉଦବୋଧନ କେତେ ଶଠତାପୂର୍ଣ୍ଣ, ତାହା ନିର୍ଭୀକ ଭାବରେ ବର୍ଣ୍ଣନା କରିଦେଇଛନ୍ତି।

ଯେଉଁ ଯୁବସମାଜ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଅସମ୍ଭବ ନୁହେଁ ବୋଲି ଅନୁଭବ କରିପାରନ୍ତି ଏବଂ ସ୍ୱଦେଶର ଯଥାର୍ଥ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପୁସ୍ତକାବଳୀ ଶ୍ରେଷ୍ଠ ପ୍ରେରଣା-ପ୍ରଦାନ -କ୍ଷମ ଏକ ଏକ ଆଲୋକବର୍ତ୍ତିକା ଭାବେ ବିଦ୍ୟମାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## WALK IN INTERVIEW

Wanted Teaching Guest Faculties for **Logic, Sanskrit, Odia, Education, Commerce, I.T.** subjects and Library Attendant (one in each) will be held in the office of the undersigned at **09:00 a.m. on 30/06/2026.** Interested candidates having minimum **55% of marks** in concerned subjects (Teaching) in **Master Degree level** & **+2 Passed** qualification for Library Attendant should attend the interview with their **Resume, original photo** copies testimonials.

**Principal**
**RAGHUNATHJEW H.S SCHOOL**
**DEULASAHI, CUTTACK-753008.**

24001/248/2627

## GOVERNMENT OF ODISHA
## TOURISM DEVELOPMENT OFFICE, PURI

**No. Acct. TDOP-39/26-1403/TDO, Puri, Date: 24.06.2026**
**Email: oritourpuri@gmail.com, Tel No.: 06752-222664**

## SHORT TENDER CALL NOTICE

Tourism Development Office, Puri on behalf of Department of Tourism, Government of Odisha, Bhubaneswar invites tender in sealed covers from intending Agencies/Firms/Event Managers for installation of Temporary Tourism Information Stalls at different places of Puri in connection with Car Festival, 2026. Detailed information is available on the Puri District website: **https://puri.odisha.gov.in.**

**OIPR-24001/24409/1/26-27/0001** **Sd/- Asst. Director, Tourism**

GOVERNMENT OF ODISHA 25001/504/2627

### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

**Lt. No. 4502 / Dt. 22.06.2026**

**1st Corrigendum to Bid Identification No. Online – EERKL-15/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online – EERKL-15/2026-27 by the Executive Engineer, Rural Works Division-II, Sundargarh, the date of online bidding and opening, which was scheduled from 19.06.2026 to 30.06.2026, is hereby extended as follows:

| Availability of Tender Online (From) | | Last Date & Time of Seeking Tender Clarification | Date & time of Opening of Tender (Technical Bid) |
|---|---|---|---|
| FROM | TO | | Online-EERKL-15/2026-27 |
| 24.06.2026 at 10.00 AM | 02.07.2026 up to 5.00 P.M. | 01.07.2026 up to 5.00 P.M. | 03.07.2026 at 11.00 A.M. |

**Executive Engineer**
**R.W. Division-II, Sundargarh**

**OIPR-25001/25193/1/26-27/0023**

GOVERNMENT OF ODISHA 34001/389/2627

### OFFICE OF THE SUPERINTENDING ENGINEER,
### JEYPORE (R&B) DIVISION, JEYPORE

**e-Procurement Notice**

**Bid Identification No. S.E (R&B)-07/2026-27/JYP(K)**
**No. 3844 Date: 18.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work** : Road & Building Work as mentioned in DTCN.
2. **No. of Works** : 4 Nos.
3. **Estimated Cost** : Rs. 18.45 Lakhs to Rs. 27.82 Lakhs
4. **Period of Completion** : 1 (One) to 3 (Three) Months
5. **Date & Time of Bidding** : From 11.00 Hours of 25.06.2026 up to 17.00 Hours of 04.07.2026
6. **Last Date & Time for Receipt of Bids in Portal** : 17.00 Hours of 04.07.2026
7. **Bids Received Online Shall Be Opened On** : 11.00 Hours of 06.07.2026
8. **Name and Address of the Officer Inviting Bid** : Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

**Superintending Engineer**
**Jeypore (R&B) Division, Jeypore**

**OIPR-34001/34027/1/26-27/0007**

OFFICE OF THE PRINCIPAL

### NATIONAL COLLEGE, NUAPADA

AT/PO/DIST-NUAPADA (ODISHA) – 766105
e-Mail: principalncn@gmail.com

**Notice No.: 13/NCN** **Date: 23/06/2026**

**Quotation Call Notice**

Sealed quotations are invited from the interested firms/suppliers having valid GSTIN & PAN to supply the following items prescribed by the Government of Odisha, Department of Higher Education, Odisha, Bhubaneswar vide Letter No. 16578 Dtd. 23.03.2026 following all norms and specification of the items as specified in this letter. The sealed quotations along with the copies of GSTIN & PAN etc. should be reached to the undersigned by **5.00 PM on or before 07.07.2026** by Registered/Speed Post/Courier Services. For further details please visit the college website **www.nationalcollegenpd.com**. The quotation should be inclusive of spot delivery, installation charges and taxes. The undersigned reserves the right to cancel or withdraw the Quotation Call.

| Sl. No. | Item | Specification | Company |
|---|---|---|---|
| 1 | Desktop Set | i10, 12th Gen, 8GB RAM, 512 GB, 23.8 inch above | HP / Dell / Lenovo |
| 2 | UPS | 650VA / 360W | Microtek / Luminous / Vguard |
| 3 | MFM Printer | Laser Jet, Colour Inkjet | HP / Canon / Samsung |

**Sd/- Principal**
**National College, Nuapada**

### EOI FOR EMPANELMENT OF SUPPLIER FOR DAIRY ANIMALS

6001/57/2627

**EOI No. 10474, Date: 22.06.2026**

**EOI for Empanelment of "Supplier for Dairy Animals"**

Suppliers for supply of milch cow/buffalo from outside the State for sub-schemes under **Mukhyamantri Kamdhenu Yojana (MKY) / Mukhyamantri Krushi Udyoga Yojana (MKUY)**

The Fisheries & ARD Department has launched the **Mukhyamantri Kamdhenu Yojana (MKY)** to accelerate the growth of the dairy sector in the State through the induction of high-genetic-potential dairy cows/buffaloes from outside Odisha, with the objective of enhancing the quality and productivity of the State's dairy animal population.

The Director of Animal Husbandry and Veterinary Services, Odisha, Cuttack invites **Expression of Interest (EOI)** from intending Firms/Organizations/Agencies/Individuals for empanelment towards supply of high milk yielding cows/buffaloes from outside the state for animal induction by farmers under State Plan Scheme "Mukhyamantri Kamdhenu Yojana" and "Mukhyamantri Krushi Udyoga Yojana (MKUY)".

The details of the Expression of Interest (Non-transferable) as well as terms and conditions and information docket are available on the DAH & VS, Odisha website: https://odishaahvs.nic.in. Interested parties are requested to download the required documents and submit their response to the undersigned at the above-mentioned address along with the cost of the EOI document of **Rs. 2360/- (Rs. 2000/- + 18% GST)** in shape of Bank Draft drawn in favour of the **Director, AH & VS**, payable at Cuttack.

The cost of EOI documents is compulsory and the bank draft should be enclosed in original along with the EOI documents. The cost paid for EOI documents is non-refundable.

**Time Line**

| | |
|---|---|
| Date & Time of release of EOI | 25.06.2026 |
| Submission of queries on EOI & Pre-bid meeting | At DAH&VS, Mangalabag, Cuttack, Odisha on 02.07.2026 at 11:30 AM |
| Start Date & Time of submission of EOI documents | 27.06.2026 (10:00 AM) |
| Last Date & Time of submission of EOI | 17.07.2026 (05:00 PM) |
| Date & Time of opening of Bid | 20.07.2026 (11:30 AM) |

**DIRECTOR**
Animal Husbandry and Veterinary Services,
Odisha, Mangalabag, Cuttack

**OIPR-6001/6014/1/26-27/0006**

## AFFIDAVIT

By virtue of an affidavit no.172 before the Notary Public, Bhubaneswar, dtd.24.06.2026, I, Hapi Swain, At-Baghuapalli, PS-Fategarh, Dist.-Nayagarh, Odisha–752077, hereby declare that I have changed my name from Hapi Swain to Soumya Ranjan Swain. Henceforth, I shall be known as **Soumya Ranjan Swain** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta, Balasore. I, Harihar Dandapat,S/o- Muralidhar Dandapat of permanent Resident At -Tigiria, Po-Pandarungi, Ps-Basta, Dist-Balasore, Odisha, 756029. Declared by Affidavit Sl No: - 1552, Dtd-17/04/2026. That, I, Have changed my name from SANAYASI KHATUA to HARIHAR DANDAPAT. Hence forth, I shall be Known as **HARIHAR DANDAPAT** for all future purpose.

**Harihar Dandapat**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 977, dated 20.06.2026, I, MANISA NAYAK, Daughter of - Pradeep Kumar Nayak & Wife of - Sudhakar Kachhap permanent resident of Village - Bhurbhusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from MONISHARANI KACHHAP to MANISA NAYAK. Henceforth, I shall be known as **MANISA NAYAK** for all purposes.

**Sd/- Manisa Nayak**

## AFFIDAVIT

By virtue of an affidavit sworn before the Executive Magistrate, Bargarh dated 16.06.2026, I, Alestar Minz, Address- Vill.-Khaliapali, Po.- Bardol, Ps./Dist.- Bargarh, Odisha declare that, my daughter's actual name is **Sonia Minz** and date of birth is **12.11.2012** but in her Aadhar card her name has been wrongly mentioned as Dania Minch. That, **Sonia Minz** and **Dania Minch** is one and same person.

## ବିକ୍ରି କବଲା ହଜିଛି

ଆମ୍ଭେ ଶ୍ରୀ ନାରାୟଣ ପ୍ରସାଦ ସାହୁ, ପିତା- ସ୍ୱର୍ଗତ ଦାଶରଥି ସାହୁ, ସା/ପୋ- ପାଟପୁର, ଥାନା- ଉଦଳା, ଜି- ମୟୂରଭଞ୍ଜ ପ୍ରକାଶ କରୁଅଛି ଯେ ତା. ୦୮.୦୬.୨୦୨୬ ରିଖ ସୋମବାର ଦିନ ଉଦଳା କଚେରୀରୁ ପାଟପୁର ସ୍ଥିତ ମୋ ଘରକୁ ଫେରିବା ବାଟରେ ମୋର ଅରିଜିନାଲ ରେଜେଷ୍ଟ୍ରି ବିକ୍ରି କବଲା ନ. ୧୮୨୯, ତା. ୨୨.୧୦.୧୯୮୮ କେଉଁଠାରେ ହଜିଯାଇଛି । ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ମୁଁ ପାଇପାରିନାହିଁ ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଥାନ୍ତି, ଦୟାକରି ମୋବାଇଲ ନଂ. ୯୧୭୮୨୭୮୯୦୭ରେ ଜଣାଇବାକୁ ଅନୁରୋଧ କରୁଛି ।

ନାରାୟଣ ପ୍ରସାଦ ସାହୁ

## ପଶ୍ଚିମ ରେଳବାଇ
## ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ଏକ ଇ-ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି। ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା M247GLRSRP262715, ତାରିଖ 23.06.2026। ଏହି ଟେଣ୍ଡରରେ 80ଟି ବିଦ୍ୟୁତ ଲୋକୋମୋଟିଭ୍‌ର ରିପାଇଁ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି। କାର୍ଯ୍ୟଟି ପଶ୍ଚିମ ରେଳବାଇର ଦାହୋଦସ୍ଥିତ CVWM କାର୍ଯ୍ୟାଳୟରେ ସମ୍ପାଦିତ ହେବ। ଏହାର ଆନୁମାନିକ ମୂଲ୍ୟ ଟ.8,80,39,200/- ଧାର୍ଯ୍ୟ କରାଯାଇଥିବା ବେଳେ ଅମାନତ ଜମା ଡିପୋଜିଟ୍ ( E M D ) ରାଶି ଟ.17,60,800/- ନିର୍ଦ୍ଧାରଣ କରାଯାଇଛି। ଇ-ଟେଣ୍ଡର ଦାଖଲ କରିବାର ଶେଷ ସମୟ 15.07.2026 ତାରିଖ ଦିନ ଅପରାହ୍ନ 2.30 ଘଣ୍ଟା ପର୍ଯ୍ୟନ୍ତ ରହିଛି ଏବଂ ସେହି ଦିନ ଅପରାହ୍ନ 3.00 ଘଣ୍ଟାରେ ଟେଣ୍ଡର ଖୋଲାଯିବ। ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଦଲିଲପତ୍ର www.ireps.gov.in ୱେବସାଇଟର E-Tenders/Works/IRElectrical ରୁ ପ୍ରାପ୍ତ କରିପାରିବେ।

Apex/109

Like us on: facebook.com/WesternRly

## ପଶ୍ଚିମ ରେଳବାଇ
## ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର DRM (S&T), ୱର୍କସ୍ ରତଲାମ ପକ୍ଷରୁ ଟେଣ୍ଡର ନଂ SnT-RTM-26-Tele-14, ତାରିଖ 23.06.2026 ଅନୁସାରେ ଏକ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟ ଅନ୍ତର୍ଗତ ରତଲାମ ମଣ୍ଡଳର ବ୍ଲକ୍ ସେକ୍ସନରେ ଥିବା ବର୍ତ୍ତମାନର ଭୂଗର୍ଭସ୍ଥ ସିଗ୍ନାଲ ଏବଂ ଟେଲିକମ୍ କେବୁଲଗୁଡ଼ିକର ଡ୍ରୋନ୍ ଓ D G P S ସର୍ଭେ କରାଯାଇ କେବୁଲ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଏହି ଟେଣ୍ଡରର ଆନୁମାନିକ ମୂଲ୍ୟ 7,71,13,920.00 ଟଙ୍କା ହୋଇଥିବାବେଳେ ବିଡ୍ ସିକ୍ୟୁରିଟି / ଅମାନତ ଜମା ଭାବେ 15,42,300.00 ଟଙ୍କା ଜମା କରିବାକୁ ପଡ଼ିବ। ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ : 20.07.2026 , ଅପରାହ୍ନ 3.00 ଘଣ୍ଟା ରହିଛି ଏବଂ ବିଡ୍‌ଗୁଡ଼ିକ ସେହି ଦିନ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ। କାର୍ଯ୍ୟ ସମାପ୍ତି ପାଇଁ 12 ମାସର ଅବଧି ନିର୍ଦ୍ଧାରିତ ହୋଇଛି। ବିଡ୍ ଖୋଲିବା କାର୍ଯ୍ୟ Sr. DSTE, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶରେ ସମ୍ପନ୍ନ ହେବ। ଆଗ୍ରହୀ ଟେଣ୍ଡରଦାତାମାନେ ଇ-ଟେଣ୍ଡର ପୋର୍ଟାଲ www.ireps.gov.in ରେ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଦେଖିପାରିବେ ଏବଂ ସେହି ପୋର୍ଟାଲ ମାଧ୍ୟମରେ ନିଜର ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ।

Apex/107

Like us on: facebook.com/WesternRly

## ସାର୍ବଜନୀନ ସୂଚନା

ଏହି ସୂଚନା ମାଧ୍ୟମରେ ମୋର ମହକିଲ ଶ୍ରୀମତୀ କଳ୍ପନା କବାଟ, ପିତା- ପରମାନନ୍ଦ କବାଟ ବନଜା ବେହେରାଙ୍କ ସପକ୍ଷରେ ମୂଳ ବିକ୍ରୟ ପତ୍ର ପଞ୍ଜିକୃତ ନଂ- ୧୧୧୨୧୮୦୧୩୪୮ (୩୧.୦୩.୨୦୧୮) ବନଜା ବେହେରାଙ୍କ ସପକ୍ଷରେ ଏବଂ ୧୧୧୨୨୪୦୦୮୭୩ (୧୬.୦୨.୨୦୨୬) କଳ୍ପନା କବାଟ ସପକ୍ଷରେ ସଂଶୋଧନ ପତ୍ର ପଞ୍ଜିକୃତ ନଂ- ୧୧୧୨୨୨୦୩୯୧୬(୦୨.୦୭.୨୦୨୨) ସହିତ ବନଜା ବେହେରାଙ୍କ ସପକ୍ଷରେ RoR ଖାତା ନଂ- ୩୧୧/୨୭୦୬ ଏବଂ ୩୧୧/୩୧୧୧ କଳ୍ପନା କବାଟ ସପକ୍ଷରେ ମୌଜା-କଣ୍ଠିଲୋ, ତହସିଲ-ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ରାଜ୍ୟ-ଓଡ଼ିଶାଙ୍କ ସପକ୍ଷରେ ଥିବା ସମ୍ପୃକ୍ତ ROR ହଜାଇଛନ୍ତି। ଏଥିପାଇଁ ଘଟଗାଁ ଥାନାରେ ଏକ FIR (ଅଭିଯୋଗ ନଂ- ୨୪୪୯୭୦୧୫୦୭୨୬୦୦୦୧୦) ୨୨.୦୬.୨୦୨୬ରେ ଦାୟର କରାଯାଇଛି। ସମସ୍ତ ବ୍ୟକ୍ତିଙ୍କୁ ଏହି ନୋଟିସ୍ ପ୍ରକାଶ ପାଇବାର ପର୍ଯ୍ୟାପ୍ତ ପ୍ରମାଣ ସହିତ ୧୫ ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି କିମ୍ବା ଏହାର ଯେକୌଣସି ଅଂଶ ବିଷୟରେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଏତଦ୍ୱାରା ସୂଚିତ କରାଯାଉଛି। ଯଦି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ ୧୫ ଦିନ ମଧ୍ୟରେ ନ ମିଳେ, ତେବେ ରେଜିଷ୍ଟ୍ରି ଅଫିସରୁ ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକର ପ୍ରମାଣିତ କପିକୁ ମୂଳ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ।

ସମୀର କୁମାର ପାଇକରାୟ (ଆଡ୍‌ଭୋକେଟ୍)
ଭୁବନେଶ୍ୱର କୋର୍ଟ,
ଫୋନ୍: ୭୦୦୮୦୦୫୪୧୯

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 980, dated 22.06.2026, I, MUNA NAYAK, Son of - Sunadhar Harijan, permanent resident of Village - Jatabal, PO - Jatabal, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from MUNA HARIJAN to MUNA NAYAK. Henceforth, I shall be known as **MUNA NAYAK** for all purposes.

**Sd/- Muna Nayak**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 987, dated 23.06.2026 I, NALINI PUJARI, Daughter of - Madhu Pujari & Wife of - Jhadeswar Patro, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from NALINI RAJGOND to NALINI PUJARI. Henceforth, I shall be known as **NALINI PUJARI** for all purposes.

**Sd/- Nalilin Pujari**

## AFFIDAVIT

By virtue of an affidavit before the Notary Public, Sukinda, Jajpur, dtd.23.06.2026, I, Satyajit Behura, Village /PO/PS-Sukinda, Dist.-Jajpur do hereby declare that I have changed my minor son's name from Saipriti Behura to Saiprit Behura. Henceforth, he shall be known as **Saiprit Behura** for all purposes.

**Sd/- Satyajit Behura**

## AFFIDAVIT

I Sk Akhlak Hosain holding indian Passport No-M7901874 residing At- Sayedpur, Noor Mohalla, Po/Ps-Binjharpur, Dist-Jajpur, Odisha, Pin-755004 declare by Court Affidavit vide no 2966 Dt-22/06/2026 have change the of my mother Khursida Bibi (Old Name) to Khursida Jahanara Begum (New Name) and my father Sofean Shaikh (Old Name) to Sk Sufiyan (New Name) . And have changed my Date of Birth from 10.09.1990. to 10.09.1993 For all Future Purposes.

**Sk Akhlak Hosain**

## AFFIDAVIT

I, Bismaya Kumar Swain, aged about 60 years, S/o- Late Manmohan Swain, resident of At: Plot No- RP/119, Pandav Nagar, Tankapani road, Po/Ps- Badagada, Bhubaneswar, Dist- Khordha, Pin- 751018, State: Odisha declared by this affidavit No. 45, dtd- 24/06/2026 that now onwards I shall be known as **BISMAY KUMAR SWAIN** for all future purposes.

## AFFIDAVIT

By virtue of an affidavit (SL No. 1580, dtd- 23/06/2026) sworn before The Executive Magistrate, Bhubana, Dhenkanal. I, **Tirthabasi Swain,** S/o- Jogi Swain, permanent resident of Vill/PO: Balibo(L), PS: Bhubana, Dist: Dhenkanal, PIN- 759017, State: Odisha. Correctly record in all relevant documents including in his birth certificate bearing Regd No- 4736/2015, on dt-03.08.2015 Issued by the registered birth Dhenkanal Municipality. declare that I have changed my minor son's name from **Saswat Sekhar Swain** (old name) to **Sai Sritam Swain** (new name). Henceforth, he shall be known as **Sai Sritam Swain** (new name) for all purposes.

**Tirthabasi Swain**

## AFFIDAVIT

I, Paresh Agrawal, aged about 43 years, S/O- Pawan Kumar Agrawal, resident of Kansari Pada, Balangir, Po- Balangir, Ps- Town Bolangir, Dist- Balangir, Odisha, Pin- 767001 do hereby declare by this affidavit No. 1296, dtd- 24/06/2026, that now onwards I shall be known as **PARESH KUMAR AGRAWAL** for all future purposes.

## AFFIDAVIT

By virtue of an affidavit (Sl No.235, dtd- 22/06/2026) sworn before the Executive Magistrate, Kharìar, Nuapada. I, **Kunal Tandi** (applicant name), S/o Narayan Tandi, resident of Village: Khariar, Ward No.4, PO/PS: Khariar, Dist: Nuapada, Odisha declare that I have changed my minor son's name from **Prince Tandi** (old name) to **Prinsu Tandi** (new name). Henceforth, he shall be known as **Prinsu Tandi** (new name) for all purpose.

**Kunal Tandi**

24001/233/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ - IX(A)-11/2026-324 ତାରିଖ: ୦୯.୦୬.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବାଲକାଟି, ଥାନା- ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨,୯୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାଯୋଚିତ କ୍ଷତିପୂରଣ ଅଧୁକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧ ସୂଚିତ ଜମିର ରକବା | ରସ୍ତତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବାଲକାଟି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୫.୩୭୦ | ୨.୯୩୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୂକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଶାଲ ସିଂ
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ –ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ,
ମୌଜା- ବାଲକାଟି, ଥାନା –ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୧ | ଆର୍ତ ସାହୁ ପି- ଅଇଁଠୁ ସାହୁ , ଜା- ତେଲି ବା- ନିଜଗାଁ | ୩୪ | ଶାରଦ ଏକ | ୦.୨୩୦ | ୦.୨୩୦ |
| ୨ | ୧୨ | ଇନ୍ଦ୍ରମଣି ଜେନା ପି-ଜନ୍ଧା ଜେନା, କନ୍ଦ ଜେନା, ବୈସିମ ଜେନା, ପି- ମଦନ ଜେନା, ଜା- ପାଣ, ବା- ଦଧିବାମନପୁର | ୧୭୨ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୦୨୦ |
| | | | ୧୭୪ | ବିଆଲି ଦୋଫସଲି ଏକ | ୦.୬୪୦ | ୦.୦୩୦ |
| | | | ୧୭୮ | ଶାରଦ ଦୋଫସଲି ଏକ | ୦.୨୦୦ | ୦.୦୨୦ |
| ୩ | ୨୭୫/୨୩ | ଶ୍ରୀମତୀ ସାରୁଅ ସାହାଣୀ ସା-ଚକ୍ରଧର ସହାଣୀ , ଜା- ଖଣ୍ଡାୟତ ବା- ଦୁଡୁଗାଁ | ୧୯୪ | ବାଜେଫସଲ ଏକ | ୧.୨୨୦ | ୦.୦୩୦ |
| ୪ | ୩୧ | କେଳା ବାରିକ ପି- କପିଳ ବାରିକ, ଲକ୍ଷ୍ମୀଧର , ବାରିକ, ନାରାୟଣ ବାରିକ, ଚହଲିଆ ବାରିକ , ପି- ଧଡି ବାରିକ, ନାଣ୍ଡୁ ବାରିକ , ପି- ସପନ ବାରିକ , ଜା- ନିଆରି , ବା- ଫକିରପୁର | ୧୭୧ | ଶାରଦ ଦୋଫସଲି ଏକ | ୦.୩୪୮ | ୦.୨୨୦ |
| ୫ | ୫୦ | ଗୁମାନ ଜେନା, ଗୋପାଳ ଜେନା, ଗଙ୍ଗା ଜେନା ସିରିଆ ଜେନା, ରଙ୍ଗା ଜେନା, ପି- ରତନ ଜେନା, ଗଇ ଜେନା ସା- ରତନ ଜେନା, ମାନ ଜେନା, ବିଭୁତି ଜେନା, ପୋଇନ ଜେନା ପି- ପତନ ଜେନା ଜଳା ଜେନା - ପତନ ଜେନା, ଗୋପି ଜେନା, ମାଧବ ଜେନା, ଲେଖନ ଜେନା ପି- ଗାଣ୍ଡୁ ଜେନା, ବେଙ୍ଗ ଜେନା ସା- ଗାଣ୍ଡୁ ଜେନା, ବଇ ଜେନା, ମଠୁ ଜେନା, କାର୍ତିକ ଜେନା ପି-ମେନା ଜେନା ଜା- ପାଣ ବା-ଦଧିବାମନପୁର | ୧୯୩ | ବିଆଲି ଦୋଫସଲି | ୦.୫୦୦ | ୦.୦୪୦ |
| | | | ୧୯୩/ ୧୨୦୯ | ବିଆଲି ଦୋଫସଲି | ୦.୫୦୦ | ୦.୦୫୦ |
| ୬ | ୯୦ | ଦୈତାରୀ ଦାସ, ଆରତ ଦାସ, ସାରତ ଦାସ ପି- ରାମଚନ୍ଦ୍ର ଦାସ ଜା- ବ୍ରାହ୍ମଣ ବା-ଫକିରପୁର ଭାଗସୂତ୍ରେ ଦଖଲ - ନ ଜେନା, ପି- ବଇ ଜେନା, ଗୌରଙ୍ଗ ଜେନା ପି- ଶୁକୁରୀ ଜେନା ବିଦା ଜେନା ପି- ଲୋକେଇ ଜେନା, ଋଷି ଜେନା ପି-କ୍ଷେ ଜେନା ଜା- ପାଣ ବା- ଦଧିବାମନପୁର ସ୍ନ ୧୯୫୦ ଠାରୁ | ୧୩୨ | ପତିତ | ୩.୫୦୦ | ୦.୦୬୦ |
| | | | ୧୩୫ | ବିଆଲି | ୧.୯୦ | ୦.୧୫୦ |
| | | | ୧୫୭ | ଶାରଦ ଦୋଫସଲି ଏକ | ୦.୪୭୦ | ୦.୧୨୦ |
| ୭ | ୧୧୭ | ନାଣ୍ଡୁ ବାରିକ ପି- ସପନ ବାରିକ ଜା- ନିଆରି ବା- ଫକିରପୁର | ୩୩ | ଶାରଦ ଏକ | ୦.୩୫୦ | ୦.୦୪୦ |
| ୮ | ୧୩୪ | ପଦୁ ଜେନା, ବିପିନ ଜେନା, ଉପ ଜେନା ପି- ବେନୁ ଜେନା, କୁଣ ଜେନା ସା-ବେନୁ ଜେନା, ଛଚି ଜେନା ପି- କାଙ୍ଗାଳି ଜେନା, ବିଲେଇ ଜେନା, ଝୁଲ ଜେନା, ପି- କରୁଣୀ ଜେନା, ଗୋଲେଖ ଜେନା, ରମ୍ଭା ଜେନା, ରମା ଜେନା, ପି- ଅନୁ ଜେନା, ସଖୀ ଜେନା ସା-ଅନୁ ଜେନା, ହାର ଜେନା ସା-ଦାମ ଜେନା, ସଜୀ ଜେନା ସା-କପିଳ ଜେନା ଜା-ପାଣ ବା- ଦଧିବାମନପୁର | ୧୫୯ | ଶାରଦ ଦୋଫସଲି ଏକ | ୦.୩୦୦ | ୦.୦୨୦ |
| | | | ୧୬୫ | ଶାରଦ ଦୋଫସଲି ଏକ | ୦.୨୧୦ | ୦.୦୨୦ |
| | | | ୧୬୪/ ୧୧୭୧ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| ୯ | ୧୩୬ | ପଦ୍ମଲାଭ କର ପି-ନିଧୁ କର ଜା-ବ୍ରାହ୍ମଣ ବା-ତରତରା | ୧୦ | ଶାରଦ ଏକ | ୦.୦୮୦ | ୦.୦୮୦ |
| ୧୦ | ୧୪୨ | ପୁନି ଖଟୁଆ, ଧନୀ ଖଟୁଆ , ପି- ଅପର୍ତ୍ତି ଖଟୁଆ. ରାଜନ ମହାନ୍ତି, ବାବାଜି ମହାନ୍ତି, ପି-ଶୁକୁଟା ମହାନ୍ତି, ପଠାଣି ମହାନ୍ତି ପି-ସଦେଇ ମହାନ୍ତି ଜା- ଗୋଲା ବା- ଅକରୁଆ ଜବର ଦଖଲ ଚକ୍ରଧର ଦାସ ପି- ପୁରୁଷୋତମ ଦାସ, ଜା-ବ୍ରାହ୍ମଣ, ବା- ଫକିର ପୁର ସ୍ନ ୧୯୬୫ ଠାରୁ | ୨୪ | ବାଜେଫସଲ ଏକ | ୦.୧୦୦ | ୦.୧୦୦ |
| ୧୧ | ୧୭୯ | ବିଷ୍ଣୁ ଦାସ ପି-ସଦା ଦାସ ଜା-ପାଣ ବା-ଆମ୍ବଗଡିଆ | ୧୬୬ | ଶାରଦ ଦୋଫସଲି ଏକ | ୦.୩୭୦ | ୦.୦୫ |
| ୧୨ | ୨୦୦ | ଭିକାରି ସାହାଣି, ବାବାଜି ସାହାଣି, ସଙ୍ଖାଳି ସାହାଣି, ପି-ସାହାଣି, ରଙ୍ଗାଧର ସାହାଣି, ଘନ ସାହାଣି, ଯମୁନା ସାହାଣି, ବାଇଧର ସାହାଣି ପି- କାହ୍ନୁ ସାହାଣି, ବଇଁଶି ସାହାଣି, ସା- କାହ୍ନୁ ସାହାଣି, ସାରି ସାହାଣି, ସା- ନିଧୁଆ ସାହାଣି, ଦୁଃଖୁ ସାହାଣି,ସା-ପଦିଆ ସାହାଣି, ମଙ୍ଗଳି ସାହାଣି, ପି- ଶଙ୍କର ସାହାଣି, ମଡି ସାହାଣି, ପି- ଭାଲୁ ସାହାଣି, ପାତିଆ ସାହାଣି ପି-ମଗୁରା ସାହାଣି, ବେନୁଆ ସାହାଣି, ଧନିଆ ସାହାଣି, ପି-ରାମ ସାହାଣି, ଜା-ଖଣ୍ଡାୟତ ବା- ଫକିରପୁର | ୧୬୮ | ଶାରଦ ଦୋଫସଲି ଏକ | ୦.୨୯୦ | ୦.୦୫୦ |
| | | | ୧୬୯ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୮୦ |
| | | | ୧୬୯/ ୧୦୧୬ | ଶାରଦ ଦୋଫସଲି ଏକ | ୦.୧୭୦ | ୦.୦୮୦ |
| | | | ୧୬୯/ ୧୧୯୮ | ଶାରଦ ଦୋଫସଲି ଏକ | ୦.୧୦୦ | ୦.୦୫୦ |
| ୧୩ | ୨୨୧ | ମୁରଲୀଧର ସାହୁ, ପି- ମିଛୁ ସାହୁ, ଜା- ବଣିଆ - ଫକିରପୁର | ୬୭ | ଶାରଦ ଏକ | ୦.୧୫୦ | ୦.୦୩୦ |
| ୧୪ | ୨୩୩ | ରଘୁନାଥ ଜେନା ପି- ହରି ଜେନା ଜା-ଖଣ୍ଡାୟତ ବା- ତରତରା | ୬ | ଶାରଦ ଏକ | ୦.୧୭୦ | ୦.୦୩୦ |
| | | | ୧୯/୧୦୩୬ | ଶାରଦ ଦୁଇ | ୦.୩୦୦ | ୦.୨୦୦ |
| ୧୫ | ୨୬୫/୬ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଦୁଡୁଗାଁ | ୨୯ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| | | | ୩୦ | ଶାରଦ ଦୋଫସଲି ଏକ | ୦.୧୬୦ | ୦.୧୨୦ |
| | | | ୨୬ | ଶାରଦ ଦୋଫସଲି ଏକ | ୦.୨୫୦ | ୦.୦୮୦ |
| | | | ୨୭ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୧୧୦ |
| | | | ୨୮ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୧୪୦ |
| ୧୬ | ୨୭୫/ ୯୪ | ପ୍ରଭାତ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ପି- ଯୋଗେନ୍ଦ୍ର ୧୦୨୩ ପଣ୍ଡା ଜା- ବ୍ରାହ୍ମଣ ବା-ଫକିରପୁର | ୪୦/ ୧୦୨୩ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୫୦ |
| ୧୭ | ୨୭୫/ ୧୧୩ | ମାନଗୋବିନ୍ଦ ନାହାକ, ପି-ପୋକ ନାହାକ, ଜା- ଖଣ୍ଡୁଆଳ ବା-ବାଲକାଟି | ୩୮/ ୧୦୨୧ | ଶାରଦ ଦୋଫସଲି ଏକ | ୧.୪୨୦ | ୦.୧୮୦ |
| ୧୮ | ୨୭୫/ ୧୩୨ | ରଘୁନାଥ ସେଠୀ, ପି- ଗିରିଧାରୀ ସେଠୀ, ଜା-ଧୋବା ବା- ଦୁଡୁଗାଁ | ୧୮୦/ ୧୪୦୭ | ଶାରଦ ଦୋଫସଲି ଏକ | ୦.୨୬୩ | ୦.୦୭୦ |
| ୧୯ | ୨୭୫/ ୧୩୬ | ଆନନ୍ଦ କୁମାର ସାହୁ ପି-ଆରତ ସାହୁ, ନିତ୍ୟାନନ୍ଦ ସାହୁ ପି- ରାମ ସାହୁ ଜା- କୁବେର ବା- ଦୁଡୁଗାଁ | ୧୮ | ଶାରଦ ଦୁଇ | ୦.୪୬୩ | ୦.୧୨୦ |
| ୨୦ | ୨୭୫/ ୧୩୯ | ଆରତ ସାହୁ ପି-ଅଇଁଠୁ ସାହୁ ଜା-ତେଲି ବା-ଦୁଡୁଗାଁ | ୩୧ | ଶାରଦ ଏକ | ୦.୧୨୩ | ୦.୧୨୦ |
| | | | | ମୋଟ | ୧୫.୩୭୦ | ୨.୯୩୦ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ କେନ୍ଦୁଝର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର

**OIPR-24001/24045/3/26-27/0006**

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

ଦିଗପହଣ୍ଡି,୨୪।୬(ସମିସ): ଦିଗପହଣ୍ଡି ଥାନା ଅଧୀନସ୍ଥ ଏକ ଗାଁ ରେ ଜଣେ ଯୁବତୀଙ୍କୁ ବିବାହପ୍ରତିଶ୍ରୁତି ଦେଇ ଜଣେ ଯୁବକ ଏକାଧିକ ଥର ଶାରିରୀକ ସମ୍ପର୍କ ରଖିବା ପରେ ତାଙ୍କୁ ଧୋକା ଦେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ଜଣକ ହେଲେ। ମହେନ୍ଦ୍ର ଦାସ(୨୮)। ୨୩ ବର୍ଷୀୟା ପ୍ରତାରିତା ଯୁବତୀ ଜଣକ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଥାନା ଆଇଆଇସି କିଶୋର କୁମାର ସାମଲ ମାମଲା ନଂ ୨୬୪/୨୬ ଅନୁଯାୟୀ ଅଭିଯୁକ୍ତ କୁ ବିରୋଧରେ ଦୁଷ୍କର୍ମ ମକଦ୍ଦମା ରୁଜୁ କରିଥିଲେ। ପ୍ରାୟ ୨ ବର୍ଷ ହେଲା ମହେନ୍ଦ୍ର ଯୁବତୀଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସେ ଅନେକଥର ଯୁବତୀ ଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ଜାଣିବା ପରେ ଅଭିଯୁକ୍ତ ଜଣକ ଯୁବତୀଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିବା ସହ ବିବାହ କରିବାକୁ ମନା କରି ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଯୁବତୀଙ୍କ ଡାକ୍ତରୀ ମାଗନା କରାଯିବା ସହ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ତଦନ୍ତକାରୀ ଅଧିକାରୀ ଥାନା ଆଇଆଇସି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ରହ୍ମପୁର ବଡ଼ ଡାକ୍ତରଖାନା ରେ ଡାକ୍ତରୀ ମାଗନା କରାଇବା ପରେ ବ୍ରହ୍ମପୁର କୋର୍ଟକୁ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

## ବଜ୍ରାଘାତରେ ମହିଳା ମୃତ

ସାନଖେମୁଣ୍ଡି,୨୪।୬ (ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଏରେଣ୍ଡା ପଞ୍ଚାୟତ ବାନ ଆମ୍ବଠା ଗ୍ରାମରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ ହୋଇଛି। ମୃତକ ଜଣଙ୍କ ହେଲେ ଏରେଣ୍ଡା ପଞ୍ଚାୟତ ବାନ ଆମ୍ବଠା ଗ୍ରାମର ସୁଧିର କୁମାର ନାହାକଙ୍କ ସ୍ତ୍ରୀ ନମିତା ନାହକ (୪୬)। ସୂଚନା ମୁତାବକ ବୁଧବାର ଅପରାହ୍ନ ସୁଧିର ନାହାକ ଓ ତାଙ୍କ ସ୍ତ୍ରୀ ନମିତା ନାହାକ ବିଲରେ ଘାସ ମରା ଔଷଧ ପକାଇବା ପାଇଁ ଯାଇଥିଲେ। ହଠାତ୍ ବର୍ଷା ଓ ବଜ୍ରାଘାତ ହେବାରୁ ଉଭୟେ ସ୍ୱାମୀ ସ୍ତ୍ରୀ ଘରକୁ ଆସୁଥିବା ବେଳେ ନମିତା ଙ୍କ ଉପରେ ବଜ୍ରପାତ ହୋଇଥିଲା ଓ ସେଠାରେ ସେ ଅଚେତ ହୋଇ ପଡ଼ିଥିଲେ। ନିକଟରେ ଥିବା ତାଙ୍କ ସ୍ୱାମୀ ଓ କିଛି ଲୋକ ନମିତାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାକାର ଡାକ୍ତର ନମିତା ନାହାକଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାଟପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି।

## ଆକ୍ରମଣ ମାମଲାରେ ଜଣେ ଗିରଫ

ଗଞ୍ଜେଇଲୁଣ୍ଡା,୨୪।୬ (ସମିସ): ଗୋଳନ୍ଥରା ଥାନା ଅଧୀନସ୍ଥ ରାମେୟାପାଟଣା ଗ୍ରାମ ବାସିନ୍ଦାଙ୍କୁ ଘରେ ଥିବା ବେଳେ ଆକ୍ରମଣ ମାମଲା ଘଟଣା ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଗିରଫ ଜଣକ ହେଲେ ପାଟିସୁନାପୁର ଗ୍ରାମର ଜି. ଚେତ୍ରେୟା ବୋଲି ପୋଲିସ ସୂଚନା ଦେଇଛି। ଏହି ଥାନା ଅଧୀନସ୍ଥ ରାମେୟାପାଟଣା ଗ୍ରାମରେ ମଙ୍ଗଳବାର ଯାତ୍ରା ଚାଲିଥିଲା ପାଟିସୁନାପୁର ଗ୍ରାମର ଚେତ୍ରେୟା ମଧ୍ୟ ଯାତ୍ରା ଦେଖିବାକୁ ଯାଇଥିଲେ ମୋହନ ରାଓ ଘରେ ଶୋଇଥିବା ବେଳେ ଭୋର ସମୟରେ ଚେତ୍ରେୟା ଘରର କବାଟ ଭାଙ୍ଗି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଏକ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲେ ମୋହନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚିବାରୁ ବେଳେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ମୋହନଙ୍କ ସ୍ତ୍ରୀ ପି ବୁଚାମ୍ମା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏନେଇ ଥାନା କେଶ ନଂ ୨୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ଚେତ୍ରେୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ପୋଲିସ ସୂଚନା ଦେଇଛି।

## ଦିଗପହଣ୍ଡିରେ ବିକଶିତ ଓଡ଼ିଶା ପାଇଁ ଜନଭାଗିଦାରୀ ସଚେତନତା



ଦିଗପହଣ୍ଡି,୨୪।୬(ସମିସ): ଦିଗପହଣ୍ଡି ଏନଏସି ପ୍ରଶାସନ ପକ୍ଷରୁ ବୁଧବାର ସ୍ଥାନୀୟ ପୁଞ୍ଜିଙ୍କ୍ୟା ଛକ ନିକଟ କବିସୂର୍ଯ୍ୟ ବଳଦେବ ରଥ କଲ୍ୟାଣ ମଣ୍ଡପ ପରିସରରେ ବିକଶିତ ଓଡ଼ିଶା ପାଇଁ ଜନଭାଗିଦାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ କେ . ପୂଜା , କାଉନସିଲର ଦୀପକ ମିଶ୍ର,ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର, ସୁନୀଲ ପଣ୍ଡା, ସନ୍ତୋଷିନୀ ବେହେରା, ଇ . ଗାୟତ୍ରୀ, ଜ୍ୟୋତ୍ସ୍ନା ଜେନା, କାଉନସିଲର ପ୍ରତିନିଧି ରମେଶ ଜେନା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡ଼. ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ କେ. ନାଗେଶ୍ୱର ରାଓ, କାର୍ଯ୍ୟକର୍ତ୍ତା ସୁଷମା ପାଠୀ, ସୁବାସ ପାଢ଼ୀଙ୍କ ସମେତ ୧୧ ଟି ୱାର୍ଡର ବହୁ ସଂଖ୍ୟକ ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ସଭାରେ ଉପସ୍ଥିତ ଥିଲେ। ସହରାଞ୍ଚଳ ବିକାଶ ପ୍ରକ୍ରିୟାରେ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା। ବିଭିନ୍ନ ସରକାରୀ ଯୋଜନାରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବୋଲି ପୁରୀ ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ତାଙ୍କ ଉଦବୋଧନରେ କହିଥିଲେ। ଜନସାଧାରଣ ଙ୍କ ସହ ସିଧା ସଳଖ ଆଲୋଚନା କରାଯାଇ ସେମାନଙ୍କ ସମସ୍ୟା,ଅଭିଯୋଗ,ମତାମତ ଓ ବିକାଶ ସମ୍ପର୍କିତ ପ୍ରସ୍ତାବ ଗୁଡ଼ିକ ରେକର୍ଡ କରାଯିବ ବୋଲି ବିଭାଗୀୟସଚିବ ଉଷା ପାଢ଼ୀ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଦିଗପହଣ୍ଡି ଏନଏସି ପ୍ରଶାସନ ପକ୍ଷରୁ ବିକଶିତ ଓଡ଼ିଶାର ପରିଚିତ୍ର ଡିଜିଟାଲ ଭିଡ଼ିଓ ମାଧ୍ୟମ ରେ ପ୍ରଦର୍ଶିତ କରାଯାଇଥିଲା।

# ହଷ୍ଟେଲ ଛାତ୍ରୀଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

ହିଞ୍ଜିଳିକାଟୁ, ୨୪।୬ (ସମିସ): ଗ୍ରୀଷ୍ମ ଅବକାଶରେ ଘରକୁ ଯାଇଥିଲେ। ଛୁଟି ଶେଷ ପରେ ମଙ୍ଗଳବାର ଅପରାହ୍ନରେ ହଷ୍ଟେଲରେ ପହଞ୍ଚିଥିଲେ। ହଷ୍ଟେଲରେ ପହଞ୍ଚିବାର ମାତ୍ର ଅଧଘଣ୍ଟା ପରେ ଛାତ୍ରୀ ଜଣଙ୍କ ହଷ୍ଟେଲ ଫ୍ୟାନରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ କୋଦଳା ଥାନା ବେଗୁନିଆପଡା ବ୍ଲକ ତୋଟାପଡା ଗ୍ରାମର ସନ୍ତୋଷ ଦାସଙ୍କ ନାବାଳିକା କନ୍ୟା ବର୍ଷା ଦାସ (୧୪)। ଏଭଳି ଏକ ସମ୍ବେଦନଶୀଳ ଘଟଣା ମଙ୍ଗଳବାର ଅପରାହ୍ନରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଗୋପିନାଥପୁର ଗ୍ରାମ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲ ପରିସରରେ ଘଟିଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ରଖିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୧୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୁଲିସ କହିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ଅନ୍ୟପକ୍ଷରେ ହଷ୍ଟେଲର ସୁରକ୍ଷା ବ୍ୟବସ୍ଥା ଓ ଅଧିକ୍ଷକଙ୍କ ଅପାରଗତା ଯୋଗୁଁ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ନେଇ ମୃତ ନାବାଳିକାଙ୍କ ମାମୁଁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବେଗୁନିଆପଡା ବ୍ଲକ ତୋଟାପଡା ଗ୍ରାମର ସନ୍ତୋଷ ଓ ତାଙ୍କ ସ୍ତ୍ରୀ ରେଣୁ ଦାସ କେରଳ ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କରି ନାବାଳିକା କନ୍ୟା ବର୍ଷା ଦୀର୍ଘ ବର୍ଷ ଧରି ଖଲ୍ଲିକୋଟ ଥାନା ବଳରାମପୁର ଗ୍ରାମରେ ରହି ଆସୁଥିଲେ। ଗତ ୩ ବର୍ଷ ଧରି ବର୍ଷା ହିଞ୍ଜିଳିକାଟୁ ବ୍ଲକ୍ ଗୋପିନାଥପୁର ଗ୍ରାମ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ଏପ୍ରିଲ ମାସ ୨୧ ତାରିଖରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଅବକାଶ ହୋଇଥିଲା। ଖରା ଛୁଟି ଶେଷ ପରେ ନାବାଳିକା ଜଣଙ୍କ ଆଇ ସୁଶିଳା ଦାସଙ୍କୁ ସାଙ୍ଗରେ ନେଇ ମଙ୍ଗଳବାର ଅପରାହ୍ନ ୨ଘଣ୍ଟା ସମୟରେ ହଷ୍ଟେଲରେ ପହଞ୍ଚିଥିଲେ। ହଷ୍ଟେଲରେ ପହଞ୍ଚିବାର ମାତ୍ର ଅଧଘଣ୍ଟା ପରେ ହଷ୍ଟେଲରେ କେହି ନଥିବାର ସୁଯୋଗ ନେଇ ନାବାଳିକା ଜଣଙ୍କ ହଷ୍ଟେଲ ବେଡ୍ ଉପରେ ବାଲଟି ରଖି ଫ୍ୟାନରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ସହପାଠୀ ମାନେ ହଷ୍ଟେଲ ଭିତରକୁ ଯାଇ ବର୍ଷାଙ୍କ ମୃତଦେହ ପ୍ରଦାନରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସହପାଠୀ ମାନେ ହଷ୍ଟେଲ ୱାର୍ଡେନ ଓ ଅଧିକ୍ଷକଙ୍କୁ ଜଣାଇଥିଲେ। ଖବର ପାଇ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର, ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଥିଲେ। ହଷ୍ଟେଲ ତତ୍ତ୍ୱାବଧାରକଙ୍କ ଦାୟିତ୍ୱ ହୀନତା ଓ ଅଧିକ୍ଷକଙ୍କ ଅପାରଗତା ଯୋଗୁଁ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ବୋଲି ମୃତ ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ ପ୍ରକାଶ। ଘଟଣାର ତଦନ୍ତ ଚାଲିଛି ଏବଂ ଘଟଣା ସମ୍ପର୍କରେ ପୁଲିସ ହଷ୍ଟେଲ ତତ୍ତ୍ୱାବଧାରକ, ଅଧିକ୍ଷକ ଓ କିଛି ସହପାଠୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପ୍ରକାଶ ଥାଉକି, ମୃତ ବର୍ଷା ଦାସ ୮ ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ଲାଭ ପରେ ଗ୍ରୀଷ୍ମ ଅବକାଶ ପରେ ଆଇ ଘର ଗ୍ରାମ ଖଲ୍ଲିକୋଟ ଥାନା ବଳରାମପଲ୍ଲୀ ଯାଇଥିଲେ। ବର୍ତ୍ତମାନ ସେ ସ୍ଥାନୀୟ ବ୍ଲକ ବଡଖଣ୍ଡି ସତ୍ୟଭାମା ବିଦ୍ୟାପୀଠରେ ୯ମ ଶ୍ରେଣୀରେ ନାମ ଲେଖାଇଥିଲେ।

## ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣାରୁ ଓହରିଲେ ଦୁଇ କାଉନ୍‌ସିଲର



ବାଲିଗୁଡା, ୨୪।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଦୁଇ କଉଁସିଲର ଆୟ ବ୍ୟୟର ଭିଜିଲାନ୍ସ ତଦନ୍ତ ହେବା ସହ ସିଏଜି ତଦନ୍ତ କରାଯିବା ଦାବି ରେ ଗତ ୨୨ ତାରିଖ ଠାରୁ ଧାରଣାରେ ବସିଥିଲେ। ମଙ୍ଗଳବାର ରାତି ପ୍ରାୟ ୮ ଟାରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟକୁ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ଓ ଏସ ଡି ପି ଓ ଶୁଭମ ଭୋଶଲେ ଆସି ଧାରଣାରେ ବସିଥିବା ଦୁଇ କାଉସିଲର ଅଜୟ ଦିଗାଲ ଓ ଆଲୋକ ନାୟକଙ୍କୁ କାର୍ଯ୍ୟାଳୟ ପରିସରକୁ ଡାକି ତିନି ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର ଆୟ ବ୍ୟୟ ଭିଜିଲାନ୍ସ ତଦନ୍ତ ହେବା ସହ ସିଏଜି ତଦନ୍ତ କରାଯିବ କହି ଲିଖିତ ପ୍ରତିଶୃତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ। ଏହି ଦୁଇ କାଉସିଲର ବିଜ୍ଞାପିତ ଅଞ୍ଚଳ ପରିଷଦର ଆୟବ୍ୟୟ ହିସାବ ପ୍ରଦାନ କରାଯାଉନାହିଁ। ସମସ୍ତ ବିକାଶମୂଳକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯାଉ ଏହି ଭଳି ଅନେକ ପ୍ରମୁଖ ଅଭିଯୋଗ ରଖିଥିଲେ। ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ ମଧ୍ୟ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ଶିବିର




ଭଞ୍ଜନଗର,୨୪।୬(ସମିସ): ସ୍ଥାନୀୟ ଥାନା ପରିସରରେ ମଙ୍ଗଳବାର ଏକ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ। ପରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ସିମାଞ୍ଚଳ ଡାକୁଆଙ୍କ ସମେତ ବହୁ ମେଡିକାଲ ଷ୍ଟାଫ୍‌ଙ୍କ ଉପସ୍ଥିତିରେ ବରିଷ୍ଠ ନାଗରିକ ମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଥାନାର ସମସ୍ତ କର୍ମଚାରୀ ଓ ବିପଦର ବନ୍ଧୁ ଅନୁଷ୍ଠାନ ର ସଦସ୍ୟମାନେ ସହଯୋଗ କରିଥିଲେ। ଏଥିରେ ମୋଟ ୧୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଅଞ୍ଚଳ ପରିଷଦ ଗଠନ ନିମନ୍ତେ ସାଧାରଣ ବୈଠକ

ବୁଗୁଡ଼ା,୨୪।୬(ସମିସ): ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜ ବେତାରସିଙ୍ଗି ଅଞ୍ଚଳ ପରିଷଦ କେନ୍ଦ୍ର ପରିଷଦ ସଭାପତି, ସଂପାଦକ ଉପ ସଭାପତି, ଉପଦେଷ୍ଟା, ବଂଥପଲୀ ସାମନ୍ତ, ଆସିକା ସଭାପତି, ସଂପାଦକ, ଆଠଗଡ ସଭାପତି, ସଂପାଦକ, ଉପଦେଷ୍ଟା, ସିଦ୍ଧେଶ୍ୱର ସଭାପତି, ଅଞ୍ଚଳ ସାମନ୍ତ, ଗ୍ରାମ, ମଣ୍ଡଳ, ଅଞ୍ଚଳ କର୍ମକର୍ତ୍ତା , ୧୯ ଖଣ୍ଡ ଗ୍ରାମ ସମାଜ ଭାଇଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଗୌରଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ବେତେରାସିଙ୍ଗ ସମାଜ ଗୃହରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଅଞ୍ଚଳ ସଭାପତି ଭାବେ ଗଙ୍ଗାଧର ବିଷୋୟୀ ନିର୍ବାଚିତ ହୋଇଥିବା ବେଳେ, ଉପସଭାପତି ଭାବେ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ବିଷୋୟୀ, ସଂଗଠନ ସମ୍ପାଦକ ଭାବେ ଯୋଗୀ ନାହାକ, ସଂଗଠକ ଭାବେ ଲକ୍ଷ୍ମଣ ସ୍ୱାଇଁ, ଓ ଉପଦେଷ୍ଟା ଭାବେ ଗନ୍ଧର୍ବ ସେନ୍ ଭୂୟା ସର୍ବ ସମ୍ମତି ଭାବେ ନିର୍ବାଚିତ ହୋଇ ସମସ୍ତଙ୍କ ଉପସ୍ଥିତି ରେ କୁଳଦେବତାଙ୍କ ସମ୍ମୁଖରେ ଶପଥପାଠ କରିଥିଲେ। ବୈଠକରେ କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ କୁମାର ଜେନା, ଉପସଭାପତି ବୃନ୍ଦାବନ ଖଟେଇ, ସମ୍ପାଦକ ନୀଳାଚଳ ପୋଲେଇ, ଉପଦେଷ୍ଟା କାଳୀଚରଣ ନାୟକ, ଆସିକା ଅଞ୍ଚଳ ସଭାପତି ନରହରି ବିଷୋୟୀ, ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ଅଞ୍ଚଳ ସଭାପତି ଯୋଗେନ୍ଦ୍ର ବିଷୋୟୀ, ଆଠଗଡ ସଭାପତି ସୂର୍ଯ୍ୟ ନାରାୟଣ ଭୂୟାଁ , ସମ୍ପାଦକ ରାଧାଶ୍ୟାମ ଜେନା, ଉପଦେଷ୍ଟା ପଦ୍ମଚରଣ ଜେନା, କଇଁଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ପ୍ରଫୁଲ୍ଲ




ମଲ୍ଲିକ, ପୂର୍ବତନ କେନ୍ଦ୍ର ସଭାପତି ହରିହର ପ୍ରଧାନ, ଗ୍ରାମ, ମଣ୍ଡଳ, ଅଞ୍ଚଳର ସମାଜ ଭାଇ ଉପସ୍ଥିତ ଥିଲେ। ନୂତନ କମିଟି ଅଞ୍ଚଳରେ ସମାଜ ଭାଇଙ୍କ ଶିକ୍ଷା, ଆର୍ଥିକ ଉନ୍ନତି, ଗରିବ, ବୃଦ୍ଧ ବୃଦ୍ଧାଙ୍କ କଲ୍ୟାଣ ସୁରକ୍ଷା ,ନାରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରାଯାଇଥିଲା। ଅଞ୍ଚଳରେ ବର୍ତ୍ତମାନ ଶୂନ୍ୟ ଅଭିଯୋଗ ଘୋଷଣା କରାଯାଇଛି। ଶେଷରେ ଗଙ୍ଗାଧର ବିଷୋୟୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଇକିଆ ବ୍ଲକରେ ଜାତି ଜନଜାତି ସମ୍ବାଦ କାର୍ଯ୍ୟକ୍ରମ

ରାଇକିଆ,୨୪।୬(ସମିସ): ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ଅବସର ରେ କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ପରିସରରେ ଜନଜାତି ବର୍ଗର ଜନ ସାଧାରଣଙ୍କ ନିମନ୍ତେ "ଜାତି - ଜନ ଜାତି ସମ୍ବାଦ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନ ଜାତି ବର୍ଗର ଜନ ସାଧାରଣ ଅର୍ଥାତ୍ ଶିଶୁ,ଛାତ୍ର, ଯୁବ, ପ୍ରୌଢ଼, ବୃଦ୍ଧ ବୃଦ୍ଧା ସମେତ ପ୍ରତ୍ୟେକଙ୍କ ଉନ୍ନତି ପାଇଁ ଶିକ୍ଷା ସହ ହଷ୍ଟେଲ, ଆର୍ଥିକ ସହାୟତା, ସ୍ୱାସ୍ଥ୍ୟ, ବ୍ୟବସାୟ, ଋଣ ସୁବିଧା, କୃଷି ବିକାଶ, ଆବାସ ସୁବିଧା ଇତ୍ୟାଦି ସରକାରୀ ଯୋଜନା ଓ ସଫଳତା ବିଷୟରେ ସମ୍ବାଦ ଭାବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ବିଡିଓ ସବ୍ୟସାଚୀ ସାହୁ ଏବଂ ଏବିଡିଓ ଦିବ୍ୟସିଂହ କହଁର, ଭାଜପା ଜିଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା ଓ ଭାଜପା ଏସ ଟି ମୋର୍ଚ୍ଚା ଜିଲ୍ଲା ସଭାପତି ତରଣିସେନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଜାତି ଜନ ଜାତି ସମ୍ବାଦ ଶୀର୍ଷକ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଜନ ଜାତି ନେତା, ଶିକ୍ଷା, କୃଷି, କଳା ଓ ସଂସ୍କୃତି, ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ୨୦ ଜଣ ହିତାଧିକାରୀମାନଙ୍କୁ ଉତ୍ତରୀୟ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏପିଓ କେଦାର ପଣ୍ଡା, ଜିପିଡିଓ ମହେଶ ପଟ୍ଟନାୟକ ବିପିଏମ ଜୟଦେବ ପ୍ରଧାନ ବିଏସଏସଓ ରାମକୃଷ୍ଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କେଏସୟୁବି କଲେଜରେ ମିଳିତ ରକ୍ତଦାନ ଶିବିର

ଭଞ୍ଜନଗର,୨୪।୬ (ସମିସ): କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ୨୮ ତମ



ପ୍ରତିଷ୍ଠା ଦିବସ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଓ ଏନ୍‌ସିସି ପକ୍ଷରୁ ମିଳିତ ଭାବେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରକ୍ତଦାନ ଶିବିରକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦଘାଟନ କରିଥିଲେ। ନବାଗତ ରକ୍ତଦାତା ତଥା କଲେଜ ଛାତ୍ରୀ ଛାତ୍ର, ଉତ୍ତର ଘୁମୁସର ବନଖଣ୍ଡ ବନ ସୁରକ୍ଷା ସମିତି କର୍ମକର୍ତ୍ତା ମାନେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବୋଲି ବିଧାୟକ ଉଲ୍ଲେଖ କରିଥିଲେ। ରକ୍ତର ଆବଶ୍ୟକତା ବଢୁଥିବା ଯୋଗୁଁ ନୂଆଁ ରକ୍ତଦାତା ସୃଷ୍ଟି କରିବାର ମଧ୍ୟ ଆବଶ୍ୟକତା ରହିଛି। ଏନେଇ ଅଧିକରୁ ଅଧିକ ସଚେତନ କାର୍ଯ୍ୟକ୍ରମ କରିବା ପାଇଁ ବିଧାୟକ ନାୟକ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି ଏଫ୍ ଓ ହିମାଂଶୁ ଶେଖର ମହାନ୍ତି, କଲେଜ ଅଧ୍ୟକ୍ଷ ଡ ଗଗନ ବିହାରୀ ପୁରୋହିତ, ଭଞ୍ଜନଗର ମେଡିକାଲ୍ ଅଧୀକ୍ଷକ ଡାକ୍ତର ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ ସୁତନୁ କୁମାର ସତପଥୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ, ମେଡିକାଲ୍ ପରିଚାଳକ ବିଚିତ୍ର ପାଣିଗ୍ରାହି, ସାମାଜିକ କର୍ମୀ ଶୁଳପାଣି ଶତପଥି, ସ୍ୱାତୀ ସମ୍ପାଦକ ଇଁ ହରି ଶଙ୍କର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜାତୀୟ ସେବା ଯୋଜନା ଅଧିକାରୀ ବାବୁଲା ପ୍ରଧାନ, ଯୁବ ରେଡକ୍ରସ୍ ଅଧିକାରୀ ବିଦେଶୀ ରାଉତ, ଏନସିସି ଆର୍ମି ୱିଙ୍ଗସିଟି ଓ ଅର୍ପଣ ପ୍ରଧାନ, ନାଭାଲ ସିଟି ଓ ବିଭୂତି ଗୌଡ଼ଙ୍କ ସମେତ ସ୍ୱାତୀ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ୩୦ ୟୁନିଟ୍ ରକ୍ତ ସଂଗୃହୀତ କରିଥିଲେ।

## କାଳବୈଶାଖୀ ବିପନ୍ନ ପରିବାରକୁ ଆଜବେଷ୍ଟସ ବଣ୍ଟନ



ତୁମୁଡିବନ୍ଧ,୨୪।୬(ସମିସ): ଗତ କିଛିଦିନ ପୂର୍ବରୁ କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ଅଞ୍ଚଳରେ ଭୀଷଣ ବର୍ଷା ସହିତ ପ୍ରବଳ ବେଗରେ ପବନ ହେବା ଯୋଗୁଁ ତୁମୁଡିବନ୍ଧ ଅଞ୍ଚଳର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟ କ୍ଷତି ହେବା ସହିତ ଅନେକ ଲୋକଙ୍କ ଘର ଭାଙ୍ଗି ଛପର ଉଡେଇ ବ୍ୟାପକ ନଷ୍ଟ ହେଇଯାଇଥିଲା। ଯାହାଦ୍ୱାରା ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ଛାତ ଉଡିଯିବା ଦ୍ୱାରା ବର୍ଷା ପାଣି ସିଧାସଳଖ ଘର ଭିତରେ ପଡିବା ଦ୍ୱାରା ଘର କାଦୁଅ ହେଇଯାଉଥିଲା। ଲୋକମାନେ ଭୟଭୀତ ହେଇ ନିଜ ଘରେ ମଧ୍ୟ ଶୋଇବାକୁ ଡରୁଥିଲେ। ଏନେଇ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ତୁମୁଡିବନ୍ଧ ବ୍ଲକ ପୂର୍ବତନ ସାଂସଦ ପ୍ରତନିଧି ପ୍ରମୋଦ କୁମାର ସାହୁ ଖବର ପାଇବା ପରେ ତୁମୁଡିବନ୍ଧ ଗସ୍ତ କରି କ୍ଷତି ଗ୍ରସ୍ତ ହେଇଥିବା ଅଞ୍ଚଳଗୁଡିକ ବୁଲି ବୁଲି ପରିଦର୍ଶନ କରିଥିଲେ। ବୁଲି ବୁଲି ଦେଖିବା ପରେ କ୍ଷତି ଗ୍ରସ୍ତ ହେଇଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ନିଜସ୍ୱ ପାଣ୍ଠିରୁ ସେମାନଙ୍କୁ ଆଜବେଷ୍ଟ ଯୋଗେଇ ଦେବାକୁ ପ୍ରତିଶୃତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାଇ ଗତ ମଙ୍ଗଳବାର ଦିନ ବିଧାୟକ ଚକ୍ରମଣୀ କହଁର, ବରିଷ୍ଠ ନେତା ଟୁନା ଦାସ ଓ ପ୍ରମୋଦ କୁମାର ସାହୁ ତୁମୁଡିବନ୍ଧ ଗସ୍ତ କରି ପ୍ରଭାବିତ ହିତାଧିକାରୀ ମାନଙ୍କୁ ଆଜବେଷ୍ଟ ବଣ୍ଟନ କରିଛନ୍ତି। ଏହା ଦ୍ୱାରା ତୁମୁଡିବନ୍ଧ ଅଞ୍ଚଳ ର ୪୦ ରୁ ଉର୍ଦ୍ଧ ପରିବାର ଲାଭବାନ ହେଇଛନ୍ତି। ଏନେଇ ଆଜବେଷ୍ଟ ପାଇଥିବା ହିତାଧିକାରୀ ମାନେ ବିଧାୟକ ଚକ୍ରମଣୀ କହଁର, ବରିଷ୍ଠ ନେତା ଟୁନା ଦାସ ଓ ପ୍ରମୋଦ ସାହୁଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣେଇଛନ୍ତି।

# ଧନଞ୍ଜୟପୁରରେ ଶେଷ ହେଲା ଶୀତଳଷଷ୍ଠୀ

ଭଞ୍ଜନଗର,୨୪।୬ (ସମିସ):



ଏହି ବ୍ଲକ ଅନ୍ତର୍ଗତ ଧନଞ୍ଜୟପୁର ଶାସନ ଗ୍ରାମରେ ଶିବ ଓ ପାର୍ବତୀଙ୍କ ଦିବ୍ୟ ବିବାହ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗାଁ ସଂପୂର୍ଣ୍ଣ ଉତ୍ସବ ମୁଖର ହୋଇଥିଲା। ଗ୍ରାମ୍ୟ ସଭାପତି ଶରତ ଚନ୍ଦ୍ର ମିଶ୍ର କନ୍ୟାପିତା ଭାବେ ଏହି ଶୁଭ ବିବାହ କାର୍ଯ୍ୟକର୍ମ ପରିଚାଳନା କରିଥିବାବେଳେ ଗ୍ରାମର ଟ୍ରଷ୍ଟି ମଣ୍ଡଳ, ଯୁବକ ବୃନ୍ଦ ଏବଂ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାର ସହାୟତା କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଗତ ୧୮ ତାରିଖରେ ଶିବ ବିବାହ, ୧୯ ରେ ଶୀତଳ ଷଷ୍ଠୀ ମଣୋହି ଏବଂ ୨୧ ଓ ୨୨ ଦୁଇ ଦିନ ଧରି ଗ୍ରାମରେ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ବିଜେ ପ୍ରତିମା ସୁସଜ୍ଜିତ ବିମାନରେ ବିଜେ ହୋଇ ବାଦ୍ୟ ରୋଷଣୀ, ଘଣ୍ଟଘଣ୍ଟା ଓ ମନ୍ତ୍ରଧ୍ୱନୀ ସହିତ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସଖି ନାଚ, ସୁଭଦ୍ରା ପରିଣୟ ଏବଂ କୃଷ୍ଣ ଲୀଳା ଆଦି ପାରମ୍ପରିକ ଲୋକନୃତ୍ୟ ଭକ୍ତମାନଙ୍କ ଚିତ୍ତ ହରଣ କରିଥିଲା। ଶୀତଳ ଷଷ୍ଠୀ ଉତ୍ସବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଓ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶାନ୍ତି ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ତାରାସିଂ ଥାନା ପୋଲିସ ସହାୟତା କରିଥିଲେ।

## ମା' ବୁଢୀମା ଭଲିବଲ ଟୁର୍ଣ୍ଣାମେଣ୍ଟ: ନୂତନ ଗୁରୁଣ୍ଡି ଦଳ ଚାମ୍ପିଅନ





ଖଲ୍ଲିକୋଟ,୨୪।୬(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀସ୍ଥିତ ମାଆ ବୁଢୀମା ମନ୍ଦିର ନିକଟସ୍ଥ ଖେଳ ପଡିଆ ଠାରେ ମାଆ ବୁଢୀମା ଭଲି ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି କାଲୁରାମ ମହାରଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଟିମ ସାମିଲ ହୋଇଥିବା ବେଳେ ଫାଇନାଲରେ ନୂତନ ଗୁରୁଣ୍ଡି ସହ ହରିଡ଼ାମୂଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଶେଷରେ ନୂତନ ଗୁରୁଣ୍ଡି ବିଜୟୀ ହୋଇଥିଲା। ବିଜେତା ନୂତନ ଗୁରୁଣ୍ଡି ଟିମକୁ ଟ୍ରଫି ସହ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପରାଜିତ ହରିଡ଼ାମୂଳ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ଦିନ ସ୍ଥାନୀୟ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପଦ୍ମ ଚରଣ ସୁବୁଦ୍ଧି, ଅଶୋକ କୁମାର ତ୍ରିପାଠୀ,ମଣ୍ଡଳ ସଭାପତି ପଙ୍କଜ ମାଝୀ, ମିଟୁ ସ୍ୱାଇଁ, ସରପଞ୍ଚ ଶିକ ପାଣ୍ଡୀ, ପ୍ରକାଶ ଶାସମଲ, ମହେଶ୍ୱର ସ୍ୱାଇଁ,ପୂର୍ବତନ ସରପଞ୍ଚ ମନୋଜ ପ୍ରଧାନ,ବିଜେପି ଯୁବ ନେତା ନିରଞ୍ଜନ ନାୟକ, ପ୍ରଦୀପ୍ତ ପଟ୍ଟନାୟକ, ଅଶୋକ ଦଳେଇ ଓ ହେମନ୍ତ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।





# ୧୦ ଦିନ ହେଲା ଅନ୍ଧାରରେ ପେନାଗିରି

**ବିଦ୍ୟୁତ୍ ସଂଯୋଗ ପୁନଃ ଦାବିରେ ବିଧାୟକ ପ୍ରତିନିଧିଙ୍କୁ ଦାବିପତ୍ର**

ଫିରିଙ୍ଗିଆ, ୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ନୂଆପଦର ପଞ୍ଚାୟତର ପେନାଗିରି ଗ୍ରାମରେ ଗତ ୧୦ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ୪୫ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ୧୦ ଦିନ ଧରି ସେମାନେ ଅନ୍ଧାର ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି। ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଫଳରେ ଛାତ୍ରଛାତ୍ରୀମାନେ ସନ୍ଧ୍ୟା ସମୟରେ ପାଠପଢ଼ାରେ ବାଧା ସମ୍ମୁଖୀନ ହେଉଥିବା ବେଳେ ମୋବାଇଲ ଚାର୍ଜିଂ ଓ ଜରୁରୀକାଳୀନ ଯୋଗାଯୋଗ ସେବା ମଧ୍ୟ ବ୍ୟାହତ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀମାନେ ଆଜି ଫିରିଙ୍ଗିଆ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର କମ୍ପ ଙ୍କୁ ଗ୍ରାମକୁ ଆମନ୍ତ୍ରଣ କରି ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମର ବୈଦ୍ୟନାଥ ବେହେରା, ଭାସ୍କର ବେହେରା, ବିରେନ ମିତ୍ରବେହେରା, ଅକ୍ଷର ବେହେରା ଓ ପାର୍ବତୀ ବେହେରା ପ୍ରମୁଖ ଯଥାଶୀଘ୍ର ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଦ୍ୟୁତ୍ ସେବା ପୁନଃ ସଂଯୋଗ କରିବାକୁ ଦାବି କରିଛନ୍ତି। ଯଦି ଖୁବଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେଇପାରନ୍ତି ବୋଲି ସୂଚନା ମିଳିଛି। ସେପଟେ ବିଦ୍ୟୁତ ବିଭାଗର ଫିରିଙ୍ଗିଆ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆଙ୍କୁ ପଚାରିବାରୁ ଅଭିଯୋଗ ଆସିଛି ଯଥା ଶୀଘ୍ର ଏହି ପେନାଗିରି ଗାଁରେ ନୂତନ ଟ୍ରାନ୍ସଫରମର ସ୍ଥାପନ କରାଯିବ ବୋଲି କହିଛନ୍ତି।

# ପଛୁଆବର୍ଗ କମିଟି ଗଠନ ନେଇ କଂଗ୍ରେସର ସାଙ୍ଗଠନିକ ବୈଠକ



ପାରଳାଖେମୁଣ୍ଡି, ୨୪।୬ (ସମିସ): ରାଜ୍ୟ କଂଗ୍ରେସ ପଛୁଆବର୍ଗ ବିଭାଗ ଅଧକ୍ଷ ସରୋଜ ପ୍ରଧାନଙ୍କ ଗଜପତି ଜିଲ୍ଲା ଗସ୍ତ ଅବସରରେ ବୁଧବାର ପାରଳାଖେମୁଣ୍ଡି ଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପଛୁଆବର୍ଗ ବିଭାଗର ପୂର୍ଣ୍ଣାଙ୍ଗ କମିଟି ଗଠନ ଏବଂ ସଂଗଠନକୁ ଅଧିକ ସୁଦୃଢ଼ କରିବା ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସରୋଜ ପ୍ରଧାନ ସଂଗଠନର ବିସ୍ତାର, ଗ୍ରାମସ୍ତରରେ ଦଳକୁ ସକ୍ରିୟ କରିବା ଓ ପଛୁଆବର୍ଗ ସମାଜର ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କମିଟି ଗଠନ ମାଧ୍ୟମରେ ଦଳୀୟ କାର୍ଯ୍ୟକ୍ରମକୁ ଆହୁରି ଗତିଶୀଳ କରିବା ନେଇ ଖସଡ଼ା ପ୍ରସ୍ତୁତ କରାଯାଇଛି। ବୈଠକରେ ବରିଷ୍ଠ ନେତା ଅଭିମନ୍ୟୁ ପଣ୍ଡା, ଜନାର୍ଦ୍ଦନ ରାଓ, ପାପା ରାଓ, ବାଲାକ୍ରିଷ୍ଣା, ଈଶ୍ୱର ଚନ୍ଦ୍ର, ମହିଳା ନେତ୍ରୀ ଜସ୍ମିନ୍ ଶେଖ, ପାଉଲ ପାଣି, ନାଗା ରାଜୁଙ୍କ ସମେତ ବହୁ ଦଳୀୟ କର୍ମୀ, ଯୁବ ଓ ଛାତ୍ର ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ପେନେଲା ରୁଦ୍ରକାଳି ମନ୍ଦିର ସଂସ୍କାର ଉତ୍ସବ



ଜି ଉଦୟଗିରି ୨୪।୬(ସମିସ): କନ୍ଧମାଳ ଜିଲ୍ଲା ଗଦଗୁଡା ପଞ୍ଚାୟତ ସ୍ଥିତ ପେନେଲା ଠାରେ ୨୯ ବର୍ଷ ତଳର ମା ରୁଦ୍ରକାଳୀ ମନ୍ଦିରର ସଂସ୍କାର ଉତ୍ସବ ମହାଡମ୍ବରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, କର୍ତ୍ତା ଅରିଦାସ ପ୍ରଧାନ ସହଯୋଗରେ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ମନ୍ତ୍ର ପାଠରେ ଶତାଧିକ ମହିଳା ପୁରୁଷ କଳସ ଯାତ୍ରାରେ ବାହାରି ଜଳ ଆଣିବା ସହ ବେଦ, ମନ୍ତ୍ର ଘୃତ ଯଜ୍ଞ ମାଧ୍ୟମରେ ଜଳାଭିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ରେ ବିବେକାନନ୍ଦ ପ୍ରଧାନଙ୍କ ଅଧକ୍ଷତା ରେ ଆୟଜିତ ସଭାରେ ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଙ୍କ ଆଶିଷ ଲାଭ କରିବା ସହ ମନ୍ଦିର ଉର୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ କିଛି ଅର୍ଥ ପ୍ରଦାନ ନିମନ୍ତେ ପ୍ରତିଶୃତି ପ୍ରଦାନ କରିଥିଲେ। ଅନ୍ୟମାନନଙ୍କ ମଧ୍ୟରେ ଆଦିବାସୀ ଜିଲ୍ଲା ମୋର୍ଚ୍ଚା ସଭାପତି ତାରିଣୀ ପ୍ରଧାନ, ହରିଜନ ମୋର୍‌ଚା ସଭାପତି ପର୍ଶୁରାମ ନାୟକ, ବଟକୃଷ୍ଣ ପ୍ରଧାନ ଓ ଉଦ୍ଧବ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ପରେ ଗ୍ରାମବାସୀ ପ୍ରସାଦସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମିଳୁନି ସରକାରୀ ବସ୍ ସେବା; ବଢୁଛି ଜନଅସନ୍ତୋଷ




ଜି ଉଦୟଗିରି,୨୪।୬(ସମିସ):

ଜି ଉଦୟଗିରି ସହର କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ସହର ହୋଇଥିବା ବେଳେ ଯାତାୟାତ ପାଇଁ ସରକାରୀ ବସ୍ ସେବା ଯଥେଷ୍ଟ ହେଉ ନଥିବା ଦୀର୍ଘ ବର୍ଷ ହେଲା ଦାବୀ ହେଇଆସୁଛି। କୌଣସି ସରକାରୀ ବସ୍ ର ଷ୍ଟାର୍ଟିଙ୍ଗ ପଏଣ୍ଟ ହୋଇନଥିବା ବେଳେ ଏହି ରୁଟ ଦେଇ କୌଣସି ଜଗନ୍ନାଥ ଏକ୍ସପ୍ରେସ ଯାଉନାହିଁ। ଜି ଉଦୟଗିରି ରୁ ପଶ୍ଚିମ ଓଡିଶା ର ସମ୍ବଲପୁର, ବୁର୍ଲା, ଝାରସୁଗୁଡା, ସୁନ୍ଦରଗଡ଼, ରାଉରକେଲା ସେହିପରି ଦକ୍ଷିଣ ଓଡିଶାର ଛତ୍ରପୁର, ବ୍ରହ୍ମପୁର, ଗଞ୍ଜା, ହୂମ୍ମା, ଯାତାୟାତ ପାଇଁ ସରକାରୀ ବସ୍ ସୁବିଧା ନାହିଁ। ଲୋକେ ସିଧାସଳଖ ପୁରୀ ଯାଇ ଜଗା ଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ୧୫ ବର୍ଷ ହେଲା ଏହି ଦାବୀ ହୋଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନି। ଅଞ୍ଚଳ ବାସି ବାରମ୍ବାର ବିଭାଗୀୟ ମନ୍ତ୍ରୀ ଅଧିକାରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ସାଧାରଣ ଗୋଟିଏ ବସ୍‌ର ରୁଟ ପରିବର୍ତ୍ତନ ହୋଇ ପାରିନି। ଏବେ ବିଭାଗୀୟ ମନ୍ତ୍ରୀଙ୍କ କନ୍ଧମାଳ ଗ୍ରସ୍ତ ଥିବା ବେଳେ ଅଞ୍ଚଳବାସୀ ପୁଣିଥରେ ସାକ୍ଷାତ କରି ଅଂଚଳକୁ ସରକାରୀ ବସ୍ ସେବା ଯୋଗାଇ ଦେବା ପାଇଁ ଆଲୋଚନା କରିଛନ୍ତି। କେତେକ ବସ୍ ରୁଟ ପରିବର୍ତ୍ତନ କରିବା ସହିତ କେତେକ ବସ୍ କୁଜି ଉଦୟଗିରି ପର୍ଯ୍ୟନ୍ତ ବଢେଇବା ପାଇଁ ଅନୁରୋଧ କରିଛନ୍ତି। ଯେପରି ଭଞ୍ଜନଗର ରୁ କେନ୍ଦୁଝର, ଭଞ୍ଜନଗରରୁ ପୁରୀ ଯାଉଥିବା ଦୁଇଟି ବସ୍, ଫୁଲବାଣୀରୁ ସମ୍ବଲପୁର ଯାଉଥିବା ଦୁତି ବସ୍, ବ୍ରହ୍ମପୁରରୁ କଣ୍ଟାମାଳ, ଭଞ୍ଜନଗରରୁ ସିମାଞ୍ଚଳ, ରାୟଗଡାରୁ ପୁରୀ ଏହି ସବୁ ବସ୍‌ଗୁଡିକୁ ଜି ଉଦୟଗିରି ଏବଂ ଆଖପାଖ ଅଞ୍ଚରୁ ବାହାରିବା ପାଇଁ ଏକ ପ୍ରସ୍ତାବ ଦେଇଛନ୍ତି। ଯାହା ଦ୍ୱାରା ଅଞ୍ଚଳର ଯାତାୟାତ ରେ ସୁବିଧା ହେବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଶିଘ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ନହେଲେ ଆଗାମୀ ଦିନ ଆନ୍ଦୋଳନ କୁ ବ୍ୟାପକ କରାଯିବ ବୋଲି ଅଞ୍ଚଳ ବାସୀ କହିଛନ୍ତି।

# ଫିରିଙ୍ଗିଆ ବ୍ଲକସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' ଉଦଯାପିତ

ଫିରିଙ୍ଗିଆ, ୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସରକାରଙ୍କ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ବିକାଶ ମୁଳକ କାର୍ଯ୍ୟକ୍ରମ ବିଷୟରେ ସମସ୍ତ ବିଭାଗର ଷ୍ଟଲ ମାଧ୍ୟମରେ ସଚେତନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର କମ୍ପ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ , ସିଡ଼ିପିଓ ନିବେଦିତା ପ୍ରଧାନ, ବ୍ଲକ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ଦାସ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଜୀବିକା ମିଶନ ସଂଯୋଜକ ସଂଗ୍ରାମ କେଶରୀ ସାହୁ, ଫିରିଙ୍ଗିଆ ସମିତି ସଭ୍ୟା ମୈସୁମି ପ୍ରଧାନ, ଶିକ୍ଷା ବିଭାଗ ପ୍ରତିନିଧି ଶୁଶାନ୍ତ କୁମାର ମହାପାତ୍ର, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ଓ ଗୋଷ୍ଠୀ ଗତ ପଟ୍ଟା ବଣ୍ଟନ, ମୂଖ୍ୟ ମନ୍ତ୍ରୀ ଅନ୍ନପୁର୍ଣ୍ଣା କାର୍ଡ ବିତରଣ, ଆବାସ ଯୋଜନା ବଣ୍ଟନ, ସ୍ୱାସ୍ଥ୍ୟ କାର୍ଡ, ସହିତ ସଚେତନ କରାଯାଇଥିଲା। ଏଥିରେ ବ୍ଲକର ସମେତ ସମସ୍ତ କର୍ମଚାରୀ ଗଣ ସହଯୋଗ କରିଥିଲେ ବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମା ଓ ବ୍ଲକ ପ୍ରତ୍ୟେକ ପଞ୍ଚାୟତ ରୁ ଆସିଥିବା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ଜୀବିକା ମିଶନ ସଂଯୋଜକ ସଂଗ୍ରାମ କେଶରୀ ସାହୁ ପରିଚାଳନା କରିଥିଲେ ଓ କାର୍ଯ୍ୟକ୍ରମର ଉଦଜାପାନୀ ଉତ୍ସବରେ ବ୍ଲକ ପ୍ରଶାସନ ତରଫରୁ ଶହେ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, କୋଡିଏ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାର କାର୍ଡ, ଦଶ ଜଣ ହିତାଧିକାରୀଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଅଧୀନରେ ବାସଗୃହ ପାଇଁ କାର୍ଯ୍ୟଦେଶ, ତହସିଲ କାର୍ଯ୍ୟାଳୟ ତରଫରୁ କୋଡିଏ ଜଣ ହିତାଧିକାରୀକୁ ଜଙ୍ଗଲ ଜମି ପଟ୍ଟା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ତରଫରୁ ଦଶ ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା।

# ବିଜେଡି ପକ୍ଷରୁ +୩ ନାମଲେଖା ପାଇଁ ହେଲ୍ପ ଡେସ୍କ ଉଦ୍‌ଘାଟିତ




ପାରଳାଖେମୁଣ୍ଡି, ୨୪।୬ (ସମିସ): ଗଜପତି ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ +୩ ନାମଲେଖା ପାଇଁ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଉଦ୍ଘାଟନ କରାଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଉଚ୍ଚଶିକ୍ଷା ଲାଭ କରିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ନାମଲେଖା ପ୍ରକ୍ରିୟାରେ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏହି ହେଲ୍ପ ଡେସ୍କ ଖୋଲାଯାଇଛି। ଗଜପତି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ଏହି ହେଲ୍ପଡେସ୍କ ଷ୍ଟଲର ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ମାର୍ଗଦର୍ଶନ ଓ ସହଯୋଗ ଯୋଗାଇବା ଆଜିର ସମୟର ଆବଶ୍ୟକତା। ହେଲ୍ପ ଡେସ୍କ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ଅଧିକ ସରଳ ହେବା ସହ ଛାତ୍ରଛାତ୍ରୀଙ୍କ ସମୟ ଓ ପରିଶ୍ରମ ବଞ୍ଚିପାରିବ। ଏହି ହେଲ୍ପ ଡେସ୍କ ମାଧ୍ୟମରେ +୩ ନାମଲେଖା ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ଫର୍ମ ପୂରଣ, ବିଭିନ୍ନ ବିଷୟ ଚୟନ, ଦଲିଲପତ୍ର ଅପଲୋଡ୍ ଓ ନାମଲେଖା ସମ୍ବନ୍ଧୀୟ ଅନ୍ୟାନ୍ୟ ସୂଚନା ପ୍ରଦାନ କରାଯିବ। ବିଶେଷକରି ଗ୍ରାମାଞ୍ଚଳରୁ ଆସୁଥିବା ଛାତ୍ରଛାତ୍ରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି। ପ୍ରଥମ ଦିନରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣରେ ସହାୟତା କରାଯାଇଥିବା ଜଣାପଡ଼ିଛି। ଉଦ୍ଘାଟନୀ ଉତ୍ସବରେ ଯୁବ ବିଜେଡି ରାଜ୍ୟ ସମ୍ପାଦକ ସୁନୀଲ ବିଶୋଇ, ଜିଲ୍ଲା ଯୁବ ବିଜେଡି ସଭାପତି ଲେଙ୍କା ସୀମାଦ୍ରୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ସମେତ ବହୁ ଯୁବ ନେତା, କର୍ମୀ ଓ ପୂର୍ବତନ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ହେଲ୍ପ ଡେସ୍କକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଶୀତଳ ପାନୀୟ, ବିସ୍କୁଟ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା ମଧ୍ୟ କରାଯାଇଥିବା ବେଳେ ନାମଲେଖା ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ ବୋଲି ବିଜେଡି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପାରଳା ଜଗନ୍ନାଥ ମନ୍ଦିର ପାଇଁ ୨୦ କୋଟି ଟଙ୍କା

ପାରଳାଖେମୁଣ୍ଡି, ୨୪।୬ (ସମିସ): ପାରଳାଖେମୁଣ୍ଡି ଠାରେ ଥିବା ବହୁ ପୁରାତନ ପାରଳା ଗଜପତି ବଂଶର ଐତିହାସିକ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଜି ଗଜପତି ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥିବୀରାଜ ହରିଚନ୍ଦନ କୋଡ଼ିଏ କୋଟି ଟଙ୍କା ସରକାର ମଞ୍ଜୁର କରିଥିବା ଘୋଷଣା କରିଛନ୍ତି। ଗଜପତି ଜିଲ୍ଲା ବାସୀ ଙ୍କ ତରଫରୁ ସରକାର ଙ୍କୁ ଧନ୍ୟବାଦ ଓ ଜଗନ୍ନାଥ ମନ୍ଦିର ନିର୍ମାଣ ରେ ସାମିଲ ପ୍ରତ୍ୟେକ ଭକ୍ତ ମାନଙ୍କୁ ମଧ ଧନ୍ୟବାଦ୍।

# ରଥ ଯାତ୍ରା ପ୍ରସ୍ତୁତି ବୈଠକ

ଫିରିଙ୍ଗିଆ,୨୪।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ଶଙ୍ଖ କ୍ଷେତ୍ରର ପ୍ରସିଦ୍ଧ ରଥ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଯାତ୍ରା ପରିଚାଳନା କମିଟି ସଭାପତି ବାଳକୃଷ୍ଣ ଜୁଣ୍ଡି, ବଣିକ ସଂଘ ସଭାପତି ଶିବ ଶଙ୍କର ମହାପାତ୍ର, ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀ, ଥାନା ଅଧିକାରୀ ମୁରଲୀ ଧର ସାହୁ, ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ଅଗ୍ନି ସମବାହିନୀ କର୍ମଚାରୀ, ବନବିଭାଗ କର୍ମଚାରୀ, ସମାଜ ଶେବି ଜୟ ପାଣିଗ୍ରାହୀ ଯାତ୍ରା କମିଟି ସମ୍ପାଦକ ସତ୍ୟ ସାହୁଙ୍କ ସହ ଚନ୍ଦ୍ର ମୋହନ ନାଏକ, ବିରଞ୍ଚି ଦିଗାଲ, ସଞ୍ଜୟ କୁମାର ଦିଗାଲ, ମନ୍ଦିର ପରିଚାଳନା ଓ ରଥ ଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।ସର୍ବ ସମ୍ମତି କ୍ରମେ ଚଳିତ ବର୍ଷ ପ୍ରଥମଥର ପାଇଁ ବଣିକ ସଙ୍ଘର ପୁର୍ଣ୍ଣ ସହଯୋଗରେ ରଥଯାତ୍ରା ପରିଚାଳନା କରାଯିବ।

# ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା ସମ୍ମିଳନୀ



ପାରଳାଖେମୁଣ୍ଡି, ୨୪।୬ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସାମଗ୍ରିକ ବିକାଶ ସମ୍ପର୍କରେ ବିକଶିତ ଓଡିଶା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଲୋକଙ୍କ ସରକାର ତରଫରୁ ଅନେକ ଐତିହାସିକ ପଦକ୍ଷେପ ଗ୍ରହଣ କରିବା ସହ ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମଗ୍ରିକ ଉନ୍ନତିକୁ ସୁନିଶ୍ଚିତ କରାଯାଇଛି ବୋଲି କହିଥିଲେ। ବିଗତ ଦୁଇ ବର୍ଷରେ ଗଜପତି ଜିଲ୍ଲାରେ କୃଷି, ଗ୍ରାମ୍ୟ ବିକାଶ, ପାନୀୟ ଜଳ, ଆବାସ, ସହରାଞ୍ଚଳ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଶକ୍ତି, ଆର୍ଥିକ ଅନ୍ତର୍ଭୁକ୍ତି, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଏବଂ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ଗଜପତି ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୯୯% ଅଧିକ କଭରେଜ୍ ସୁନିଶ୍ଚିତ ହୋଇଥିବାବେଳେ ହଜାର ହଜାର ପରିବାରଙ୍କୁ ଘର, ପାନୀୟ ଜଳ ଏବଂ ମୌଳିକ ସୁବିଧା ପ୍ରଦାନ କରାଯାଇଛି। ମଧୁବାବୁ ପେନସନ୍ ଯୋଜନା ୫୫,୮୭୦ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ୨୦୨୫-୨୬ ରେ ୧୬.୩୬ କୋଟି ବଣ୍ଟନ ହୋଇଛି। ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ସମେତ ଅନ୍ୟାନ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ଜିଲ୍ଲାର ଆର୍ଥିକ ଓ ସାମାଜିକ ବିକାଶକୁ ନୂତନ ଦିଗ ମିଳିଛି। ସ୍ୱୟଂ ସହାୟକ ଗୋଷ୍ଠୀ, ଜୀବିକା ମିଶନ ଏବଂ ସ୍ୱରୋଜଗାର ଯୋଜନା ମାଧ୍ୟମରେ ମହିଳା ଓ ଯୁବଶକ୍ତିଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ସଫଳ ପଦକ୍ଷେପ ଗ୍ରହଣ କରାଯାଇଛି। 'ବିକଶିତ ଓଡ଼ିଶା' ଗଠନରେ ଗଜପତି ଜିଲ୍ଲାର ଅବଦାନକୁ ଆହୁରି ସୁଦୃଢ଼ କରିବା ସହ ଅନ୍ତ୍ୟୋଦୟ, ସୁଶାସନ ଓ ସମାବେଶୀ ବିକାଶର ଲକ୍ଷ୍ୟ ନେଇ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗଜପତି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ନାୟକ, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ବିକାଶର ଧାରା ଓଡ଼ିଶା ସାରା ପ୍ରଦର୍ଶନୀକୁ ଶୁଭ ଉଦ୍ଘାଟନ କରିଥିଲେ ଓ ସେହିପରି ଉକ୍ତ ସ୍ଥାନରେ "ଏକ୍ ପେଡ୍ ମା କେ ନାମ" ଅଭିଯାନର ବୃକ୍ଷ ରୋପଣ କରାଯାଇଥିଲା।

**କନ୍ଧମାଳରେ ହାତୀ ଆତଙ୍କ**

# ସ୍ୱତନ୍ତ୍ର 'ରାପିଡ୍ ରେସ୍ପନ୍ସ ଟିମ୍' ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜି .ଉଦୟଗିରି,୨୪।୬(ସମିସ):



କନ୍ଧମାଳ ଜିଲ୍ଲାରେ ହାତୀ ଉପଦ୍ରବ ଏବେ ଜନଜୀବନ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ହୋଇଉଠିଛି। ବିଶେଷକରି ଜି .ଉଦୟଗିରି, ଟିକାବାଲି ଓ ରାଇକିଆ ବ୍ଲକର ବନାଞ୍ଚଳ ସଂଲଗ୍ନ ଗ୍ରାମଗୁଡ଼ିକରେ ହାତୀ ଏବଂ ବନ୍ୟଶୂକରଙ୍କ ଉପଦ୍ରବ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ଜନସାଧାରଣ ଭୟ ଓ ଆତଙ୍କ ମଧ୍ୟରେ ଦିନ କାଟୁଥିବା ବେଳେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆଜି ଘୁ.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ନିକଟ ଅତୀତରେ ହାତୀ ଆକ୍ରମଣରେ ୫ ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଟି ଗୃହପାଳିତ ପଶୁ ମଧ୍ୟ ପ୍ରାଣ ହରାଇଛନ୍ତି। ଏଥିସହ ଶହ ଶହ ଏକର ଚାଷଜମି ନଷ୍ଟ ହୋଇଥିବା ବେଳେ ଅନେକ ଘରବାଡ଼ି ଭାଙ୍ଗିଯାଇଛି। ସନ୍ଧ୍ୟା ହେଲେ ହାତୀପଲ ଗାଁ ମଧ୍ୟକୁ ପଶି ଆସୁଥିବାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଚାଷୀଙ୍କ ଜୀବିକା ଓ ସାଧାରଣ ଲୋକଙ୍କ ନିତ୍ୟଜୀବନ ବାଧାପ୍ରାପ୍ତ ହେଉଛି।ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଆଶାନୁରୂପ ପଦକ୍ଷେପ ଗ୍ରହଣ ହେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ତେଣୁ ଜନସୁରକ୍ଷା ଓ ମାନବ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ପାଇଁ କନ୍ଧମାଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ର୍‌ୟାପିଡ୍ ରେସ୍ପନ୍ସ ଟିମ୍ ଗଠନ, ୨୪ ଘଣ୍ଟିଆ ଜରୁରୀକାଳୀନ ହେଲ୍ପଲାଇନ୍ ବ୍ୟବସ୍ଥା, ବନ୍ୟଜନ୍ତୁ ପ୍ରବଣ ଅଞ୍ଚଳରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଓ ନିୟମିତ ପାଟ୍ରୋଲିଂ, କ୍ଷତିଗ୍ରସ୍ତ ଚାଷୀ ଓ ପରିବାରଗୁଡ଼ିକୁ ତୁରନ୍ତ ଓ ଉଚିତ କ୍ଷତିପୂରଣ, ହାତୀ ଚଳପ୍ରଚଳ ଅଞ୍ଚଳରେ ଆଧୁନିକ 'ଅର୍ଲି ୱାର୍ନିଂ ସିଷ୍ଟମ୍' ଏବଂ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି କରାଯାଇଛି। ଏହି ଦାବିପତ୍ରର ନକଲ ବନ ଓ ପରିବେଶ ମନ୍ତ୍ରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, କନ୍ଧମାଳ ଜିଲ୍ଲାପାଳ ଏବଂ ଡିଏଫଓଙ୍କ ନିକଟକୁ ମଧ୍ୟ ପଠାଯାଇଛି। ପ୍ରଶାସନ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ବୃହତ୍ତର ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ଜି .ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧକ୍ଷ ସନ୍ତୋଷ ବାଘ, ଫିଲିମନ ନାୟକ, ସାମ୍ବାଦିକ ଅନିଲ ଦଳବେହେରା, ଅରୁଣ ଷଡ଼ଙ୍ଗୀ, ଗଗନ ପ୍ରଧାନ, ନୀଳମାଧବ ପ୍ରଧାନ, ଟାର୍ଜନ ସାହୁ, ସଞ୍ଜୀବ ଦିଗାଲ, ଗୋବିନ୍ଦ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।


# ପାରଳାଖେମୁଣ୍ଡି ପୁଲିସ ଦ୍ୱାରା ଅଚିହ୍ନା ବ୍ୟକ୍ତିଙ୍କ ଶବ ଉଦ୍ଧାର



ପାରଳାଖେମୁଣ୍ଡି, ୨୪।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସୁବାସ ନଗର ଅଞ୍ଚଳରେ ଜଣେ ଅଚିହ୍ନା ମୃତ ବ୍ୟକ୍ତିଙ୍କ ଶବକୁ ପୁଲିସ ଉଦ୍ଧାର କରିଛି। ସୂଚନା ପ୍ରକାରେ ବ୍ୟକ୍ତି ଜଣକୁ ୪୦ ବର୍ଷରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି। ସେ ସୁବାସ ନଗର ଅଞ୍ଚଳର ରାସ୍ତା ତଟରେ ମୃତ୍ୟୁ ଅବସ୍ଥାରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ସୋମବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ଶବକୁ ଜବତ କରି ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଏହା ସହ ଶବର ଚିହ୍ନଟ ତଥା ଦାବୀଦାରଙ୍କ ପାଇଁ ୭୨ ଘଣ୍ଟା ରଖାଯାଇଥିଲା। ତେବେ କୌଣସି ଦାବୀଦା କିମ୍ବା କୌଣସି ପରିଚୟ ମିଳିପାରି ନଥିବା ଯୋଗୁଁ ଆଇନ ନିୟମ ପ୍ରକାରେ ଆଜି ଶବ ବ୍ୟବଚ୍ଛେଦ କରାଯାଇ ଶତ୍କାର କରାଯାଇଛି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଏସ୍‌ଆଇ ବଳରାମ ବେହେରା କରୁଥିବାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ଅଭାବରେ ମହାପ୍ରଭୁ
# ବନ୍ଦ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା !

ବାରିପଦା, ୨୪।୬ (ସମିସ): ଆଉ ତିନି ସପ୍ତାହ ପରେ ରଥଯାତ୍ରା। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଦେବତ୍ତୋର ବିଭାଗ ଅଧୀନ ମଠ ଓ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଦେବତ୍ତୋର ବିଭାଗ ଅଧୀନରେ ହେଉଥିବା ରଥଯାତ୍ରା ପାଇଁ ଏଥର ମୋଟ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ଉପସ୍ଥାପିତ ହୋଇଛି। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଏହି ଅଟକଳ ଉପସ୍ଥାପିତ ହୋଇଛି। ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉ ମନ୍ଦିର ପାଇଁ ଏଥର ରଥଯାତ୍ରା ଖର୍ଚ୍ଚ ଅଟକଳ ୬୬ ଲକ୍ଷ ୧୦ ହଜାର ଟଙ୍କା ରହିଛି। ଏଥିରେ ଚାରିଟି ରଥ ନିର୍ମାଣ ଓ ଖୋଲା, ରଥ କାଠ ଓ ପରିବହନ, ରଥ ଦଉଡି, ଲୁହା ସାମଗ୍ରୀ, ଦେବତାଙ୍କ ସାଜସଜ୍ଜା, ଗହଣା ରଙ୍ଗ ଓ ମରାମତି, ଟାହିଆ, ଆଲୋକ ବ୍ୟବସ୍ଥା, ଟେଣ୍ଟ, ଜେନେରେଟର, ସିସି କ୍ୟାମେରା ଆଦି ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସେହିପରି ମାଣତ୍ରୀ ମନ୍ଦିର ପାଇଁ ୨.୬୦ ଲକ୍ଷ ଟଙ୍କା, ପ୍ରତାପପୁର ମନ୍ଦିର ଓ ରାସଗୋବିନ୍ଦପୁର ଖୁଣ୍ଟା ମଠ ପାଇଁ ୧.୬୦ ଲକ୍ଷ ଟଙ୍କା ଲେଖାଏଁ, କାନ୍ଠଥ ମଠ ପାଇଁ ୧.୧୦ ଲକ୍ଷ ଟଙ୍କା, ଅମର୍ଦ୍ଦା ମଠ ପାଇଁ ୧ ଲକ୍ଷ ଟଙ୍କା ଓ ମଙ୍ଗଳପୁର ମଠ ପାଇଁ ୭୦ ହଜାର ଟଙ୍କାକୁ ମିଶାଇ ୮ ଲକ୍ଷ ୬୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ମିଶି ଚଳିତବର୍ଷ ରଥଯାତ୍ରା ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ମୋଟ ୭୪ ଲକ୍ଷ ୭୦ ହଜାର ଟଙ୍କାର ଅଟକଳ ହୋଇଛି। ସର୍ବାଧିକ ଚିନ୍ତାର ବିଷୟ ହେଉଛି ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ୍ ପର୍ଯ୍ୟନ୍ତ ଦୈନନ୍ଦିନ ଖର୍ଚ୍ଚ ବାବଦ ୬୦ ଲକ୍ଷ ଟଙ୍କା ବକେୟା ରହିଛି। ଏଣୁ ବକେୟା ଟଙ୍କା ପ୍ରଦାନ ନ କରିବା ଯାଏଁ ଯୋଗାଣକାରୀ ଦୋକାନୀ ବା ବ୍ୟବସାୟୀ ରଥଯାତ୍ରା ପାଇଁ ସାମଗ୍ରୀ ଦେବା ଆଶା ଚିନ୍ତାର ବିଷୟ। ଏହି ବକେୟା ସହ ମୋଟ ଖର୍ଚ୍ଚ ଅଟକଳ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଦେବତ୍ତୋର ବିଭାଗ ଏହି ଅଟକଳ ଉପସ୍ଥାପନ କରିଥିବାବେଳେ ବକେୟା ଟଙ୍କା ସମୟରେ ମିଳିଲେ ହିଁ ସମୟମତେ ରଥଯାତ୍ରା ସମ୍ପନ୍ନ ହୋଇପାରିବ ବୋଲି ଭକ୍ତ ମହଲ ଆଶା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେପରି କୌଣସି ଅସୁବିଧା ବିନା ସୁଚାରୁରୂପେ ସମ୍ପନ୍ନ ହୁଏ, ସେ ଦିଗରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରୁଛି ଏହି ଅଟକଳ।



**ଅଟକଳ ୭୪ ଲକ୍ଷ ୭୦ ହଜାର**
**ଜାନୁଆରୀରୁ ବାକିପଡ଼ିଛି ୬୦ ଲକ୍ଷ**

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ସହ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ, କାଜୁ ନିଗମ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରାଗଲେ ଉପରୋକ୍ତ ଅଭାବ ପରିଲକ୍ଷିତ ହୁଅନ୍ତା ନାହିଁ ବୋଲି ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।

## ‘ଡିଜିଟାଲ୍ ଆରେଷ୍ଟ’ ଠକେଇ
# ଅବସରପ୍ରାପ୍ତ ପ୍ରଫେସର ଫେରିପାଇଲେ ୧.୧୦ କୋଟି

କଟକ,୨୪।୬(ସମିସ): ‘ଡିଜିଟାଲ୍ ଆରେଷ୍ଟ’ ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଆକାଉଣ୍ଟରୁ ଯାଇଥିବା ୨.୪୫ କୋଟି ଟଙ୍କା ମଧ୍ୟରୁ ୧କୋଟି ୧୦ ଲକ୍ଷ ଫେରସ୍ତ ଆଣିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। ‘୧୯୩୦’ ସାଇବର ହେଲ୍ପଲାଇନ୍ ମାଧ୍ୟମରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଅର୍ଥ ଉଦ୍ଧାର କରାଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଏହି ଅବସରପ୍ରାପ୍ତ ପ୍ରଫେସର ଜଣକ ଗତ ଫେବୃଆରୀ ୨୦୨୬ରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହରାଇଥିଲେ। ଏନେଇ ସେ ଗତ ମେ ୧୫ରେ ସେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି)ରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ତଥା ଗତ ମାର୍ଚ୍ଚ ୨ତାରିଖରେ ସେ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ଏହି ପ୍ରକ୍ରିୟାରେ ଠକେଇ ସହ ଜଡ଼ିତ କେତେକ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରାଯାଇଥିଲା ଏବଂ ସେଗୁଡ଼ିକୁ ତୁରନ୍ତ ଫ୍ରିଜ୍ ବା ଅଚଳ କରିବାକୁ ପଦକ୍ଷେପ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ‘ୟେସ୍ ବ୍ୟାଙ୍କ’ର ଏକ ଆକାଉଣ୍ଟରେ ଥିବା ୧କୋଟି ୧୦ଲକ୍ଷ ଟଙ୍କାକୁ ଅଟକାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, କୋର୍ଟଙ୍କ ଆଦେଶ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରି ଏହି ସମ୍ପୂର୍ଣ୍ଣ ଅର୍ଥକୁ ଅଭିଯୋଗକାରୀ ପ୍ରଫେସରଙ୍କ ଆକାଉଣ୍ଟକୁ ସଫଳତାର ସହ ଫେରସ୍ତ ଅଣାଯାଇଛି।

**୪ ମାସରେ ୧୬୩୩୫ଟି ସାଇବର ଠକେଇ ଅଭିଯୋଗ**

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଗତ ୨୦୨୫ରେ ଏନସିଆରପିରେ ମୋଟ ୪୩୨.୨୮ କୋଟି ଟଙ୍କା ଠକେଇ ନେଇ ୪୯୪୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଗୁଡିକ ଆଧାରରେ ୬୮.୭୧କୋଟି ଟଙ୍କାକୁ ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇଥିବା ବେଳେ ୫.୩୧କୋଟି ଟଙ୍କା ଅଭିଯୋଗକାରୀ ମାନଙ୍କୁ ଫେରସ୍ତ ଦିଆଯାଇପାରିଛି। ସେହିଭଳି ୨୦୨୬ ଏପ୍ରିଲ୩୦ ସୁଦ୍ଧା ୧୩୪.୨୪କୋଟି ଟଙ୍କା ଠକେଇ ନେଇ ୧୬୩୩୫ଟି ଅଭିଯୋଗ ହୋଇଥିବା ବେଳେ ୨୪.୨୭କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇ ରଖାଯାଇଛି। ଏଥିରୁ ୨.୯୭କୋଟି ଟଙ୍କା ଅଭିଯୋଗକାରୀ ମାନେ ଫେରସ୍ତ ପାଇଛନ୍ତି। ଏଭଳି କୌଣସି ସନ୍ଦିଗ୍ଧ ଫୋନ କଲ୍ ଆସିଲେ ନିଜର ବ୍ୟକ୍ତିଗତ ଓ ବ୍ୟାଙ୍କ ତଥ୍ୟ ସେୟାର ନକରିବାକୁ କୁହାଯାଇଛି। ଏଭଳି ଘଟଣା ଘଟିଲେ ତୁରନ୍ତ ଟୋଲ୍ ଫ୍ରି ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କିମ୍ବା www.cybercrime.gov.inରେ ଅଭିଯୋଗ ଯେତେ ଶୀଘ୍ର କରାଯିବ ତେବେ ଟଙ୍କା ଫ୍ରିଜ୍ ହେବାର ଏବଂ ଫେରସ୍ତ ମିଳିବାର ସମ୍ଭାବନା ସେତେ ଅଧିକ ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

# ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କଣିହାଁ,୨୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ନିମ୍ନଭାଗ କଦଳିପାଳ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରେଙ୍ଗାଳି ଡ୍ୟାମ ତଳ ଅଞ୍ଚଳ କଦଳିପାଳ ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଙ୍କ ନିକଟକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ କଣିହାଁ ବ୍ଲକ ଖାମାର ଗ୍ରାମର ରାଜେଶ ଗୋଛାୟତ ବୋଲି ଜଣାପଡ଼ିଛି। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଷ୍ଟ୍ରିଟ୍ ଲାଇଟ୍ କାମରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର ୨୪।୬ (ସମିସ): ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ। ବୁଧବାର ଭିଜିଲାନ୍ସ ଟିମ୍ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିଛି। ଭିଜିଲାନ୍ସ ପକ୍ଷରୁ ୮୧ ଜଣ ଅଧିକାରୀଙ୍କୁ ନେଇ ୨୪ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ତଦନ୍ତ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ଟେଣ୍ଡର ନିୟମ ଉଲ୍ଲଂଘନ ସହ ଏନର୍ଜି ମିଟର, କେବୁଲ, ଏମସିସିବି, ଫଟୋ ସ୍ୱିଚ୍ ଟାଇମର ଆଦି ସ୍ଥାପନ ନକରି ମଧ୍ୟ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଆଜି ଭିଜିଲାନ୍ସର ଟିମ୍ ୩ଟି ଜିଲ୍ଲାର ୫୦ଟି ସ୍ଥାନରେ ପ୍ରାୟୋଗିକ ଯାଞ୍ଚ ଓ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ କେତେ ଦୁର୍ନୀତି ହୋଇଛି ଓ ସରକାରୀ କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଭୂମିକା କ’ଣ ରହିଛି, ତା’ର ତଦନ୍ତ ଆରମ୍ଭ ହୋଇଛି ।

**୩ ଜିଲ୍ଲାରେ ଭିଜିଲାନ୍ସ ଯାଞ୍ଚ**

## ■ ଛତ୍ରପୁର ଅଞ୍ଚଳରେ ଗୁଣିଆ ସନ୍ଦେହରେ ହତ୍ୟା ମାମଲା
# ଅଭିଯୁକ୍ତ ୨୪ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ

କଟକ,୨୪।୬(ସମିସ): ଏକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ଦୀର୍ଘ ୨୪ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ସାକ୍ଷୀଙ୍କ ବୟାନରେ ବିରୋଧାଭାସ ଏବଂ ଦୁର୍ବଳ ଅନୁସନ୍ଧାନ କାରଣରୁ ଏକ ଦୀର୍ଘ ଦିନର ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୩ରୁ ଚାଲିଆସୁଥିବା ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ତଥା ଆବେଦନକାରୀ ବାବୁ ଦାସଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ପ୍ରମାଣରେ ଥିବା ବଡ଼ ଫାଙ୍କଗୁଡ଼ିକୁ ଅଣଦେଖା କରିଥିଲେ। ଆଇନ ଅନୁଯାୟୀ ପ୍ରସିକ୍ୟୁସନକୁ ନିଜ ମାମଲା ସନ୍ଦେହରୁ ଉର୍ଦ୍ଧ୍ୱରେ ପ୍ରମାଣ କରିବାକୁ ପଡ଼ିଥାଏ, କିନ୍ତୁ ଏଠାରେ ନିମ୍ନ ଅଦାଲତ ଓଲଟା ଅଭିଯୁକ୍ତ ଉପରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଭାର ଲଦି ଦେଇଛନ୍ତି, ଯାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

**‘ନିର୍ଦ୍ଦୋଷ ପ୍ରମାଣ ପାଇଁ ଅଭିଯୁକ୍ତ ଉପରେ ବୋଝ ଲଦିବା ଗ୍ରହଣୀୟ ନୁହେଁ’**

ମାମଲାରୁ ପ୍ରକାଶ ଯେ ଗତ ୨୦୦୨ ମସିହା ମେ’ ୨୮ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ସାରୁ ଗ୍ରାମର ଗୁଣିଆ ନଟବର ଗୌଡ଼ଙ୍କୁ ଲାଠିରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବାବୁ ଦାସ ନିଜ ପରିବାର ଉପରେ ଗୁଣି ଗାରେଡ଼ି ସନ୍ଦେହ କରି ଏହି ହତ୍ୟାକାଣ୍ଡ ଭିଆଇଥିବା ପ୍ରସିକ୍ୟୁସନ ଦାବି କରିଥିଲା। ୩୧ ଅକ୍ଟୋବର ୨୦୦୩ରେ ଛତ୍ରପୁର ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ତରଫରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା। ପ୍ରସିକ୍ୟୁସନର ସମସ୍ତ ପ୍ରମାଣ ସନ୍ଦେହଘେରରେ ଥିବାରୁ, ଆଇନର ‘ବେନିଫିଟ୍ ଅଫ୍ ଡାଉଟ୍’ ବା ସନ୍ଦେହର ଲାଭ ଅଭିଯୁକ୍ତଙ୍କ ସପକ୍ଷରେ ଯିବା ଉଚିତ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏହି ଆଧାରରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

## ■ ଜଷ୍ଟିସ ନାଇଡୁ କମିସନ ରିପୋର୍ଟ ଗାଏବ୍ ଘଟଣା
# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

କଟକ,୨୪।୬(ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ଜଷ୍ଟିସ ଏ.ଏସ.ନାଇଡୁ ତଦନ୍ତ କମିସନଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ଘଟଣାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ତେବେ ଏହି ମାମଲାରେ ଜଷ୍ଟିସ ନାଇଡୁ କମିସନଙ୍କ ରିପୋର୍ଟ ଗାଏବ ପ୍ରସଂଗକୁ ନେଇ ଆଇନଜୀବୀ ତଥା ଆବେଦନକାରୀ ଇଂ ଦେବାଶିଷ ହୋତା ହାଇକୋର୍ଟରେ ଏକ ଅନ୍ତରୀଣ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କନ୍ଧମାଳର ଜଲେସପଟା ଆଶ୍ରମରେ ଭିଏଚପି ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ୪ଜଣ ଅନୁଗାମୀଙ୍କ ୨୦୦୮ ମସିହାରେ ହୋଇଥିବା ନିର୍ମମ ଓ ସୁଚିନ୍ତିତ ହତ୍ୟାକାଣ୍ଡର ତଦନ୍ତ ପାଇଁ ବିଶେଷ ଭାବେ ଜଷ୍ଟିସ ଏ.ଏସ.ନାଇଡୁ କମିସନ ଗଠନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କମିସନର ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୧୬ରେ ସିଏମଓକୁ ପଠାଯାଇଥିଲା। ଏବେ ସେହି ରିପୋର୍ଟ ମିଳୁ ନଥିବା ନେଇ କ୍ୟାପିଟାଲ ଥାନାରେ ଗତ ୨୦ ଜୁନ୍‌ରେ ଏକ ଅପରାଧିକ ମାମଲା ରୁଜୁ କରିଛି। ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ସଂସ୍ଥା ମାଧ୍ୟମରେ ଏହାର ତଦନ୍ତ ଆବଶ୍ୟକତା ରହିଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

# ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ମୃତ

କେନ୍ଦୁଝର, ୨୪।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ମୋଟ ୮ରେ ପହଞ୍ଚିଛି। ବୁଧବାର ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରମିକମାନେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ କାମ କରୁଥିଲେ। କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କ ମୃତ୍ୟୁ ସୂଚନା ମିଳିଥିଲା। ଏହି ଘଟଣାରେ ଆଉ ଜଣଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ବିଏସ୍-୬...

ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ନିର୍ଗତ କରନ୍ତି। ଏହି କାରଣରୁ ସେଗୁଡିକ ପାଇଁ ନିୟମ କୋହଳ କରାଯାଇପାରେ। ତେବେ ନିୟମାବଳୀ ଅନୁଯାୟୀ ପିୟୁସିସି ନ ଥିଲେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ହୋଇପାରେ।

### କୋଲକାତାରେ ନିର୍ମାଣାଧୀନ...

ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଉଦ୍ଧାର କରାଯାଇ ଏସଏସକେଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରାୟ ୧୨ ରୁ ୧୫ ଜଣ ଏବେ ମଧ୍ୟ ଫସି ରହିଥିବା ଆଶଙ୍କା କରାଯାଉଛି।

ଉଦ୍ଧାରକାରୀ ଦଳ ଅନୁଯାୟୀ, ଭଗ୍ନସ୍ତୂପ ତଳୁ ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଆର୍ତ୍ତନାଦ ଶୁଣାଯାଉଛି। କିଛି ଶ୍ରମିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଛି ଏବଂ ସେମାନଙ୍କୁ ପାଇପ୍ ଜରିଆରେ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଉଛି। ଗ୍ୟାସ କଟର ଏବଂ ଡ୍ରିଲିଂ ମେସିନ ସାହାଯ୍ୟରେ କଂକ୍ରିଟ ସ୍ଲାବ୍ କାଟି ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରାଥମିକ ତଦନ୍ତରୁ ବିଲ୍ଡିଂ ପ୍ଲାନରେ ତ୍ରୁଟି ଏବଂ ନିର୍ମାଣ ସାମଗ୍ରୀର ନିମ୍ନମାନର ଗୁଣବତ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ କୋଲକାତା ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବ୍ୟବସାୟିକ ପ୍ରକଳ୍ପର ସୁରକ୍ଷା ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧ ପର୍ଯ୍ୟନ୍ତ କୌଣସି ନୂତନ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ଅନେକ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସରିଲା ତଦନ୍ତ...

ପଡ଼ିଛନ୍ତି। ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦାନା ବାନ୍ଧିଥିବାବେଳେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଅପେକ୍ଷା କରିଛନ୍ତି।

ବିଶେଷକରି ପୁସ୍ତକ ପାଠ୍ୟକ୍ରମ ପ୍ରସ୍ତୁତି ଓ ସମୀକ୍ଷା ପାଇଁ ଗଠିତ ୨୪ ଜଣିଆ କୋର୍ କମିଟି ସଦସ୍ୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଛି। ଏହାସହ ଓସେପା, ଏସ୍‌ସିଇଆର୍‌ଟି ଓ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟର କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା ରହିଛି। ରାଜ୍ୟ ସମେତ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ପ୍ରସଙ୍ଗରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେବାକୁ ଚାରିଆଡୁ ଚାପ ମଧ୍ୟ ବଢ଼ିବାରେ ଲାଗିଥିବାରୁ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠାରୁ ବଡ଼ ପ୍ରଶ୍ନବାଚୀ ହେଲା, ତଦନ୍ତ ସରିଥିଲେ ମଧ୍ୟ ରିପୋର୍ଟକୁ ସରକାର ସାର୍ବଜନୀନ କରିବେ ନା ବଡ଼ବଡ଼ିଆ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି।

### ପୁଅ ମୃତ...

ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପାଟପୁର ପୋଲିସ ଆହତ ଓ ମୃତକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଘଟଣା ସ୍ଥଳରେ ପାଟପୁର ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ସନ୍ତୋଷ ଦାସ ଘରେ ବାଣ ତିଆରି କରି ବିକ୍ରି କରୁଥିବା ବେଳେ ବାଣ ଭିଡୁଥିବା ସମୟରେ ଏଭଳି ଘଟଣା ଘଟିଥିବା ଗ୍ରାମରେ ଆଲୋଚନା ହେଉଛି।

### ଇଂରାଜୀ ବହିକୁ...

ବସ୍ତ୍ରହରଣ କରିଥିବା ବି ଲୋକମାନେ କଟାକ୍ଷ କରିଛନ୍ତି।

ଗୁରୁବାର ଦିନ ତମାମ୍ ସାମାଜିକ ଗଣମାଧ୍ୟମରେ ଇଂରାଜୀ ବହିରେ ରଜଦୋଳି ଗୀତର ଭିଡିଓ ଭାଇରାଲ୍ ହୋଇଛି। ଜଣେ ଶିକ୍ଷୟତ୍ରୀ ଭିଡିଓକୁ ପ୍ରସ୍ତୁତ କରିଥିବା କୁହାଯାଉଛି। ଇଂରାଜୀ ପୁସ୍ତକରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ସେ କିପରି ପଢ଼ାଇବେ ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚମ ଶ୍ରେଣୀର ଇଂରାଜୀ ପୁସ୍ତକ ‘ପଲ୍ଲବୀ’ ର ମଧ୍ୟ ଭାଗରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ଲେଖା ହୋଇଥିବା ଲୋକଲୋଚନକୁ ଆସିବା ପରେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ହୋଇଛି। ଇଂରାଜୀରେ ଲେଖାଯାଇଥିବା ଏନ୍‌ସିଇଆର୍‌ଟି ପୁସ୍ତକକୁ ଏଆଇ ଉପଯୋଗ କରି ଓଡ଼ିଆରେ ଅନୁବାଦ କରାଯାଇଥିବାରୁ ମାଳମାଳ ବନାନ୍ ଓ ବାକ୍ୟ ଭୁଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଇଂରାଜୀ ବହିରେ ଓଡ଼ିଆ କିପରି ପ୍ରବେଶ କଲା? ଏହା ତ ଏଆଇ ର ଅବଦାନ ହୋଇ ନ ଥିବ! ଏପରି ଗୁରୁଚଣ୍ଡାଳ ତ୍ରୁଟି କେବଳ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମାନୀ ଓ ଖାମଖିଆଲ୍ ନୀତି ଦ୍ୱାରା ହିଁ ସମ୍ଭବ। ରାଜ୍ୟର ପ୍ରାୟ ୫୭ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ସହ ଖେଳିଥିବା ଏହି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ଦାବି ଜୋର୍ ଧରିଛି। ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି କରିଥିବା ସମସ୍ତ ବରିଷ୍ଠ ଓ ଅଭିଜ୍ଞ (!) ଶିକ୍ଷାବିତ ଏବଂ ଅଧିକାରୀଙ୍କ ଠାରୁ ମୁଦ୍ରଣ ବାବଦକୁ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ଭରଣା କରିବାକୁ ଦାବି ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଆବାଳବୃଦ୍ଧବନିତା ସରକାରଙ୍କ ଏପରି ତ୍ରୁଟିକୁ ଅକ୍ଷମଣୀୟ କହିବା ସହ କଠୋର ସମାଲୋଚନା ଜାରି ରଖିଛନ୍ତି।

### ସାମୁଦ୍ରିକ ବାଣିଜ୍ୟ...

ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ ‘ସାଗର’, ‘ଆକ୍ଟ ଇଷ୍ଟ ପଲିସି’, “ବିମଷ୍ଟେକ’ ଏବଂ ‘କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩’ ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ମୁଁ ମାନିବାକୁ...

ଆଲୋଚନା ଚଳାଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ ଉପରେ ଚାପ ସୃଷ୍ଟି କରିଛି। ସିନେଟର ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି ଏବଂ ଏହା କାର୍ଯ୍ୟକାରୀ ହେବା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଦାବି କରାଯାଇଛି। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରସଙ୍ଗଟି ଆଗକୁ ଏକ ଆଇନଗତ ଲଢେଇର ରୂପ ନେଇପାରେ। ଶେଷରେ ନ୍ୟାୟାଳୟ ଦ୍ୱାରା ହିଁ ଏହାର ସମାଧାନ ହେବର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏଭଳି ପ୍ରସ୍ତାବ/ନିର୍ଦ୍ଦେଶକୁ ଅର୍ଥହୀନ ବୋଲି କହିଛନ୍ତି। ସେ ଏହାକୁ ମାନିବା ଲାଗି ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

### ହୋଟେଲ ମାଲିକଙ୍କୁ...

ଚନ୍ଦନ ସେହି ହୋଟେଲକୁ ନିଜ କବ୍‌ଜାକୁ ନେବାଲାଗି ଉଦ୍ୟମ କରୁଥିବାରୁ ମାଲିକ ପବିତ୍ରଙ୍କ ସହିତ କିଛିଦିନ ହେବ ବିବାଦ ଲାଗିରହିଥିଲା।

ପୁଲିସ ସୂତ୍ରରୁ ପ୍ରକାଶ ଯେ ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲରେ ରହୁଥିବା କିଛି ଯାତ୍ରୀଙ୍କ ଫୋନ୍ ପରେ ପବିତ୍ର ହୋଟେଲକୁ ଯାଇଥିଲେ। ମ୍ୟାନେଜର ଏବଂ କିଛି କର୍ମଚାରୀ ଆବଶ୍ୟକ ସେବା ଦେଉ ନ ଥିବା ଅଭିଯୋଗ କରିଥିଲେ କିଛି ଯାତ୍ରୀ। ଫଳରେ ମାଲିକ ପବିତ୍ର ମ୍ୟାନେଜର ଚନ୍ଦନକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଚନ୍ଦନ ନିଜ ପାଖରେ ରଖିଥିବା ଏକ ଛୁରୀରେ ପବିତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ପବିତ୍ରଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବଳିଆପଣ୍ଡା ଥାନା ପୁଲିସ। ମୁଖ୍ୟ ଅଭିଯୁକ୍ତ ସେହି ହୋଟେଲର ମ୍ୟାନେଜର ଚନ୍ଦନ ଜାଣିବା ପରେ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା ମାତା ମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚି ରହିଛି ଚନ୍ଦନ। ସେଠାରେ ପୁଲିସ ପହଞ୍ଚିବା ପରେ ଚନ୍ଦନ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଗୁଳିରେ ଆହତ ହୋଇଥିଲା। ଚନ୍ଦନର ବାମପଟ ଗୋଡ଼ରେ ପୁଲିସର ଗୁଳି ବାଜିଥିବା ବେଳେ ତାକୁ ଚିକିତ୍ସା ପାଇଁ ପ୍ରଥମେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ଏବଂ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଚନ୍ଦନକୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଆଉ କିଛି ବ୍ୟକ୍ତି ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

### ଜେଲ୍‌ବାବୁଙ୍କୁ ବାନ୍ଧିବ...

ଆଉଟ୍ ରେଜିଷ୍ଟରରେ ଶ୍ରୀ ରାଉଳ କରିଥିବା ଦସ୍ତଖତର ସମୟ ମେଳ ଖାଉ ନାହିଁ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଶ୍ରୀ ରାଉଳ ରେଜିଷ୍ଟରରେ ଦସ୍ତଖତ ଜାଲିଆତି ଭଳି ସାଙ୍ଘାତିକ ଭୁଲ୍ କରିଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ମୁଖ୍ୟ ୱାର୍ଡର ଓ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ବରିଷ୍ଠ ଅଧୀକ୍ଷକଙ୍କ ଦେହରେ ଧୂଳି ଲାଗିନଥିଲା।

ଇଏ କେବଳ ଦୁଇଟି ଘଟଣା ନୁହେଁ, ଏପରି ଅନେକ ଉଦାହରଣ ମଧ୍ୟ ରହିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ପୁଲିସ ଅପବାଦ ମୁଣ୍ଡାଇଥିବା ବେଳେ ଅପାରଗ ଅଧିକାରୀଙ୍କ ଲାଗି ସୁରକ୍ଷା ତ୍ରୁଟି ଜେଲ୍ ବିଭାଗ ମଧ୍ୟ ବଦନାମ ହେଉଛି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜେଲରେ ସୁରକ୍ଷା ଜନିତ ତ୍ରୁଟି ଠାରୁ ଆରମ୍ଭ କରି ବିଭିନ୍ନ ବିଶୃଙ୍ଖଳା ଲାଗି ରହିଛି। ତଳତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏହି ଧାରା ବଢ଼ିବାରେ ଲାଗିଛି।

**KASTURBA GANDHI BALIKA VIDYALAYA, KOTANA**
Kotana, Block-Jharbandh, Dist-Bargarh, PIN-768042
Letter No.: 301, Date: 24.06.2026

**SHORT TENDER CALL NOTICE**

Sealed Tenders are invited from the registered/reputed firms and manufacturers having valid PAN and valid Goods and Service Tax (GST) Registration Certificate for supply of the following items like Grocery, Cosmetics, Dress Material, Course Books, Medicines, Non-Veg Items, Milk Products, Toilet Items, Vegetables and Fruits to Kasturba Gandhi Balika Vidyalaya, Kotana, Block-Jharbandh, Dist-Bargarh, PIN-768042 for the year 2026-27.
The last date for receipt of tender forms is **09.07.2026 at 4.00 PM.**
For further details, interested parties may contact the undersigned during office hours.

Sd/- Headmistress-cum-Convener
KGBV, Kotana, Bargarh.

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul
**TENDER CALL NOTICE FOR SUPPLY OF CALIBRATED BLOOD COLLECTION DRAPES**
No: 1844Date: 22/06/2026

10001/304/2627

Sealed Tenders are invited from the interested firms / agencies / organization for SUPPLY OF CALIBRATED BLOOD COLLECTION DRAPES for Angul district and details of terms and conditions are available in Angul district website i.e. **https://angul.odisha.gov.in.** Interested firms/agencies/organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 on or before **15.07.2026 (till 11:00 AM)** through Registered Post/Speed Post/Courier only.The authority reserves all the rights to cancel or reject partially or all tender without assigning any reason thereof.

Sd/-
CDM & PHO-cum-District Mission Director, Angul
OIPR-10001/10142/1/26-27/0009

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୮୮ - ଭର୍ଜିନିଆ ଆମେରିକୀୟ ସମ୍ବିଧାନକୁ ଆପଣାଇବାରେ ୧୦ମ ରାଜ୍ୟ ହେଲା।
- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳିନ ପରିସ୍ଥିତି ଘୋଷଣା କରାଗଲା।




## ଛଅ ପ୍ରକାର ବାଦ୍ୟଯନ୍ତ୍ରରେ ନଦୀ ସୁରକ୍ଷା ବାର୍ତ୍ତା

ଆଜିକାଲି ସମସ୍ତେ ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ପାଇଁ ଭିଡିଓ ବନାଉଥିବା ବେଳେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ସଙ୍ଗୀତକୁ ନଦୀମାନଙ୍କର ସ୍ୱରଭାବେ ଉପସ୍ଥାପିତ କରୁଛନ୍ତି। ତାଙ୍କର ଏହି ଶୈଳୀ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ପୁନେର ସ୍ୱପ୍ନିଲ ଠାକୁର ଏକାକାଳୀନ ୧୪ କିଲୋ ବାଦ୍ୟଯନ୍ତ୍ର ବଜାଇ ନଦୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆଇଟି ଇଞ୍ଜିନିୟର୍‌ରୁ ପରିବେଶ ସଚେତନତା ଅଭିଯାନ ଚଳାଉଥିବା ସ୍ୱପ୍ନିଲ ଏବେ ଚର୍ଚ୍ଚାରେ ଅଛନ୍ତି। ସେହିପରି ଇନ୍‌ଷ୍ଟାରେ ସେ ସ୍ୱପ୍ନିଲ ନଦୀୱାଲା ନାଁରେ ଲୋକପ୍ରିୟ। ସେ ଏକାକାଳୀନ ୬ ଅଲଗା ଅଲଗା ବାଦ୍ୟଯନ୍ତ୍ର ବଜାନ୍ତି। ସେ ଏମିତି ଶୈଳୀରେ ବଜାନ୍ତି ଯେ, ଶୁଣିବା ଲୋକେ ପୂରା ଅର୍କେଷ୍ଟ୍ରା ବଜାଇବା ଭଳି ଅନୁଭବ କରନ୍ତି। ସ୍ୱପ୍ନିଲ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଏକ ଗୁରୁତର ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ଏହି ଘଟଣା ପରେ ସେ ହାର୍ ମାନିବା ପରିବର୍ତ୍ତେ ଜୀବନକୁ ଏକ ନୂଆ ଉଦ୍ଦେଶ୍ୟ ଲାଗି ସମର୍ପଣ କଲେ। ଏବେ ସେ ପୁନେ ରାଜରାସ୍ତାରେ ପ୍ରାୟ ୧୪ କେଜି ଓଜନର ବାଦ୍ୟଯନ୍ତ୍ର ସହିତ ଗୀତ ଗାଆନ୍ତି ଏବଂ ଲୋକଙ୍କୁ ନଦୀ ବଞ୍ଚାଇବାର ବାର୍ତ୍ତା ଦେଉଛନ୍ତି। ସେ ବିଶ୍ୱାସ କରନ୍ତି, ନଦୀ କେବଳ ଏକ ଜଳ ସ୍ରୋତ ନୁହେଁ, ବରଂ ଜୀବନର ଆଧାର। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ପରିବେଶ ସଂରକ୍ଷଣ ଏବଂ ଜଳ ସ୍ରୋତର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ପିଠିରେ ୧୪ କିଲୋର ବୋଝ, ହାତରେ ଛଅଟି ବାଦ୍ୟଯନ୍ତ୍ର ଏବଂ ହୃଦୟରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଲୋକମାନଙ୍କ ପାଖରେ ଏହି ସନ୍ଦେଶ ପହଞ୍ଚାଇବା ଯେ, ଆମ ନଦୀଗୁଡ଼ିକ ବିପଦରେ ଅଛି। ଏବେ ତାଙ୍କର ଏହି ନିଆରା ଶୈଳୀ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲୋକମାନେ ତାଙ୍କର ଏହି ଆଗ୍ରହ ଓ ସାହସକୁ ମଧ୍ୟ ପ୍ରଶଂସା କରୁଛନ୍ତି।

## ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର





ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ବକ୍ସ ଅଫିସ୍‌ର ସବୁଠୁ ଦାମୀ ଅଭିନେତା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରଣବୀର ଗୋଟିଏ ପ୍ରୋଜେକ୍ଟରୁ ପାଖାପାଖି ୩୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତରେ କୌଣସି ଅଭିନେତାଙ୍କୁ ଗୋଟିଏ ପ୍ରୋଜେକ୍ଟ ପାଇଁ ଏହା ମିଳିଥିବା ସର୍ବାଧିକ ଅର୍ଥରାଶି ବୋଲି କୁହାଯାଉଛି। ଏହା ମାଧ୍ୟମରେ ସେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଛନ୍ତି। ରଣବୀରଙ୍କୁ ଏହି ଅର୍ଥ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସିରିଜ୍‌ରୁ ମିଳିଛି। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହି ଦୁଇଟି ଫିଲ୍ମ ମିଶି ସାରା ବିଶ୍ୱରେ ପାଖାପାଖି ୩୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ କେବଳ ଭାରତୀୟ ବଜାରରୁ ହିଁ ଏହା ୧୯୦୦ କୋଟିରୁ ଅଧିକ ଟଙ୍କା ଆୟ କରିଛି। ତେବେ ରଣବୀର ଏହି ପ୍ରୋଜେକ୍ଟ ପାଇଁ କୌଣସି ମୋଟା ଅଙ୍କର ଫିସ୍ ମଧ୍ୟ ନେଇ ନ ଥିଲେ। ପ୍ରତିବଦଳରେ ପ୍ରଫିଟ୍ ଶେୟାରିଂ ବିକଳ୍ପ ବାଛିଥିଲେ। ଏହା ସହିତ ଫିଲ୍ମର ବଜେଟ୍ ବଢ଼ିବା ଯୋଗୁଁ ସେ ନିଜ ଆଡ୍ରୁ ମଧ୍ୟ କିଛି ଅର୍ଥ ବିନିଯୋଗ କରିଥିଲେ, ଯାହାଫଳରେ ତାଙ୍କର ଫିଲ୍ମର ଲାଭରେ ଅଂଶୀଦାର ଆହୁରି ବଢ଼ିଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ରଣବୀରଙ୍କ ପୂର୍ବରୁ ରଜନୀକାନ୍ତଙ୍କ ନାମ ସବୁଠାରୁ ଆଗରେ ଥିଲା। ରଜନୀକାନ୍ତ 'ଜେଲର୍' ଚଳଚ୍ଚିତ୍ରରୁ ୨୫୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲେ। ଏହା ସହିତ ଅଲ୍ଲୁ ଅର୍ଜୁନ ଏବଂ ପ୍ରଭାସ ମଧ୍ୟ ନିଜ ନିଜ ଚଳଚ୍ଚିତ୍ର ଦ୍ୱାରା ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିସାରିଛନ୍ତି। ଏବେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ବି ଫିସ୍ ନ ନେଇ ପ୍ରଫିଟ୍ ସେୟାରିଂରେ ଭାଗୀଦାର ହେଉଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହେଲା, କଳାକାର ଜଣକ ତାଙ୍କର ପାରିଶ୍ରମିକ ହରାଇ ବସନ୍ତି।

## ଠିଆଠିଆରେ ବାରବର୍ଷ

ଭାରତରେ ସାଧୁସନ୍ଥମାନଙ୍କର ତପସ୍ୟା ଏବଂ ତ୍ୟାଗର କାହାଣୀ ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ଆକର୍ଷିତ କରିଆସିଛି। ଏହି କ୍ରମରେ ସୋସିଆଲ ମିଡିଆରେ ଏମିତି ଜଣେ ସାଧୁଙ୍କ କାହାଣୀ ଚର୍ଚ୍ଚାରେ ଅଛି, ଯିଏ ନିଜର ଅନନ୍ୟ ସାଧନା ଯୋଗୁଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଲାଲ ଗିରି ଜୀ ମହାରାଜ ନାମକ ଜଣେ ସାଧୁ ଦୀର୍ଘଦିନ ଧରି ଠିଆ ହୋଇ ତପସ୍ୟା କରିବା ପାଇଁ ବିଶ୍ୱସ୍ତରରେ ଚର୍ଚ୍ଚାରେ ଅଛନ୍ତି। ସେ ବିଗତ ପ୍ରାୟ ୧୨ ବର୍ଷ ହେଲାଣି ଖଡ଼େଶ୍ୱରୀ ତପସ୍ୟା ମାଧ୍ୟମରେ ମହାଦେବଙ୍କ ଦିବ୍ୟ ଦର୍ଶନ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ବିଶ୍ୱବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ି ଆଧ୍ୟାତ୍ମିକ ମାର୍ଗ ଆପଣେଇଥିଲେ। ଭଗବାନ ଶିବଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁଁ ସେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ଜୀବନ ଗ୍ରହଣ କରିଥିଲେ। ସେ ବିଗତ ପ୍ରାୟ ୧୨ ବର୍ଷ ହେବ ଲଗାତାର ଠିଆ ହୋଇ ରହିଛନ୍ତି। ଦିନ ହେଉ କି ରାତି, ଭୋଜନ ହେଉ କି ବିଶ୍ରାମ ସବୁକିଛି ସେ ଠିଆ ହୋଇ କରୁଛନ୍ତି। ଦୀର୍ଘ ସମୟ ଧରି ଏଭଳି ଜୀବନଯାପନ କରିବା ଫଳରେ ତାଙ୍କ ପାଦରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ତାଙ୍କ ସଂକଳ୍ପ କେବେ ଦୁର୍ବଳ ହୋଇନାହିଁ। ଶୋଇବା ସମୟରେ ମଧ୍ୟ ସେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଦ୍ୱାରା ଠିଆ ହୋଇ ବିଶ୍ରାମ ନିଅନ୍ତି। ଏହି କାଠପଟା ଉପରେ ସେ ତାଙ୍କ ଶରୀରର ଅଧା ଅଂଶକୁ ଝୁଲାଇ ରଖି ବିଶ୍ରାମ ନିଅନ୍ତି। ଏତେ ବର୍ଷ ଧରି ଲଗାତାର ଭାବେ ଠିଆ ହୋଇ ରହିବା ଯୋଗୁଁ ତାଙ୍କ ଶରୀର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ତାଙ୍କର ଦୁଇଟି ଯାକ ଗୋଡ଼ ଫୁଲି କଳା ପଡ଼ି ଯାଇଛି।





## ମକାଉତ୍ପାଦରୁ ପରିବେଶ ସଚେତନତା ବାର୍ତ୍ତା



**ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନଙ୍କୁ ସ୍ୱ-ରୋଜଗାରର ଅବସର ପ୍ରଦାନ କରାଯାଉଛି। ଏହି କ୍ରମରେ ଏବେ ଉତ୍ତରାଖଣ୍ଡର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ପ୍ଲାଷ୍ଟିକ୍ ମୁକ୍ତ ହିମାଳୟ ଅଭିଯାନରେ ସାମିଲ ହୋଇ ମକା ଚୋପାରୁ ପରିବେଶ ଅନୁକୂଳ ବାଲ୍‌ଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ହିମାଳୟ ପାହାଡ଼କୁ ସ୍ୱଚ୍ଛ ରଖିବା ସହ ନିଜେ ରୋଜଗାରକ୍ଷମ ହେଉଛନ୍ତି। ଏପରି କରି ସେମାନେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଉଛନ୍ତି।**

### ମକାଚୋପାରୁ ଉତ୍ପାଦ

ଉତ୍ତରାଖଣ୍ଡ ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନରେ ଯୋଡ଼ି ହୋଇ ମହିଳାମାନେ ମକା ଚୋପାକୁ ବ୍ୟବହାର କରି ପରିବେଶ ଅନୁକୂଳ ବାଲ୍‌ଟି ସମେତ ଅନ୍ୟାନ୍ୟ ଜିନିଷ ତିଆରି କରନ୍ତି। ଏହାକୁ ତୀର୍ଥଯାତ୍ରୀମାନେ ପ୍ରସାଦ ରଖିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରିଥାନ୍ତି। ଏଥିସହ ମହିଳାମାନେ ସୁନ୍ଦର ସୁନ୍ଦର ଥାଳି ମଧ୍ୟ ତିଆରି ଥାନ୍ତି। ଏଥିରେ ଭଳିକି ଭଳି ଡିଜାଇନ୍ କରିବା ସହ ଯମୁନା ନଦୀର କଳାକୃତି କରିଥାନ୍ତି। ଏହାଦ୍ୱାରା ସ୍ଥାନୀୟ କଳା ଏବଂ ସଂସ୍କୃତିକୁ ଏକ ନୂଆ ବଜାର ମିଳିଛି।



### ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ତୀର୍ଥଯାତ୍ରୀଙ୍କ ଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା। କାରଣ ଏଠାକୁ ଅଧିକ ସଂଖ୍ୟାର ତୀର୍ଥଯାତ୍ରୀ ଆସୁଥିବାରୁ ଏହି ସ୍ଥାନରେ ପଲିଥିନ୍ ସହ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକର ଆବର୍ଜନା ବୃଦ୍ଧି ପାଏ। ଏହା ମାଟିରେ ପଡ଼ି ରହି ମୃତ୍ତିକା ପ୍ରଦୂଷଣ କରିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ମହିଳାମାନେ ଏଭଳି ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

### ବଢ଼ୁଛି ଲୋକପ୍ରିୟତା

ସ୍ୱୟଂ ସହାୟକ ଗୋଷ୍ଠୀର ପୁନମ୍ ବଧାନୀଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସୀମିତ ସଂସାଧନ ଥିଲା। ହେଲେ ସମୟ କ୍ରମେ ମିଶନରେ ଯୋଡ଼ି ହେବା ପରେ ସେମାନଙ୍କୁ ରୋଜଗାରର ଅନେକ ପନ୍ଥା ମିଳିଛି। ମହିଳାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଏହି ହାତ ତିଆରି ଜିନିଷ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଡ଼ି ହେବା ପରେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

### ବେକରୀ ଉତ୍ପାଦରୁ ମିଳିଛି ପରିଚୟ

ବିକାଶ ଖଣ୍ଡ ନୌଗାଁଆର ମହିଳାମାନେ ବେକରୀ ଉଦ୍ୟୋଗରୁ ମଧ୍ୟ ଭଲ ଆୟ କରୁଛନ୍ତି। ମହିଳାମାନେ ମାଣ୍ଡିଆରୁ ବିସ୍କୁଟ୍, ମଲ୍‌ଟିଗ୍ରେନ୍ ଅଟା କ୍ରିମ ରୋଲ୍ ସମେତ ଅନ୍ୟାନ୍ୟ ଜିନିଷ ତିଆରି କରୁଛନ୍ତି। ଗୋଷ୍ଠୀର ମହିଳା କୃଷ୍ଣାଦେବୀଙ୍କ କହିବାନୁଯାୟୀ ଏହାଦ୍ୱାରା ପରିବାରର ଆୟ ବଢ଼ିବା ସହ ନିଜେ ନିଷ୍ପତ୍ତି ନେବା ସକ୍ଷମ ବୃଦ୍ଧି ପାଇଛି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

## ମାଟିହାଣ୍ଡି ନଡ଼ିଆ ମାଛ



**ଆବଶ୍ୟକ ସାମଗ୍ରୀ**

ଭାକୁର ମାଛ– ୫୦୦ ଗ୍ରାମ୍, ନଡ଼ିଆ କୋରା – ଅଧା କପ୍, ପିଆଜ - ଦୁଇ କପ୍, ଅଦା, ରସୁଣ ବଟା – ଏକ ଚାମଚ, ଜିରାଗୁଣ୍ଡ – ଅଧା ଚାମଚ, ଲଙ୍କାଗୁଣ୍ଡ– ଅଧା ଚାମଚ, ଫୁଟଣ – ଅଧା ଚାମଚ, କଞ୍ଚାଲଙ୍କା – ଦୁଇଟି, ଧନିଆ ପତ୍ର – ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମାଛରେ ହଳଦୀ, ଲୁଣ ଗୋଳାଇ ଚୁଲାରେ କଡ଼େଇ ବସାଇ ଭାଜନ୍ତୁ। ଏହାପରେ ଗରମ ପାଣିରେ କୋରା ନଡ଼ିଆ ଦେଇ ଚିପୁଡ଼ି କ୍ଷୀର ବାହାର କରନ୍ତୁ। ଆଉ ଏକ ହାଣ୍ଡି ନେଇ ତେଲ, ଫୁଟଣ, ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇ ଆସିଲେ ଏଥିରେ ଅଦାରସୁଣ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଦେଇ କଷନ୍ତୁ। ପରେ ନଡ଼ିଆ କ୍ଷୀର ଦେଇ ଫୁଟାନ୍ତୁ। ଝୋଳ ଫୁଟିଆସିଲେ, ଭଜାମାଛ ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ନଡ଼ିଆ ମାଛ'।

## ଲୋଫା ବ୍ୟବହାର କରୁଥିଲେ...

ଅଧିକାଂଶ ମହିଳା ଗାଧୋଇବାରେ ଲୋଫା ବ୍ୟବହାର କରିଥାନ୍ତି। ଏହା ଶରୀରରେ ଥିବା ମଇଳାକୁ ସଫା କରି ଏକ ସତେଜ ଅନୁଭୂତି ଦେଇଥାଏ। ହେଲେ ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ମଇଳା ଜମିଯାଏ। ତେଣୁ ଏହାକୁ ମଝିରେ ମଝିରେ ସଫା କରିବା ଜରୁରି।

- ଗାଧୋଇବା ପରେ ଲୋଫାକୁ ଭଲରେ ଧୁଅନ୍ତୁ। ଏହାକୁ ଚିପୁଡ଼ି ଶୁଖାଇବା ଜରୁରି।
- ବାଥ୍‌ରୁମ୍ ବାହାରେ ଏହାକୁ ଖୋଲା ସ୍ଥାନରେ ଶୁଖାନ୍ତୁ।
- ସପ୍ତାହକୁ ଥରେ ଏହାକୁ ନଖ ଉଷୁମ ପାଣିରେ ଧୁଅନ୍ତୁ।
- ସେହିପରି ଚାହିଁଲେ ନଖ ଉଷୁମପାଣିରେ ବୁଡ଼ାଇ ଏଥିରେ ଥିବା ଜୀବାଣୁଙ୍କୁ କମ୍ କରାଯାଇପାରିବ।
- ସେହିପରି ଦୁଇ, ଚାରି ସପ୍ତାହରେ ନିଜର ଲୋଫା ବଦଳାନ୍ତୁ।
- ସମ୍ବେଦନଶୀଳ ତ୍ୱଚା, ଏକ୍‌ଜିମା, ବ୍ରଣ ଆଦି ଥିଲେ ଏହା ବ୍ୟବହାର ନ କରିବା ଭଲ।



**ଅଧିକାଂଶ ମହିଳା ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ରିଚ୍ ଲୁକ୍ ମିଳିଥାଏ ବୋଲି ଅନେକ ଭାବନ୍ତି। ହେଲେ, କିଛି ସହଜ ଉପାୟ ଆପଣାଇ ସାଧାରଣ ପୋଷାକରୁ ମଧ୍ୟ ରିଚ୍ ଲୁକ୍ ପାଇପାରିବେ।**

### ଫିଟିଙ୍ଗ୍‌ର ଧ୍ୟାନ

ଦାମୀ ହେଉ ବା ଶସ୍ତା ପୋଷାକର ଫିଟିଙ୍ଗ୍ ମୁଖ୍ୟ ହୋଇଥାଏ। ତେଣୁ ନୂଆ ପୋଷାକ କିଣିଲେ ପ୍ରଥମେ ଏହାକୁ ନିଜ ଶରୀରରେ ଅନୁସାରେ ଫିଟିଙ୍ଗ୍ କରିବା ଜରୁରି। ଏହାକୁ ଅଧିକ ଢିଲା କିମ୍ବା ଟାଇଟ୍ କରନ୍ତୁନି।

### ରଙ୍ଗଚୟନ

ଯେକୌଣସି ପୋଷାକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ମୁଖ୍ୟଭୂମିକା ନିଭାଇଥାଏ। ଏଥିପାଇଁ ପୋଷାକ ପିନ୍ଧିବା ପୂର୍ବରୁ କେଉଁ ରଙ୍ଗ ମାନିବ ତାକୁ ଧ୍ୟାନ ଦିଅନ୍ତୁ। ସାଧାରଣତଃ କଳାଧଳା କମ୍ବିନେସନ୍ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ନୀଳ ଏବଂ ନାଲି ରଙ୍ଗ ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶେ।

### ଆକର୍ଷଣୀୟ ଗହଣା ପିନ୍ଧନ୍ତୁ

ଓଜନିଆ ଅଳଙ୍କାର ପିନ୍ଧିବା ପରିବର୍ତ୍ତେ ମିନିମାଲିଷ୍ଟ ଅଳଙ୍କାର ପିନ୍ଧନ୍ତୁ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିପାଇଁ ପତଳା ଚେନ୍, ବ୍ରେସ୍‌ଲେଟ୍ ଏବଂ ରିଙ୍ଗ କାନଫୁଲ ପିନ୍ଧିପାରିବେ। ଅବଶ୍ୟ ଚାହିଁଲେ, ହାଲୁକା ମୁଦି ମଧ୍ୟ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ।

## କେଶମୂଳର ଯତ୍ନ

**ଧୂଳି, ମାଟି ଏବଂ ରାସାୟନିକ ପ୍ରସାଧନ ବ୍ୟବହାର ଦ୍ୱାରା କେଶମୂଳରେ ମଇଳା ଜମି ରହେ। ଏପରି ସ୍ଥଳେ ସ୍କାଲ୍‌ପ ଡିଟକ୍ସ ଆବଶ୍ୟକ। ଏହା କେଶମୂଳକୁ ଗଭୀରରୁ ସଫା କରିବା ସହ କେଶ ମଜବୁତ୍ ଏବଂ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥିସହ କେଶରେ ରକ୍ତ ସଞ୍ଚାଳନ ଉନ୍ନତ କରିଥାଏ। ତେବେ ଘରେ କିପରି ସ୍କାଲ୍‌ପ ଡିଟକ୍ସ କରିବେ ଜାଣନ୍ତୁ।**

### ଆପଲ୍ ସାଇଡ୍ ଭିନେଗାର୍

ଏହା ଏକ ପ୍ରାକୃତିକ କ୍ଲିନ୍‌ଜର୍ ଭଳି କାର୍ଯ୍ୟ କରିଥାଏ। ଏକ କପ୍ ପାଣିରେ ଦୁଇଚାମଚ ଆପଲ୍ ସାଇଡ୍ ଭିନେଗାର ନେଇ କେଶରେ ଲଗାଇ କିଛି ସମୟ ରଖି ସଫା କରନ୍ତୁ। ଏହା କେଶମୂଳରେ ଜମିଥିବା ମୃତକୋଷ, ଅପରିଷ୍କାର କାଢ଼ିବାରେ ସହାୟକ ହୋଇଥାଏ।

### ନିମ୍ବ ତୁଳସୀ ମାସ୍କ

ନିମ୍ବ ଏବଂ ତୁଳସୀ କେଶମୂଳ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ୍ ଗୁଣ ଥାଏ। ଯାହା କେଶମୂଳକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏଥିପାଇଁ ତୁଳସୀ, ନିମ୍ବପତ୍ର ଗ୍ରାଇଣ୍ଡିଂ କରି କେଶରେ ଲଗାନ୍ତୁ। ଲଗାଇବାର ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ଟି –ଟ୍ରି ଅଏଲ୍ ମସାଜ୍

ଟି ଟ୍ରି ଅଏଲ୍ କେଶମୂଳକୁ ସଫା ରଖିବାରେ ସହାୟକ ହୋଇଥାଏ। ଏହାକୁ ନଡ଼ିଆ କିମ୍ବା ବାଦାମ ତେଲରେ ମିଶାଇ ଲଗାଇପାରିବେ।

ସକାଳ THE SAKALA
www.sakalaepaper.com






# ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଲା ଘାନା

ଫକ୍ସବରୋ,୨୪।୬(ଏଜେନ୍ସି)

ଶକ୍ତିଶାଳୀ ତଥା ଟାଇଟଲର ଅନ୍ୟତମ ଆଶାୟୀ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଛି ଘାନା। ବୋଷ୍ଟନ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍-ଏ'ର ଏକ ଲିଗ୍ ମୁକାବିଲାରେ ଏହା ଦେଖିବାକୁ ମିଳିଛି। ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉପଭୋଗ୍ୟ ହୋଇଥିଲା। ଉଭୟ ଦଳର ରକ୍ଷଣଭାଗ ଏତେ ଶକ୍ତିଶାଳୀ ଥିଲେ, ଯେ ଗୋଲ ଦେବା ତ ଦୂରର କଥା, ଗୋଲ ପୋଷ୍ଟ ଉପରେ କେହି ଠିକ୍‌ରେ ଆକ୍ରମଣ କରିବାରେ ସମର୍ଥ ହୋଇ ନ ଥିଲେ। ଉଭୟ ଦଳର ରଣକୌଶଳ ଏହି ମ୍ୟାଚ୍‌ରେ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ବିଶେଷକରି ଘାନା ଗୋଲ ରକ୍ଷକ ବେଞ୍ଜାମିନ ଆସାରେଙ୍କ ପ୍ରଦର୍ଶନ ସବୁଠାରୁ ଆକର୍ଷୀୟ ହୋଇଥିଲା। ସେ ବିଶ୍ୱର ଦୁଇ ପ୍ରସିଦ୍ଧ ଫରୱାର୍ଡ ଖେଳାଳି ଇଂଲଣ୍ଡର ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଗୋଟିଏ ହେଲେ ସଟ୍‌କୁ ପୋଷ୍ଟ ମଧ୍ୟକୁ ଛାଡ଼ି ନ ଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କ୍ରୋଏସିଆ ୧-୦ ଗୋଲରେ ପାନାମାକୁ ପରାସ୍ତ କରିଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ଶେଷରେ ଉଭୟ ଇଂଲଣ୍ଡ ଓ ଘାନା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଗୋଲ ବ୍ୟବଧାନରେ



ଇଂଲଣ୍ଡ ନଂ-୧ ଓ ଘାନା ନଂ-୨ ସ୍ଥାନରେ ରହିଛନ୍ତି। ଶେଷରାଉଣ୍ଡ ମୁକାବିଲାରେ ଇଂଲଣ୍ଡ ସହ ପାନାମାର ଓ କ୍ରୋଏସିଆ ସହ ଘାନାର ମୁକାବିଲା ହେବ। ଏହି ଗ୍ରୁପ୍‌ରୁ ୩ଟି ଦଳ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏହି ମୁକାବିଲା ଆରମ୍ଭରୁ ଇଂଲଣ୍ଡ ଆକ୍ରମଣ କରିଥିଲା। ଘାନା ୫-୪-୧ରେ ଖେଳିଥିଲା। ଫଳରେ ଇଂଲଣ୍ଡର ଫରୱାର୍ଡ ବାହିନୀ ଘାନାର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲେ। ବିଶେଷକରି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଭଳି ଟାଣୁଆ ଫରୱାର୍ଡ ଖେଳାଳିଙ୍କୁ ଘାନା ରକ୍ଷଣଭାଗରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଇଂଲଣ୍ଡ ଦଳ ନିକଟରେ ବଲ ନିୟନ୍ତ୍ରଣ ୭୮.୮ ଶତକଡ଼ା ରହିଥିଲା। ତଥାପି ଦଳ ଗୋଲ କରି ପାରି ନ ଥିଲା। ବିଶ୍ୱକପ୍‌ରେ ଏତେ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖି ଗୋଲ କରି ନ ପାରିବାରେ ଇଂଲଣ୍ଡ ଏକ ନକରାତ୍ମକ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଉପରେ ଘାନାର ଆକମ୍ରଣ ଅତି ନଗଣ୍ୟ ରହିଥିଲା। ଦଳ ମାତ୍ର ଜଣେ ଫରୱାର୍ଡ ଖେଳାଳିଙ୍କୁ ନେଇ ସମଗ୍ର ମ୍ୟାଚ୍‌ରେ ଖେଳିଥିଲା। ଦଳର କୋଚ୍ କାର୍ଲୋସ କ୍ୱିରୋଜ୍‌ଙ୍କ ରଣ କୌଶଳ ଆଗରେ ଗୋଲ ଦେବାରେ ଫେଲ ମାରିଥିଲା ତାରକା ଖଚିତ ଇଂଲଣ୍ଡ ଦଳ। କ୍ରୋଏସିଆକୁ ୪-୨ ଗୋଲରେ ହରାଇବା ପରେ ଇଂଲଣ୍ଡ ଏହି ମୁକାବିଲାକୁ ଜିତି ଆଗୁଆ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିବାକୁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ଘାନାର ଡିଫେନ୍ସ କରିବାକୁ ଦେଇ ନ ଥିଲା। ଦଳର ଗୋଲରକ୍ଷକ ବେଞ୍ଜାମିନ ଆସାରେ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରି କେନ୍-ବେଲିଂହାମ-ଗର୍ଡନ-ରାଶଫୋର୍ଡଙ୍କ ଆକ୍ରମଣକୁ ଅଟକାଇବାରେ ସଫଳ ହୋଇଥିଲେ।

## ୬ଟି ବିଶ୍ୱକପ୍‌ରେ ଗୋଲ ଦେବାରେ ରୋନାଲ୍ଡୋ ପ୍ରଥମ

ହଷ୍ଟନ, ୨୪।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଗୋଲ ଦେବାରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୬ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଏଭଳି ରେକର୍ଡ କରିପାରି ନାହାନ୍ତି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-କେ'ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପର୍ତ୍ତୁଗାଲ ୫-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ରୋନାଲ୍ଡୋ ୨ଟି ଗୋଲ ଦେବା ଫଳରେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି ଓ ସେ ନିଜ ଦେଶର କିଂବଦନ୍ତୀ ଖେଳାଳି ୟୁସେବିଓଙ୍କ ୯ଟି ଗୋଲର ରେକର୍ଡକୁ ଅତିକ୍ରମ କରିଥିଲେ। ୪୧ ବର୍ଷ ୧୩୮ ଦିନରେ ରୋନାଲ୍ଡୋ ବିଶ୍ୱକପ୍‌ରେ ଗୋଲ ଦେବାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୪୨ବର୍ଷ ୩୯ ଦିନରେ ଗୋଲ ଦେଇଥିବା ଇଜିପ୍ଟର ରୋଜର ମିଲାଙ୍କ ନାମରେ ଏହି ରେକର୍ଡ ରହିଛି। ରୋନାଲ୍ଡୋ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ, ୨୦୧୮ରେ ୪ଟି, ୨୦୨୨ରେ ଗୋଟିଏ ଓ ଏବେ ଚାଲିଥିବା ୨୦୨୬ରେ ୨ଟି ଗୋଲ ସ୍କୋର କରିଛନ୍ତି।

## ଲୋକପ୍ରିୟତା ଶୀର୍ଷରେ କେପ୍ ଭର୍ଡର ଭୋଜିନା

ଡଲାସ,୨୪।୬(ଏଜେନ୍ସି): ଫୁଟବଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହେଉଛି ଫିଫା ବିଶ୍ୱକପ୍। ଫିଫା ପକ୍ଷରୁ



ଏଥର ଟିମ୍ ସଂଖ୍ୟା ୪୮କୁ ବୃଦ୍ଧି କରିବା ଫଳରେ ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଏହି ଦେଶ ପୂରା ଫାଇଦା ଉଠାଇ ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଏହି ଦଳକୁ ଅପରାଜିତ ରଖିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଗୋଲରକ୍ଷକ ୪୦ ବର୍ଷୀୟ ଭୋଜିନା। ଭୋଜିନାଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଯୋଗୁଁ ଦଳ ତ ଅପରାଜିତ ରହିଛି, ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୧୫.୬ ମିଲିଅନ୍‌ରେ ପହଞ୍ଚିଛି। ଫଳରେ ଚଳିତ ଫିଫା ବିଶ୍ୱକପ୍‌ରେ ସେ ସବୁଠାରୁ ଲୋକପ୍ରିୟ ତଥା ଅଧିକ ଫଲୋଅର୍ସ ଗୋଲକିପର ହୋଇଛନ୍ତି। ଜର୍ମାନୀର ଗୋଲରକ୍ଷକ ମାନୁଏଲ ନୁଏର ଏବଂ ଆମେରିକାର କିଂବଦନ୍ତୀ ଏନ୍‌ଏଫଏଲ୍ ଖେଳାଳି ଟମ୍ ବ୍ରାଡିଙ୍କୁ ପଛରେ ପକାଇଦେଇଛନ୍ତି। ତାଙ୍କ ଚମତ୍କାରିତା ଯୋଗୁଁ କେପ୍ ଭର୍ଡ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ସହ ଗୋଲଶୂନ୍ୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉରୁଗୁଏ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା।

## କ୍ରୋଏସିଆ ଆଶା ଉଜ୍ଜୀବିତ

ଟରଣ୍ଟୋ,୨୪ ।୬(ଏଜେନ୍ସି): ପାନାମାକୁ ୧-୦ ଗୋଲରେ ପରାସ୍ତ କରି କ୍ରୋଏସିଆର ଚଳିତ ଫିଫା ବିଶ୍ୱକପ୍‌ରେ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ପରେ ୨ଟି ମୁକାବିଲାରୁ କ୍ରୋଏସିଆ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏଲ'ରେ ତୃତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଘାନା ସହ ଖେଳିବ। ଦଳ ଏହି ମ୍ୟାଚ୍‌କୁ



ଡ୍ର ରଖିପାରିଲେ ନିଶ୍ଚିତ ନକ୍‌ଆଉଟରେ ପ୍ରବେଶ କରିଛ। ପ୍ରଥମ ଦୁଇଟି ସ୍ଥାନ ହାସଲ ନ କଲେ ମଧ୍ୟ ଶ୍ରେଷ୍ଠ ତୃତୀୟ ସ୍ଥାନିତ ୮ଟି ଦଳ ମଧ୍ୟରେ ରହିବ। ବିଜୟୀ କ୍ରୋଏସିଆ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଆଣ୍ଟେ ବୁଦିମିର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ଦଳ ପ୍ରଥମ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨-୪ ଗୋଲରେ ପରାଜିତ ହୋଇଥିଲା।

## କଙ୍ଗୋକୁ ହରାଇ ନକ୍‌ଆଉଟ୍‌ରେ କଲମ୍ବିଆ

ଫକ୍ସବରୋ,୨୪।୬(ଏଜେନ୍ସି): ଡାନିଏଲ୍ ମୁନୋଜଙ୍କ ଏକମାତ୍ର ଗୋଲ ବଳରେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଗ୍ରୁପ୍-କେ'ର ଏକ ଲିଗ୍ ମ୍ୟାଚ୍‌ରେ କଲମ୍ବିଆ ୧-୦ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ କଲମ୍ବିଆ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥାଇ ପ୍ରଥମେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଦଳ ତାହାର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ପର୍ତ୍ତୁଗାଲ୍‌କୁ ଭେଟିବ। ଏହି ଗ୍ରୁପ୍‌ରେ ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ପର୍ତ୍ତୁଗାଲ ୫-୦ ଗୋଲରେ ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ୪ ପଏଣ୍ଟ ପାଇ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ କରିଛି। ପର୍ତ୍ତୁଗାଲ ସହ ପ୍ରଥମ ମ୍ୟାଚ୍ ଡ୍ର ରଖିଥିବା କଙ୍ଗୋ ଶେଷ ଲିଗ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇପାରିଲେ ନକ୍‌ଆଉଟ



ଖେଳିବା ଦୌଡ଼ରେ ତିଷ୍ଠି ରହିବ।

କଙ୍ଗୋ ବିପକ୍ଷରେ ଗୋଲ ଦେବାକୁ କଲମ୍ବିଆକୁ ପ୍ରଥମାର୍ଦ୍ଧରେ ସଂଘର୍ଷ କରିବାକୁ ପଡ଼ିଥିଲା। କଙ୍ଗୋର ରକ୍ଷଣଭାଗ ବେଶ ସ୍ମାର୍ଟ ଥିଲା ଓ କଲମ୍ବିଆର ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। କଲମ୍ବିଆ ନିକଟରେ ୬୬ ଶତକଡ଼ା ବଲ ନିୟନ୍ତ୍ରଣ ୮୮ ଶତକଡ଼ା ସଠିକ୍ ପାସ୍ ଓ ଟାର୍ଗେଟରେ ୯ଟି ସଟ୍ ମାରିଥିଲେ ମଧ୍ୟ କେବଳ ଗୋଟିଏ ଗୋଲ କରିବାକୁ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୭୬ତମ ମିନିଟ୍‌ରେ ଡାନିଏଲ ମୁନୋଜ ଗୋଲ ସ୍କୋର କରି ସଂଘର୍ଷ କରୁଥିବା କଲମ୍ବିଆର ଖେଳାଳି ଓ ସମର୍ଥକମାନଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏବେଠାରୁ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ। ଇଂଲଣ୍ଡ ଓ ପର୍ତ୍ତୁଗାଲ ଭଳି ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଖେଳରେ ଉନ୍ନତି ନ ଆଣିଲେ ଦଳକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିବ।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୫, ଗୁରୁବାର ରାତି |
| ଆଇଭରୀ କୋଷ୍ଟ-କ୍ୟୁରାସାଓ |
| ଫିଲାଡେଲ୍‌ଫିଆ, ରାତି ୧.୩୦ |
| ଜର୍ମାନୀ-ଇକ୍ୱେଡର |
| ନ୍ୟୁ ଜର୍ସି, ରାତି ୧.୩୦ |
| ନେଦରଲାଣ୍ଡସ-ଟ୍ୟୁନିସିଆ |
| କାନସାସ୍ ସିଟି, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ସ୍ୱିଡେନ-ଜାପାନ |
| ଆରଲିଙ୍ଗଟନ, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ଜୁନ୍-୨୬ ଶୁକ୍ରବାର ସକାଳ |
| ଆମେରିକା-ତୁର୍କୀ |
| ଲସ୍ ଏଞ୍ଜେଲ୍ସ, ସକାଳ ୭.୩୦ |
| ଅଷ୍ଟ୍ରେଲିଆ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ୪୮ ମ୍ୟାଚ୍ ପରେ ୫ ଟିମ୍ ବିଦା

ଡଲାସ,୨୪।୬ (ଏଜେନ୍ସି): ଉତ୍ତରଆମେରିକାରେ ଚାଲିଥିବା ୨୩ତମ ଫିଫା ବିଶ୍ୱକପ୍‌ରେ ଏଥର ୪୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ଶେଷରେ ୧୬ଟି ଟିମ୍ ସ୍ୱଦେଶ ଫେରିବେ ଓ ୩୨ଟି ଟିମ୍ ନକ୍‌ଆଉଟକୁ ଉନ୍ନୀତ ହେବେ। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଲିଗ୍ ପର୍ଯ୍ୟାୟରେ ୭୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏଥର ଭାଗ ନେଇଥିବା ୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ଅର୍ଥାତ୍ ୨୪ଟି ଟିମ୍ ସିଧାସଳଖ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବେ। ବାକି ୮ଟି ଦଳ କିପରି ଆସିବେ। ନିୟମ ଅନୁଯାୟୀ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳ ରାଉଣ୍ଡ ଅଫ୍ ୩୨ର ସ୍ଥାନ ପୂରଣ କରିବେ। ପ୍ରଥମ ୪୮ଟି ମ୍ୟାଚ୍ ପରେ ୭ଟି ଦଳ ଯଥା ଯୁଗ୍ମ ଆୟୋଜକ ମେକ୍ସିକୋ ଓ ଆମେରିକା, କଲମ୍ବିଆ, ୪ଥରର ଚାମ୍ପିଅନ ଜର୍ମାନୀ, ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା, ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ନରୱେ ଟିମ୍ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତୃତୀୟ ରାଉଣ୍ଡ ଖେଳ ହେବା ପୂର୍ବରୁ ଯେଉଁ ଦଳଗୁଡିକ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ହାରିବା ପରେ ତୃତୀୟ ସ୍ଥାନ ହାସଲ କରିବାର ସମ୍ଭାବନା ନାହିଁ ସେହି ଦଳଗୁଡିକ ବାଦ୍ ପଡ଼ିଛନ୍ତି। ଏହି ୫ଟି ଟିମ୍ ହେଲେ ଗ୍ରୁପ୍-ସି'ରେ ହାଇତି, ଗ୍ରୁପ୍-ଡି'ରେ ତୁର୍କୀ, ଗ୍ରୁପ୍-ଏଫ୍'ରେ ଟ୍ୟୁନିସିଆ, ଗ୍ରୁପ୍-ଏଲ୍'ରେ ପାନାମା ଓ ଗ୍ରୁପ୍-ଜେ'ରେ ଜୋର୍ଡାନ। ଗ୍ରୁପ୍-ଆଇ'ରେ ୨ଟି ଦଳ ପ୍ରଥମ ୨ଟି ମ୍ୟାଚ୍ ହାରିଛନ୍ତି, ଗ୍ରୁପ୍-କେ'ରେ ଉଜ୍‌ବେକିସ୍ତାନ ୨ଟି ହାରିଥିଲାବେଳେ କଙ୍ଗୋ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବାରୁ କେଉଁ ଦଳ ବିଦା ହେବ ତାହା ସ୍ପଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର,୨୪।୬(ସମିସ): ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୮ ତାରିଖଯାଏ ଖେଳାଯିବ। ଏଥର ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସ୍କୁଲ ଗୁଡିକ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କୁ ମୋ-୬୩୭୨୮୮୭୦୬୯ କିମ୍ବା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମୋ-୯୯୩୭୧୪୧୮୬୧ରେ ଯୋଗାଯୋଗ କରିବାକୁ ସଭାପତି ତପନ ମହାନ୍ତି ଅନୁରୋଧ କରିଛନ୍ତି।

## ଛତିଶଗଡ଼ରେ ନ୍ୟାସନାଲ୍ ମିନି ଗଲ୍ଫ

ଭୁବନେଶ୍ୱର,୨୪।୬(ସମିସ): ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟଠାରେ ଆସନ୍ତାକାଲିଠାରୁ ନ୍ୟାସନାଲ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସ୍ମୃତିରେଖା ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରୁଛି। ଏହି ନ୍ୟାସନାଲ ପ୍ରତିଯୋଗିତାରେ ୨୧ଟି ରାଜ୍ୟର ପ୍ରତିନିଧିକ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଏଥର ଭଲ ସଫଳତା ପାଇବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ ଆଶା ପ୍ରକାଶ କରିଛନ୍ତି।




■ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

## କୋହଲିଙ୍କ ଟପିଲେ ଗିଲ୍

ଦୁବାଇ,୨୪।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ୮୪ ଓ ୧୫୪ ରନ୍ କରିଥିବା ଭାରତର ଅଧିନାୟକ ଶୁବମନ ଗିଲ୍ ସର୍ବଶେଷ ଦିନିକିଆ ମାନ୍ୟତାରେ ବିରାଟ କୋହଲିଙ୍କୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ନଂ-୧ସ୍ଥାନରେ ଥିଲାବେଳେ କୋହଲି ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଭାରତର ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ୧୬, ୪୮ ଓ ୭୯ ରନ୍ କରିଥିଲେ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିରେ ପୁଣିଥରେ ମାନ୍ୟତାରେ ପରିବର୍ତ୍ତନ ହେବାର ସମ୍ଭାବନା ରହିବ।

## ଇଂଲଣ୍ଡ ଗସ୍ତରେ ସୂର୍ଯ୍ୟବଂଶୀଙ୍କୁ ଅଲଗା ଡ୍ରେସିଂ ରୁମ୍



ଲଣ୍ଡନ, ୨୪।୬(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଲାଗି ଅଲଗା ଡ୍ରେସିଂ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଆଇସିସି ନିୟମ ଅନୁଯାୟୀ ମ୍ୟାଚ୍ ଖେଳାଯିବାକୁ ଥିବା ୫ଟି ଯାକ ଷ୍ଟାଡିୟମ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ, ବୈଭବ କେବଳ ଟିମ୍ ମିଟିଂ ଓ ଖେଳବେଳେ ସେ ଟିମ୍ ଡ୍ରେସିଂରୁମ୍‌କୁ ଯାଇପାରିବେ। ସେହିପରି ଜଣେ ପ୍ରାପ୍ତବୟସ୍କ ହୋଇ ନ ଥିବାରୁ ସେ ତାଙ୍କ ମାତାପିତାଙ୍କ ସହ ରହିବ। ଏଥିଲାଗି ମା' ଆରତୀ ଓ ପିତା ଅଜିତ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ପଠାଇବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବୈଭବ ଯେପରି ଏକୁଟିଆ ଅନୁଭବ ନ କରିବେ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ଫୁଟବଲ୍ ଖେଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

## ପ୍ରଜ୍ଞାଙ୍କୁ କାଂସ୍ୟ, ଜ୍ୟୋତିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୪।୬(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଆ ଧାବିକା ପ୍ରଜ୍ଞାପ୍ରଶାନ୍ତ ସାହୁ ୧୦୦ମିଟର ହର୍ଡଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଜ୍ଞା ୧୩.୪୮ ସେକେଣ୍ଡ ସମୟ ନେଇ ତୃତୀୟ ଓ ସବିତା ଟପ୍ପୋ ୧୩.୭୮ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। କିନ୍ତୁ ଏହି ବିଭାଗରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ରିଲାଏନ୍ସ ଆଥଲେଟିକ୍ ଫାଉଣ୍ଡେସନର



ଜ୍ୟୋତି ୟାରାଜୀ। କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ନେଉଥିବା ଜ୍ୟୋତି ଆଘାତ ସମସ୍ୟାରୁ ଫେରିବା ପରେ ୧୨.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ସହ ସେ ମଧ୍ୟ ଜାପାନ ଏସିଆନ୍ ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ପୋଲ ଭଲ୍ଟରେ ଏମ୍‌ପିର ଦେବ ମୀନା ୫.୪୫ ମିଟରକୁ ଡେଇଁ ସ୍ୱର୍ଣ୍ଣ ବିଜୟ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋ'ରେ ୟୁପିର ଅନୁଷ୍କା ଯାଦବ ୬୭.୦୨ ମିଟର ଦୂରତାକୁ ଫିଙ୍ଗି ଏହି ରେକର୍ଡ କରିଛନ୍ତି। ସେ ମଧ୍ୟ ଜାପାନ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଆଙ୍କ ମଧ୍ୟରେ ମହିଳା ଟ୍ରିପଲ ଜମ୍ପରେ ମେରୀମୁକ୍ତା ସୋରେଙ୍ଗ ୬ଷ୍ଠ, ମହିଳା ହାମର ଥ୍ରୋରେ ସନ୍ଧ୍ୟା ସାଣ୍ଡିଲ୍ୟ ୬ଷ୍ଠ ଓ ମହିଳା ୮୦୦ ମିଟର ଦୌଡ଼ର ହିଟ୍ସ-୨ରେ ଦୀପ୍ତିରାଣୀ ସାହୁ ୬ଷ୍ଠରେ ରହିଛନ୍ତି।

## ଟେଷ୍ଟ ବୋଲିଂ ଶୀର୍ଷରେ ବୁମ୍‌ରା ଓ ହେନ୍‌ରୀ

ଦୁବାଇ, ୨୪।୬(ଏଜେନ୍ସି): ଆଇସିସିର ସଦ୍ୟତମ ଟେଷ୍ଟ ବୋଲିଂ ମାନ୍ୟତାରେ ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରୀ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡର ପ୍ରଥମ ବୋଲର ଭାବେ ଟେଷ୍ଟ ବୋଲିଂ ମାନ୍ୟତାର ଶୀର୍ଷରେ ପହଞ୍ଚିଛନ୍ତି। ୩୪ ବର୍ଷ ବୟସ୍କ ହେନ୍‌ରୀ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରାଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛି। ଉଭୟ ବୁମ୍‌ରା ଓ ହେନ୍‌ରୀ ସମାନ ୮୭୦ ପଏଣ୍ଟ ପାଇଛନ୍ତି। ବିଶ୍ୱର ୧ନଂ ଟେଷ୍ଟ ବୋଲର ହେବାରେ ମ୍ୟାଟ୍ ହେନ୍‌ରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର। ୧୯୪୭ରେ ନ୍ୟୁଜିଲାଣ୍ଡର ଜ୍ୟାକ୍ କୋୱି ଓ ୧୯୮୪ରୁ ୧୯୯୦ ମଧ୍ୟରେ ରିଚାର୍ଡ ହାଡ୍‌ଲି ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଥିଲେ।

■ ମହିଳା ଟି-୨୦ ବିଶ୍ୱକପ୍

## ଭାରତ-ବାଂଲାଦେଶ ଲଢ଼େଇ ଆଜି

ମାଞ୍ଚେଷ୍ଟର,୨୪।୬(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ଏଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଆସନ୍ତାକାଲି ଖେଳାଯିବ। ଉଭୟ ଦେଶ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲାବେଳେ ଏହି ମ୍ୟାଚ୍‌ରେ ପରାଜିତ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବ। ଆଜି ଅଷ୍ଟ୍ରେଲିଆ ଦଳ କ୍ରମାଗତ ଚତୁର୍ଥ ବିଜୟ ପରେ ସେମିଫାଇନାଲ ଖେଳିବା ସ୍ପଷ୍ଟ କରିଛି। ଭାରତ ବାଂଲାଦେଶକୁ ହରାଇଲେ ମଧ୍ୟ ସେମିଫାଇନାଲ ଖେଳିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଭାରତ ତାହାର ଫର୍ମ ପ୍ରଦର୍ଶନ କରିବାକୁ ହେବ।

● ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ

## କନିଷ୍ଠ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତର ୨୪ ଜଣିଆ କନିଷ୍ଠ ମହିଳା ହକି ଦଳ ଗ୍ରେଟବ୍ରିଟେନ୍ ଗସ୍ତରେ ଯିବ। ଏହି ଗସ୍ତ ଲାଗି ସେଇଲିମା ଚାନୁଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ଗୋଲରକ୍ଷକ ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ମିଡ୍‌ଫିଲ୍ଡର ତନୁଜା ଟପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସ୍ଥାନ ମିଳିଛି। ଜୁଲାଇ ୫ରୁ ୧୪ ତାରିଖଯାଏ ହେବାକୁ ଥିବା ଏହି ଗସ୍ତରେ ସ୍କଟଲାଣ୍ଡ ଓ ଇଂଲଣ୍ଡ ସହ ଭାରତ ଖେଳିବ। ଏସିଆ କପ୍ ପୂର୍ବରୁ ଏହା ଦଳର ଭଲ ପ୍ରସ୍ତୁତି ହେବ ବୋଲି ନୂଆ ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS